NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
27 JUNE 2026
ଶନିବାର
୨୭ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 12 • ISSUE 27 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୨ • ସଂଖ୍ୟା ୨୭ | ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

ସିଆଇଆଇ ଇଷ୍ଟର୍ଣ୍ଣ ରିଜିଓନାଲ୍ କାଉନ୍‌ସିଲ୍ ସମ୍ମିଳନୀ

# ପୂର୍ବ ଭାରତର ବିକାଶରେ ଅଗ୍ରଣୀ ସାଜିବ ଓଡ଼ିଶା

## ଶିଳ୍ପାୟନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କଲେ 'ଗୋ ଇଷ୍ଟ' ପ୍ଲାଟ୍‌ଫର୍ମ

ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:



ସିଆଇଆଇ-ଇଷ୍ଟର୍ଣ୍ଣ ରିଜିଓନାଲ୍ କାଉନସିଲ୍ ବୈଠକ-୨୦୨୬ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ନୂଆ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି। ଓଡ଼ିଶା ସହିତ ସମଗ୍ର ପୂର୍ବ ଭାରତର ରାଜ୍ୟଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏକ ଯୁଗାନ୍ତକାରୀ ନୂଆ ପ୍ଲାଟଫର୍ମ 'ଗୋ ଇଷ୍ଟ' ଘୋଷଣା କରିଛନ୍ତି। 'ଗୋ ଇଷ୍ଟ'ର ଅର୍ଥ ହେଉଛି

**୧୫ ଜିଲ୍ଲାକୁ ମିଳିଲା 'ଥ୍ରଷ୍ଟ ସେକ୍ଟର' ମାନ୍ୟତା**

**ଶିଳ୍ପାୟନରେ ସବୁ ରେକର୍ଡ ଭାଙ୍ଗିବ ଓଡ଼ିଶା: ସିଏମ୍**

**୫ ବର୍ଷରେ ସାଜିବ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟ**

'ଗଭର୍ଣ୍ଣମେଣ୍ଟ ଅଫ୍ ଓଡ଼ିଶା-ଇଷ୍ଟର୍ଣ୍ଣ ଇନ୍‌ଭେଷ୍ଟମେଣ୍ଟ ଏକ୍ସିଲେରେଟର୍ ଆଣ୍ଡ ସ୍ପେସିଆଲ୍ ଟାସ୍କଫୋର୍ସ'। ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍‌କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ। ବିଗତ ୨ ବର୍ଷ ମଧ୍ୟରେ ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା ଏକ ବ୍ୟାପକ ସ୍ତରରେ ପହଞ୍ଚିଥିବା ବେଳେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି।ଏହି ସ୍ୱତନ୍ତ୍ର 'ଗୋ ଇଷ୍ଟ' ନୀତି ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ, ଯାହା ସମସ୍ତ ନିବେଶ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ। ଏଥିସହିତ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ୍' ମଧ୍ୟରେ ଏକ ସମର୍ପିତ 'ଗୋ ଇଷ୍ଟ ସେଲ୍' ଗଠନ କରାଯିବ। ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର 'ଗୋ ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପଦକ୍ଷେପ ଫଳରେ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସର୍ବାଧିକ ପୁଞ୍ଜି ନିବେଶ ହେବା ସହ ସେଠାରେ ଅନେକ ନୂଆ ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ ସେଣ୍ଟର (ଶିଳ୍ପ ବିକାଶ କେନ୍ଦ୍ର) ଗଢ଼ି ଉଠିବ, ଯାହା ସ୍ଥାନୀୟ ଅଞ୍ଚଳର ରୂପରେଖ ବଦଳାଇବ।

ଏହି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ ରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଥିବା ନେଇ ସୂଚନା ଦେଇଛନ୍ତି। ଏହି ସଂଶୋଧନ ଦ୍ୱାରା ରାଜ୍ୟର ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହି ଜିଲ୍ଲାଗୁଡ଼ିକୁ 'ଥ୍ରଷ୍ଟ ସେକ୍ଟର' ବା ଅଗ୍ରାଧିକାର ଶ୍ରେଣୀରେ ସାମିଲ କରାଯିବ, ଯାହା ଦ୍ୱାରା ରାଜ୍ୟରେ ସନ୍ତୁଳିତ ଆଞ୍ଚଳିକ ବିକାଶ ସମ୍ଭବ ହୋଇପାରିବ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସମସ୍ତ ଶିଳ୍ପଦ୍ୟୋଗୀମାନଙ୍କୁ କହିଥିଲେ ଯେ, ବିଗତ କିଛି ଦଶନ୍ଧି ଧରି ଭାରତର ଅର୍ଥନୈତିକ ଅଭିବୃଦ୍ଧି ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ କରିଡର୍ ଉପରେ ନିର୍ଭର କରୁଥିଲା। ମାତ୍ର ବର୍ତ୍ତମାନ ଭାରତର ବିକାଶ କାହାଣୀର ପରବର୍ତ୍ତୀ ବଡ଼ ଅଧ୍ୟାୟ ପୂର୍ବ ଭାରତରେ ଲେଖାଯାଉଛି। ପ୍ରଚୁର ଖଣିଜ ସଂସାଧନ, ବ୍ୟାପକ କୃଷି ସମ୍ଭାବନା, ଦୀର୍ଘ ତଟରେଖା ଏବଂ ଏକ ଯୁବ ତଥା ଆଶାବାଦୀ କାର୍ଯ୍ୟବଳ ଯୋଗୁଁ ଏହି ଅଞ୍ଚଳ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ଆମର ଲକ୍ଷ୍ୟ ହେଉଛି 'ସମୃଦ୍ଧ ଓଡ଼ିଶା ୨୦୩୬' ଭିଜନକୁ 'ବିକଶିତ ଭାରତ ୨୦୪୭' ସହିତ ଯୋଡ଼ି ରାଜ୍ୟକୁ ପୂର୍ବ ଭାରତର ସବୁଠାରୁ ନିବେଶକ-ଅନୁକୂଳ ସ୍ଥାନ ▶▶ ୫

---

ସ୍କୁଲ୍ ବହି ତ୍ରୁଟି ପାଇଁ ଆକ୍ସନ୍

# ୪ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ପାଠ୍ୟପୁସ୍ତକରେ ତ୍ରୁଟି ପାଇଁ ବଡ଼ ଆକ୍ସନ୍ ନେଇଛନ୍ତି ରାଜ୍ୟ ସରକାର। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସହିତ ୩ ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ ଓ ଭାରତୀ ଟୁଡୁଙ୍କୁ ନିଲମ୍ବିତ କରାଯାଇଛି। ଏହା ସହିତ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ହେଲେ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଏବଂ ଡକ୍ଟର ସୁଦର୍ଶନ ସନ୍ତରା। ଉନ୍ନୟନ କମିଶନର ଦେଓରଞ୍ଜନ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟିର ରିପୋର୍ଟ ମିଳିବା ପରେ

- **ଗଠିତ କମିଟିର ସୁପାରିସ୍ ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ**
- **ପୂର୍ବତନ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ସହିତ ତିନି ସହକାରୀ ନିର୍ଦ୍ଦେଶକ ସସ୍‌ପେଣ୍ଡ୍**
- **୬ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ**
- **କାର୍ଯ୍ୟକାରୀ କରାଯିବ କମିଟିର ୧୪ ସୁପାରିସ୍**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଅନ୍ୟପକ୍ଷରେ ପିଲାଙ୍କ ଶିକ୍ଷା ଓ ତ୍ରୁଟି ସୁଧାରିବା ପାଇଁ କମିଟି ୧୪ ଟି ସୁପାରିସ କାର୍ଯ୍ୟକାରୀ କରାଯିବ। ସେଗୁଡ଼ିକ ହେଉଛି ଏସ୍‌ସିଇଆର୍‌ଟି ପକ୍ଷରୁ ଆସନ୍ତା ୭ଦିନ ମଧ୍ୟରେ ଏକ 'ମାଷ୍ଟର ତ୍ରୁଟି ରେଜିଷ୍ଟର' ପ୍ରସ୍ତୁତ କରାଯାଇ ସାର୍ବଜନୀନ କରାଯିବା ସହ ଏକ ସ୍ୱତନ୍ତ୍ର ପବ୍ଲିକ ଏରାଟା ପୋର୍ଟାଲ୍ ମଧ୍ୟ ତିଆରି ହେବ। ପୁସ୍ତକରେ ଥିବା ଗୁରୁତର ତ୍ରୁଟିଗୁଡ଼ିକର ସଂଶୋଧନ ପାଇଁ ସବୁ ପିଲାଙ୍କୁ ସଂଶୋଧିତ ତଥ୍ୟ ସମ୍ବଳିତ ପୃଷ୍ଠା ବା ରିପ୍ଲେସମେଣ୍ଟ ପେଜ୍ ଓ ପ୍ରିଣ୍ଟେଡ୍ କରେକ୍ସନ ସିଟ୍ ଯୋଗାଇ ଦିଆଯିବ। ଏହି ସଂଶୋଧିତ ବିବରଣୀକୁ ହିଁ ଅଫିସିଆଲ୍ ଶିକ୍ଷାଦାନ ସଂସ୍କରଣ ଭାବେ ଘୋଷଣା କରାଯିବ ଏବଂ ଶିକ୍ଷକମାନଙ୍କୁ ଏଥିପାଇଁ ଓରିଏଣ୍ଟେସନ ବା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ▶▶ ୫

---

# ବଜ୍ରପାତ ନେଲା ୩ ଜୀବନ

ବୌଦ୍ଧ,ଗଜପତି, ୨୬।୬/ଏନ୍‌ଏନ୍‌ଏସ୍:

ରାଜ୍ୟର ପୃଥକ ପୃଥକ ସ୍ଥାନରେ ଶୁକ୍ରବାର ବଜ୍ରାଘାତରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଗଜପତି ଜିଲ୍ଲା ଆର୍ ଉଦୟଗିରି ଥାନା ଅନ୍ତର୍ଗତ ଅନୁଗୁର ପଞ୍ଚାୟତର ଟଟରଙ୍ଗ ଗାଁରେ ବଜ୍ରାଘାତରେ ବଡ଼ ଭାଇର ମୃତ୍ୟୁ ଘଟିଥିବା ବେଳେ ସାନ ଭାଇ ଗୁରୁତର ଆହତ ହୋଇଛନ୍ତି। ସେହିପରି ବୌଦ୍ଧ ଜିଲ୍ଲା ଶଗଡ଼ା ଝାଙ୍କରପଡ଼ା ଗାଁରେ ବଜ୍ରପାତରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ଗଜପତି ଟଟରଙ୍ଗ ଗାଁରେ ମୃତାହତମାନେ ହେଉଛନ୍ତି ଅନୁଗୁର ପଞ୍ଚାୟତର କାଟାମା ଗାଁର। ମୃତକଙ୍କ ନାଁ ଜିରାଦ ରଇତ ଓ ଆହତ ସାନ ଭାଇଙ୍କ ନାଁ ମୋଜେଶ ରଇତ। ଦୁଇ ଭାଇ ଅନୁଗୁର ପଞ୍ଚାୟତରୁ ରାସନ୍ ଚାଉଳ ନେଇ ନିଜ ଗାଁ କାଟାମା ଫେରୁଥିବା ବେଳେ ବାଟରେ ବର୍ଷା ହେବାରୁ ଟଟରଙ୍ଗ ସ୍କୁଲ ନିକଟରେ ଥିବା ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ସେହି ସମୟରେ ବଜ୍ରପାତ ହୋଇଥିଲା। ବଜ୍ରାଘାତରେ ଦୁଇ ଭାଇ ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆର.ଉଦୟଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ବଡ଼ ଭାଇକୁ ମୃତ ଘୋଷଣା କରିଥିବା ▶▶ ୫

**ଗଛ ତଳେ ଆଶ୍ରୟ ନେବା ହେଲା କାଳ**

---

# ଭିଜିଲାନ୍ସ ଜାଲରେ ଏଲ୍‌ଆଇ

ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:



୮୦ହଜାର ଟଙ୍କା ଲାଞ୍ଚ ନେଇ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ (ସିଡିଭିଓ) ଅଧୀନ ରାଇଗଡ଼ର ଲାଇଭ୍‌ଷ୍ଟକ୍ ନିରୀକ୍ଷକ (ଏଲ୍‌ଆଇ) ପ୍ରଫୁଲ୍ଲ ହାଲ୍‌ଦାର ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଏଲ୍‌ଆଇଙ୍କ ବାସଭବନରେ ଚଢ଼ଉ କରାଯିବା ପରେ ପୁଳାପୁଳା ନଗଦ ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ସୂଚନାନୁସାରେ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ସବ୍‌ସିଡି ଟଙ୍କା ପ୍ରଦାନ କରିବାକୁ ସେ ହିତାଧିକାରୀଙ୍କୁ ବାରମ୍ବାର ଦୌଡ଼ାଉଥିଲେ। ତେବେ ଏହା ପଛରେ ଏଲ୍‌ଆଇ ଶ୍ରୀ ହାଲଦାରଙ୍କ ମନ୍ଦ ଉଦ୍ଦେଶ୍ୟ ଥିଲା। ଶେଷରେ ମୁହଁ ଖୋଲି ୮୦ହଜାର ଟଙ୍କା ହାତଗୁଞ୍ଜା ଦେଲେ ରିହାତି ଅର୍ଥ ରିଲିଜ୍ କରିବେ ବୋଲି କହିଥିଲେ। କେବଳ ଏହା ନୁହେଁ, ଏହି ଅର୍ଥ ନଦେଲେ ସେମାନଙ୍କ ସବ୍‌ସିଡି ଟଙ୍କା ବନ୍ଦ କରିଦେବେ ବୋଲି ଧମକ ମଧ୍ୟ ଦେଇଥିଲେ। ▶▶ ୫

**ନେଉଥିଲେ ୮୦ ହଜାର ଟଙ୍କା ଲାଞ୍ଚ**

---

# ଘାଟିରୁ ଖସିଲା ବାଇକ୍, ୩ ମୃତ

ରାଇରଙ୍ଗପୁର,୨୬।୬/ଏନ୍‌ଏନ୍‌ଏସ୍:

ରାଇରଙ୍ଗପୁର ଗୋରଡ଼ାପାଣି ଘାଟିରେ ଭାରସାମ୍ୟ ହରାଇ ଏକ ବାଇକ୍ ଖସିପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ତିନିଜଣ ହେଲେ ସୁଦର୍ଶନପୁର ପଞ୍ଚାୟତ ଅନ୍ତର୍ଗତ ସାନଝରୀ ଗ୍ରାମର ମନଜ ମୁଣ୍ଡା (୩୦), ମନଜ ମୁଣ୍ଡାରୀ(୩୦) ଓ ଦୁଧିରୁଆ ଗ୍ରାମର ବିରସିଂ ମୁଣ୍ଡା (୩୦)। ତିନି ଜଣ ଟେଣ୍ଟ କାର୍ଯ୍ୟ କରିବା ପାଇଁ ପାହାଡ଼ ଉପରେ ଥିବା ଏକ ଗାଁକୁ ଯାଇ ଫେରିବାବେଳେ ଏହି ଅଘଟଣ ଘଟିଛି। ସୂଚନା ଅନୁଯାୟୀ, ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଗୋରଡ଼ାପାଣି ଗ୍ରାମକୁ ସମ୍ପୃକ୍ତ ତିନି ଜଣ ଏକ ବିବାହ ଉତ୍ସବ ପାଇଁ ଟେଣ୍ଟ କାର୍ଯ୍ୟ କରିବା ପାଇଁ ଗତକାଲି (ଗୁରୁବାର) ପୂର୍ବାହ୍ଣରେ ଯାଇଥିଲେ। ସେଠାରୁ ରାତିରେ ପାହାଡ଼ ଉପରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ତିନି ଜଣ ବାଇକ୍ ସହିତ ପାହାଡ ତଳ ଥିବା ପ୍ରାୟ ୧୫୦ ଫୁଟ ତଳେ ଥିବା ଖାଇରେ ଖସି ପଡ଼ିଥିଲେ। ଶୁକ୍ରବାର ଅପରାହ୍ଣରେ ଗୋରୁ ଚରାଉଥିବା କିଛି ବ୍ୟକ୍ତି ସେମାନଙ୍କ ମୃତ ଦେହ ଦେଖି ଅନ୍ୟ ଗ୍ରାମବାସୀଙ୍କୁ ଜଣାଇଥିଲେ। ▶▶ ୫

**ପାହାଡ଼ ଉପରସ୍ଥ ଗାଁକୁ ଯାଇ ଫେରିବାବେଳେ ଅଘଟଣ**

---

ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲା

# ଇସ୍ତଫା ଦେଲେ ଚମ୍ପତ ରାୟ, ଅନୀଲ ମିଶ୍ର

ଅଯୋଧ୍ୟା, ୨୬।୬/ଏଜେନ୍ସି:



**୧୪ ଦିନ ପାଇଁ ବିଭାଗୀୟ ହାଜତରେ ୮ ଅଭିଯୁକ୍ତ**

ଅଯୋଧ୍ୟା ରାମ ମନ୍ଦିର ଦାନ ବା ପାଣ୍ଠି ଚୋରି ମାମଲାରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥ ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଡାକ୍ତର ଅନିଲ ମିଶ୍ର ଇସ୍ତଫା ଦେଇଛନ୍ତି। ସୂତ୍ର ଅନୁଯାୟୀ, ମନ୍ଦିର ନିର୍ମାଣ ପ୍ରଭାରୀ ଗୋପାଳ ରାଓଙ୍କୁ ମଧ୍ୟ ମନ୍ଦିର ବ୍ୟବସ୍ଥାରୁ ବିଦା କରିଦିଆଯାଇଛି। ଏତଦ୍‌ବ୍ୟତୀତ ଦିନକ ପୂର୍ବରୁ ଚମ୍ପତ୍ ରାୟଙ୍କ ଡ୍ରାଇଭର ଭାବେ କାମ କରୁଥିବା ଟିନୁଙ୍କ ସମେତ ୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ସେମାନଙ୍କୁ ବିଚାର ବିଭାଗୀୟ ହାଜତ୍‌କୁ ପଠାଇ ଦିଆଯାଇଛି।

ରାମ ମନ୍ଦିର ଦାନ ଅର୍ଥ ହଡପ୍ ତଥା ଆତ୍ମସାତ୍ କରାଯିବା ମାମଲା ଜୁନ୍ ୭ରେ ସାମ୍ନାକୁ ଆସିଥିଲା। ଏନେଇ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ଟ୍ରଷ୍ଟର ସଦସ୍ୟ କୃଷ୍ଣ ମୋହନଙ୍କ ଅଭିଯୋଗ କ୍ରମେ ପ୍ରଥମ ଏଫ୍‌ଆଇଆର୍ ରୁଜୁ କରାଯାଇଥିଲା। ଯଦିଓ ଏଥିରେ ଚମ୍ପତ ରାୟ, ଡାକ୍ତର ଅନିଲ ମିଶ୍ରଙ୍କ ସମେତ ଅନ୍ୟ କୌଣସି ବଡ଼ ପଦାଧିକାରୀଙ୍କ ନାମ ନଥିଲା ତଥାପି ଏମାନଙ୍କ ଅଧୀନରେ ତଥା ଏମାନଙ୍କ ନିର୍ଦ୍ଦେଶରେ କାମ କରୁଥିବା ଅଭିଯୁକ୍ତଙ୍କ ନାମକୁ ସାମିଲ କରାଯାଇଥିଲା। ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୩ ତାରିଖରେ ଗଠିତ ଏସ୍‌ଆଇଟି ଟିମ୍ ତଦନ୍ତ କରିବା ସହ ନିଜ ତଦନ୍ତ ରିପୋର୍ଟ ଗତ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ହସ୍ତାନ୍ତର କରିଥିଲା। ଏହାର ଠିକ୍ ଦୁଇ ଦିନ ପରେ ହିଁ ଅର୍ଥାତ୍ ଗୁରୁବାର ବିଳମ୍ବିତ ରାତିରେ ହିଁ ଘଟଣାର ମୁଖ୍ୟ ଅଭିଯୁକ୍ତ ଟିନୁ ଓରଫ୍ ରାମଶଙ୍କର ଯାଦବଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନେ ହେଲେ ଲଭକୁଶ ମିଶ୍ର, ଅନୁକଳ୍ପ ମିଶ୍ର, ମନୀଷ ଯାଦବ, ଅବିନାଶ ଶୁକ୍ଳା, କରୁଣେଶ ପାଣ୍ଡେ, ସୁଭାଷ ଚନ୍ଦ୍ର ଶ୍ରୀବାସ୍ତବ ଏବଂ ରମାଶଙ୍କର ମିଶ୍ର। ଆଜି ଶୁକ୍ରବାର ଦିନ ଏହି ୮ ଅଭିଯୁକ୍ତଙ୍କର ମେଡିକାଲ୍ ପରୀକ୍ଷା ▶▶ ୫

---

# ହଷ୍ଟେଲରେ ହେବ ପିଏନ୍‌ଜି ସଂଯୋଗ

ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:




**ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ ଉଚ୍ଚଶିକ୍ଷା ବିଭାଗର ଚିଠି**

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନର ହଷ୍ଟେଲରେ ପିଏନଜି ସଂଯୋଗ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଲ୍‌ପିଜି ଯୋଗାଣ ଜନିତ ସମସ୍ୟା ଯୋଗୁ ଯେପରି ହଷ୍ଟେଲରେ ରୋଷେଇ ବାଧାପ୍ରାପ୍ତ ନହେବ, ସେଥିପାଇଁ ବିଭାଗ ଏହି ପଦକ୍ଷେପ ନେଇଛି। ଏନେଇବିଭାଗ ପକ୍ଷରୁ ବାଲେଶ୍ୱର, ଭୁବନେଶ୍ୱର, ବ୍ରହ୍ମପୁର, ଜୟପୁର ଓ ସମ୍ବଲପୁରରେ ଅବସ୍ଥାପିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ ଚିଠି କରାଯାଇଛି।

ଏହି ଚିଠିରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନଙ୍କ ପ୍ରଶାସନିକ କ୍ଷେତ୍ରାଧିକାରରେ ଥିବା ସମସ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଏଲ୍‌ପିଜି ଯୋଗାଣ ସଙ୍କଟ ସଂପର୍କରେ ଅବଗତ କରାଇବେ। ଏଭଳି ସମସ୍ୟା ସଂପର୍କରେ ସୂଚନା ପ୍ରଦାନ ପାଇଁ ଏକ ବିଭାଗୀୟ ହେଲ୍‌ପଲାଇନ ନମ୍ବର ଜାରି କରିବେ। ଏଲପିଜି ଯୋଗାଣ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଉପଯୁକ୍ତ ତଦାରଖ ଏବଂ ସମୟାନୁସାରେ ସମାଧାନ ସୁନିଶ୍ଚିତ କରିବେ। ସମସ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ପିଏନ୍‌ଜି ସଂଯୋଗ କରିବାକୁ ନିର୍ଦ୍ଦେଶ ଦେବାକୁ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ କୁହାଯାଇଛି। ଏହା ସହିତ ଯେଉଁଠାରେ ପିଏନ୍‌ଜି ସଂଯୋଗ ପାଇଁ ଭିତ୍ତିଭୂମି ରହିଛି, ▶▶ ୫

---

ଗଞ୍ଜେଇ ଚାଲାଣ

# ୩ ଶିକ୍ଷକ ଗିରଫ

ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:

ଗଞ୍ଜେଇ ଚାଲାଣ କରି ଗିରଫ ହୋଇଛନ୍ତି ୩ ଜଣ ଶିକ୍ଷକ। ଦୁଇ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଥିବା ବେଳେ ଅନ୍ୟ ଜଣଙ୍କୁ ଧରିଛି କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍। ଅବକାରୀ ବିଭାଗ ଦ୍ୱାରା ଗିରଫ ଶିକ୍ଷକ ଦ୍ୱୟ ହେଉଛନ୍ତି କିଶୋର କୁମ୍ଭାର ଓ ଜିତୁ ସାହୁ। ସେମାନଙ୍କ ସହିତ ଆଉ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନାଁ ସଞ୍ଜୟ ବାଗ। ଏହି ତିନି ଜଣଙ୍କ ଘର କଳାହାଣ୍ଡି ଜିଲ୍ଲା ମ. ରାମପୁର ଥାନା ଅଞ୍ଚଳରେ। ଆଜି ଭୋରରେ ଏହି ତିନି ଜଣ ଏକ କାରରେ କଳାହାଣ୍ଡିରୁ ବଲାଙ୍ଗିରକୁ ଗଞ୍ଜେଇ ଚାଲାଣ କରୁଥିଲେ। ସେମାନେ ୨୬ ନମ୍ବର ଜାତୀୟ ରାଜପଥରେ ଯାଉଥିବା ବେଳେ ବରଗାଁ ଛକରେ ମାଡି ବସିଥିଲେ ଟିଟିଲାଗଡ଼ ଓ ତୁଷୁରା ଅବକାରୀ ବିଭାଗ କର୍ମଚାରୀ। ସେମାନଙ୍କ ଗାଡ଼ିରୁ ୩୩ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହା ସହିତ ତିନି ଜଣଙ୍କୁ ▶▶ ୫

---

'ଅପରେସନ୍ ସିନ୍ଦୂର'

# ପ୍ରଥମ ଥର ୬ ସହିଦ୍‌ଙ୍କ ନାମ ସାର୍ବଜନୀନ

## ଜାତୀୟ ଯୁଦ୍ଧ ସ୍ମାରକୀରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ କରାଯିବ

ନୂଆଦିଲ୍ଲୀ, ୨୬।୬/ଏଜେନ୍ସି:




ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ତଥା ୨୬ ନୀରିହଙ୍କୁ ହତ୍ୟା କରାଯିବା ଘଟଣାର ଜବାବରେ ଭାରତୀୟ ସେନା ପାକିସ୍ତାନୀ ଆତଙ୍କବାଦୀଙ୍କ ବିରୋଧରେ ଏକ ଦୃଢ଼ ସାମରିକ କାର୍ଯ୍ୟାନୁଷ୍ଠାନ କରିଥିଲା। ଗତ ବର୍ଷ ମେ' ମାସ ୭ ତାରିଖରେ ପାକିସ୍ତାନ ବିପକ୍ଷରେ ଭାରତର ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ 'ଅପରେସନ୍ ସିନ୍ଦୁର'ର ନାମ ଦିଆଯାଇଥିଲା। ତେବେ ଏହି ଅପରେସନ୍ ସମୟରେ କର୍ତ୍ତବ୍ୟରତ ଅବସ୍ଥାରେ ସହିଦ୍ ହୋଇଥିବା ୬ ଭାରତୀୟ ଯବାନ୍‌ଙ୍କ ମଧ୍ୟରେ ଭାରତୀୟ ସ୍ଥଳସେନାର ପାଞ୍ଚ ଏବଂ ବାୟୁସେନାର ଜଣେ କର୍ମଚାରୀ ସାମିଲ ଅଛନ୍ତି। ଅପରେସନ୍ ସିନ୍ଦୁର' ଘଟଣାରେ ସହିଦ୍ ଏହି ୬ ବୀର ଯବାନ୍‌ଙ୍କ ସମ୍ପର୍କିତ ସୂଚନାକୁ କେନ୍ଦ୍ର ସରକାର ପ୍ରଥମ ଥର ପାଇଁ ସାର୍ବଜନୀନ କରିଛନ୍ତି।

କେନ୍ଦ୍ର ସରକାରଙ୍କ ଅନୁଯାୟୀ ଏହି ବୀର ସହିଦ୍ ଯବାନ୍‌ଙ୍କ ନାମ ନୂଆଦିଲ୍ଲୀ ଠାରେ ଥିବା 'ନ୍ୟାସନାଲ ୱାର୍ ମେମୋରିଆଲ୍ ବା ଜାତୀୟ ଯୁଦ୍ଧ ସ୍ମାରକୀରେ ଖୋଦିତ କରାଯିବ। ଜାତୀୟ ଯୁଦ୍ଧ ସ୍ମାରକୀରେ ଥିବା 'ତ୍ୟାଗ ଚକ୍ର' ଦେଶର ବୀର ସନ୍ତାନମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ। ଏଥିରେ ୧୬ଟି ଗୋଲାକାର ଗ୍ରାନାଇଟ୍ କାନ୍ଥ ରହିଛି; ସ୍ୱାଧୀନତା ପରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ପ୍ରତ୍ୟେକ ସୈନ୍ୟଙ୍କ ନାମ, ପଦବୀ ଏବଂ ୟୁନିଟ୍ ଏହି କାନ୍ଥର ଇଟାଗୁଡ଼ିକରେ ଖୋଦିତ ହୋଇଛି। ଏବେ ଅପରେସନ୍ ସିନ୍ଦୁରର ଏହି ୬ ଜଣ ବୀର ମଧ୍ୟ ଏହି ସ୍ମାରକୀର ଏକ ସ୍ଥାୟୀ ଅଂଶ ହେବେ। ସହିଦ୍‌ଙ୍କ ମଧ୍ୟରେ ସୁବେଦାର ମେଜର ପବନ କୁମାର, ରାଇଫଲମ୍ୟାନ୍ ସୁନୀଲ କୁମାର, ଲାନ୍ସ ନାଏକ ଦିନେଶ କୁମାର, ଅଗ୍ନିବୀର ମୁରଲୀ ନାଏକ, ହାଭିଲଦାର ସୁନୀଲ କୁମାର ସିଂ ଏବଂ ଭାରତୀୟ ବାୟୁସେନାର ସର୍ଜେଣ୍ଟ ସୁରେନ୍ଦ୍ର କୁମାର ସାମିଲ ଥିବା ଆଜି ସୂଚନା ଦିଆଯାଇଛି। ▶▶ ୫

---

ରକ୍ତରଞ୍ଜିତ ରାଜପଥ

# ଦୁର୍ଘଟଣାରେ ୭ ମୃତ

ରାମଗଡ,୨୬।୬/ଏଜେନ୍ସି:

ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାରେ ଏକ ହୃଦୟବିଦାରକ ସଡ଼କ ଦୁର୍ଘଟଣା ଘଟିଯାଇଛି। ଗୋଟିଏ ବ୍ୟାଣ୍ଡ ପାର୍ଟିର ସଦସ୍ୟଙ୍କୁ ନେଇ ଯାଉଥିବା ଭ୍ୟାନ ଉପରେ ମାଡ଼ି ଯାଇଛି କୋଇଲା ବୋଝେଇ ଟ୍ରକ। ଏଥିରେ ଭ୍ୟାନରେ ଥିବା ୮ ଜଣଙ୍କ ମଧ୍ୟରୁ ୭ ଜଣ ଘଟଣା ସ୍ଥଳରେ ପ୍ରାଣ ହରାଇଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗତକାଲି ବିଳମ୍ବିତ ରାତିରେ ରାଜ୍ରାପ୍ପା ପୁଲିସ୍ ଷ୍ଟେସନ ଅନ୍ତର୍ଗତ ବାରଲଙ୍ଗ ବୁଧବଜାର ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ପାରମ୍ପରିକ ନାଚଗୀତ କରୁଥିବା ଲୋକମାନେ ଭ୍ୟାନରେ ଯାଉଥିବାରେ ବେଳେ ସେମାନଙ୍କ ଗାଡ଼ିକୁ ଗୋଟିଏ କୋଇଲା ବୋଝେଇ ଟ୍ରକ ଦଳି ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଭ୍ୟାନଟି ପୂରା ଚୂରମାର ହୋଇ ଯାଇଛି। ଘଟଣା ସ୍ଥଳରେ ▶▶ ୫

## ନକଲି ସବ୍‌କଲେକ୍ଟର ଗିରଫ

**ଭୁବନେଶ୍ୱର,୨୬/୬/ଏନ୍‌ଏନ୍‌ଏସ୍:** ନିଜକୁ ଜଣେ ସବ୍‌କଲେକ୍ଟରର ମିଥ୍ୟା ପରିଚୟ ଦେଇ ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନକୁ ଠକୁଥିବା ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଅଞ୍ଚଳର ଜଣେ ଯୁବକ ବରଦା ସୁଧୀର (୨୬)କୁ ସହିଦନଗର ଥାନା ପୁଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଅଭିଯୁକ୍ତର ଜାମିନ ଆବେଦନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ତାଙ୍କ ନିକଟରୁ ଏକ ଦାମୀ ସନଗ୍ଲାସ୍ ଏବଂ ଠକେଇରେ ବ୍ୟବହୃତ ମୋବାଇଲ୍ ଫୋନ୍ ଜବତ କରିଛି। ଘଟଣାରୁ ପ୍ରକାଶ ଯେ, ଗତକାଲି ଅଭିଯୁକ୍ତ ବରଦା ସହିଦନଗରସ୍ଥିତ ରେ-ବ୍ୟାନ୍ ଶୋ'ରୁମ୍‌କୁ ଯାଇ ଏକ ଅତ୍ୟାଧୁନିକ ମେଟା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଚଷମା ପସନ୍ଦ କରିଥିଲା, ଯାହାର ରିହାତି ମୂଲ୍ୟ ୪୧,୮୦୦ ଟଙ୍କା ଥିଲା। ଏହି ଅର୍ଥ ପରିଶୋଧ ପାଇଁ ସେ ଶୋ'ରୁମ୍ କର୍ମଚାରୀଙ୍କୁ ଏକ ଜାଲ୍ ନ୍ୟାସନାଲ୍ ଇଲେକ୍ଟ୍ରୋନିକ୍ସ ଫଣ୍ଡ୍ସ ଟ୍ରାନ୍ସଫର୍ ସଫଳତାର ସ୍କ୍ରିନସଟ୍ ଦେଖାଇଥିଲା। ବ୍ୟାଙ୍କ ଖାତାରେ ଟଙ୍କା ଜମା ନହେବା ନେଇ କର୍ମଚାରୀମାନେ ସନ୍ଦେହ ପ୍ରକାଶ କରିବାରୁ ସେ ନିଜକୁ ସବ୍-କଲେକ୍ଟର କହିବା ସହ ସରକାରୀ ଅଧିକାରୀମାନେ ସବୁବେଳେ ୟୁପିଆଇ ବଦଳରେ ଏଭଳି ବ୍ୟାଙ୍କ କାରବାର କରନ୍ତି ଏବଂ ଏଥିପାଇଁ ଅଧଘଣ୍ଟାରୁ ଏକ ଘଣ୍ଟା ସମୟ ଲାଗେ ବୋଲି ମିଥ୍ୟା ଆଶ୍ୱାସନା ଦେଇଥିଲା। ବିଶ୍ୱାସ ଜନ୍ମାଇବା ପାଇଁ ସେ ନିଜର ମୋବାଇଲ୍ ନମ୍ବର ଓ ଗାଡ଼ିର ବିବରଣୀ ପ୍ରଦାନ କରି ଚଷମା ଧରି ଚମ୍ପଟ ମାରିଥିଲା। ପରବର୍ତ୍ତୀ ସମୟରେ ଫୋନ୍ ନ ଉଠାଇବାରୁ ଶୋ'ରୁମ୍ କର୍ମଚାରୀ ଶ୍ରୀନିବାସ ପାତ୍ରଙ୍କ ଏତଲା କ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୈଷୟିକ ଏବଂ ସାଇବର ସେଲ୍ ବିଶ୍ଳେଷଣ ଆଧାରରେ ସହିଦନଗର ଥାନା ପୁଲିସ ଅଭିଯୁକ୍ତକୁ ରାଜମହଲ ଛକ ନିକଟରୁ କାବୁ କରିଥିଲା। ପଚରାଉଚରା ବେଳେ ସେ ସମାନ ଢଙ୍ଗରେ ଜାଲ୍ ଅନଲାଇନ୍ ପେମେଣ୍ଟ କନଫର୍ମେସନ୍ ଦେଖାଇ ହୋଟେଲ ଶିଓ୍ୱାଲିକର ପରିଚାଳକଙ୍କୁ ମଧ୍ୟ ଠକିଥିବା ସ୍ୱୀକାର କରିଛି। ସେ ଏଭଳି ଅନେକ ବଡ଼ ଠକେଇ କରିଥିବା ସନ୍ଦେହ କରାଯାଉଛି ଏବଂ ଏନେଇ ଅଧିକ ଛାନଭିନ ଚାଲିଥିବା ସହିଦନଗର ଥାନାଧିକାରୀ ସୁଚିତ୍ରା ଦାସ ସୂଚନା ଦେଇଛନ୍ତି।

# ୫ ଦଫା ଦାବି ପୂରଣ ଲାଗି ବାର୍ କାଉନ୍‌ସିଲ୍‌ର ରଣହୁଙ୍କାର

**କଟକ,୨୬/୬/ଏନ୍‌ଏନ୍‌ଏସ୍:** ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୦ କୋଟିରୁ ୫୦ କୋଟି ଟଙ୍କାକୁ ବୃଦ୍ଧି, ଆଇନଜୀବୀମାନଙ୍କ ପାଇଁ ମଧୁବାବୁ ସ୍ୱାସ୍ଥ୍ୟବୀମା ପ୍ରଚଳନ, ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ, ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ତୁରନ୍ତ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପରିସରକୁ ଫେରାଇ ଆଣିବା ଓ ରାଜ୍ୟ ଆଇନଜୀବୀ

### ସମାଧାନ ନ ହେଲେ ଆନ୍ଦୋଳନ

ପରିଷଦର ସଚିବଙ୍କୁ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ସଚିବ ପଦରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଆଦି ଦାବି ସମ୍ପର୍କରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଆସନ୍ତା ୧୫ ଦିନ ମଧ୍ୟରେ ନିଷ୍ପତ୍ତି ନେବା ଲାଗି ଆଜି ରାଜ୍ୟ ଆଇନଜୀବୀ ପରିଷଦର ଜରୁରୀକାଳୀନ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ସରକାର ଆଇନଜୀବୀମାନଙ୍କ ଦାବି ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ମନୋଭାବ ପ୍ରଦର୍ଶନ କଲେ ଆଇନଜିବୀମାନେ ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ଓ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ରାଜ୍ୟ ଆଇନଜୀବୀ ପରିଷଦ(ବାର କାଉନସିଲ)ର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସୂଚନା ଦେଇଛନ୍ତି। ଶ୍ରୀ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଷଦ ବୈଠକରେ ଉପାଧ୍ୟକ୍ଷ ରାଜୀବ ମହାନ୍ତି, ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ଧଳ, ସୌରଚନ୍ଦ୍ର ମହାପାତ୍ର,ବିଭୁ ପ୍ରସାଦ ତ୍ରିପାଠୀ, ଅରୁପାନନ୍ଦ ଦାଶ, ମାନସ କୁମାର ଚାନ୍ଦ, ଦିନେଶ ଚନ୍ଦ୍ର ରାୟ, ଗିରିଜା ଶଙ୍କର ମିଶ୍ର, ଗିରିଧାରୀ ମହାପାତ୍ର, ନୃସିଂହ ଚରଣ ପଟ୍ଟନାୟକ, ପିଟା ରମେଶ ପାତ୍ର, ତପନ କୁମାର ବିଶ୍ୱାଳ, ବିଭୁ ପ୍ରସାଦ ଦାସ, ଆତ୍ମା ପ୍ରକାଶ ମହାନ୍ତି, ଦେବଦତ୍ତ ମିଶ୍ର, ଲକ୍ଷ୍ମୀନାରାୟଣ ପଟେଲ, ଅକ୍ଷୟ କୁମାର ସାମନ୍ତରାୟ ଓ ଧନଞ୍ଜୟ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଆଇନଜୀବିମାନଙ୍କର ସର୍ବୋଚ୍ଚ ନିୟାମକ ସଂସ୍ଥା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ କହିଛନ୍ତି ଯେ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ୧୯୮୭ ମସିହାରେ ଗଠନ କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ପ୍ରଥମେ ୨୦୧୪ -୨୦୧୫ ଆର୍ଥିକ ବର୍ଷରେ ୧କୋଟି ମ୍ୟାଚିଙ୍ଗ ଗ୍ରାଂଟ ପ୍ରଦାନ କରିଥିଲେ। ପରବର୍ତୀ ଅବସ୍ଥାରେ ୨୦୧୬-୨୦୧୭ ଆର୍ଥିକ ବର୍ଷରେ ଏହା ୩ କୋଟିକୁ ବୃଦ୍ଧି ପାଇଥିଲା, ୨୦୨୦- ୨୧ ଆର୍ଥିକ ବର୍ଷରେ ଏହି କଲ୍ୟାଣ ପାଣ୍ଠି ୫ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ଏବଂ ପରେ ୨୦୨୪ ମସିହାରେ ସରକାର ଏହାକୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ। ପ୍ରଥମ ଅବସ୍ଥାରେ ଯେତେବେଳେ ମ୍ୟାଚିଙ୍ଗ ଗ୍ରାଂଟ ୧ କୋଟି ଥିଲା



ସେତେବେଳେ ୩୦ ବର୍ଷର ସଦସ୍ୟତା ଥିବା ଆଇନଜୀବୀମାନେ ତାଙ୍କର ଅବସର ସମୟରେ ୨ ଲକ୍ଷ ୭୦ହଜାର ରାଶି ପାଉଥିଲେ।ତେଣୁ ଏ ସମ୍ପର୍କରେ ରାଜ୍ୟ ସରକାର ପୁନର୍ବିଚାର କରି ଆଇନଜୀବି କଲ୍ୟାଣ ପାଣ୍ଠିକୁ ୨୦ କୋଟି ଟଙ୍କାକୁ ବୃଦ୍ଧି କରି ଜଣେ ଆଇନଜିବୀ ଅବସର ନେବା ସମୟରେ ସର୍ବନିମ୍ନ ୧୫ ଲକ୍ଷ ଟଙ୍କା ପାଇବା ଦିଗରେ ରାଜ୍ୟ ସରକାର ଉଦ୍ୟମ କରିବା ପାଇଁ ଆଇନଜୀବୀ ପରିଷଦ ଅନୁରୋଧ କରିଛି। ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ତରଫରୁ ତା୨୪।୧୨।୨୦୨୪ରେ ହୋଇଥିବା ଏକ ବୈଠକରେ ରାଜ୍ୟ ସରକାରଙ୍କୁ ଆଇନଜିବୀ କଲ୍ୟାଣ ପାଣ୍ଠିକୁ ୯ ଲକ୍ଷ ଟଙ୍କା ସହାୟତା ରାଶି ଦେବା ପାଇଁ ପ୍ରସ୍ତାବ ଦିଆଯାଇଥିଲା।କିନ୍ତୁ ରାଜ୍ୟ ସରକାର ଏହାକୁ ଉପେକ୍ଷା କରି ମାତ୍ର ୪୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଏଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜ୍ୟ ସରକାର କେବଳ ପୂର୍ବରୁ ଦିଆଯାଉଥିବା ୧୦ କୋଟି ଟଙ୍କାକୁ ବୃଦ୍ଧି କରିଥିବା ହେତୁ ୪୦ ପ୍ରତିଶତ ବୃଦ୍ଧିକୁ ୧୦୦ ପ୍ରତିଶତରେ ଜଣେ ଆଇନଜୀବୀ ୬ ଲକ୍ଷ ୩୦ ହଜାର ବଦଳରେ ୯ ଲକ୍ଷ ଟଙ୍କା ପାଇ ପାରିବେ। ଏ ସମ୍ପର୍କରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ଉତର ମିଳିନାହିଁ।ଇତି ମଧ୍ୟରେ ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ବେଆଇନ ଭାବରେ ଓଡ଼ିଶା ରାଜ୍ୟ ଆଇନଜୀବୀପରିଷଦ ପରିସରରୁ ଅନ୍ୟତ୍ର ଉଠାଇ ନିଆଯାଇଛି। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ଆଇନଜୀବି ପରିଷଦ ସହ କୌଣସି ବିଚାର ବିମର୍ଶ କିମ୍ବା ଆଲୋଚନା କରିନାହାନ୍ତି। ରାଜ୍ୟ ଆଇନଜୀବୀ ପରିଷଦର ସଚିବଙ୍କୁ ଆଇନଜୀବୀ କଲ୍ୟାଣ ପାଣ୍ଠିରୁ ନିଲମ୍ବନ କରାଯାଇଛି। ଏପରିକି ଦୀର୍ଘ ସମୟ ଧରି ଆଇନଜୀବୀଙ୍କ ମୃତ୍ୟୁ ପରେ ମଧ୍ୟ ମୃତ୍ୟୁକାଳୀନ ରାଶି ପ୍ରଦାନରେ ବିଳମ୍ବକୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିନ୍ଦା କରିଛି। ଏଣୁ ରାଜ୍ୟ ସରକାର ଆଗାମୀ ୧୫ ଦିନ ମଧ୍ୟରେ ଆଇନଜୀବୀ କଲ୍ୟାଣ ପାଣ୍ଠିରେ ୪୦ ପ୍ରତିଶତ ବଦଳରେ ୧୦୦ ପ୍ରତିଶତ ବୃଦ୍ଧି କରି ଅବସରକାଳୀନ କିମ୍ବା ମୃତ ଆଇନଜୀବୀଙ୍କ ପରିବାରକୁ ସର୍ବନିମ୍ନ ୯ଲକ୍ଷ ଟଙ୍କା ପ୍ରଦାନ, ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ତୁରନ୍ତ ଆଇନଜୀବୀ ପରିଷଦ ପରିସରକୁ ଫେରାଇ ଆଣିବା, ରାଜ୍ୟ ଆଇନଜୀବୀ ପରିଷଦର ସଚିବଙ୍କୁ ରାଜ୍ୟ ଆଇନଜିବୀ କଲ୍ୟାଣ ପାଣ୍ଠି ସଚିବ ପଦରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର, ଆଇନଜୀବି କଲ୍ୟାଣ ପାଣ୍ଠିକୁ ୧୦ କୋଟି ରୁ ୫୦ କୋଟି ଟଙ୍କାକୁ ବୃଦ୍ଧି, ଆଇନଜୀବୀମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ମଧୁବାବୁ ସ୍ୱାସ୍ଥ୍ୟବୀମାର ପ୍ରଚଳନ, ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ପରିଷଦ ଦାବି କରିଛି। ଅନ୍ୟଥା ରାଜ୍ୟର ଷାଠିଏ ହାଜର ଓକିଲ ସେମାନଙ୍କ ନ୍ୟାର୍ଯ୍ୟ ଦାବି ଲାଗି ରାଜରାସ୍ତାକୁ ଓହ୍ଲାଇବେ। ଏଥିଲାଗି ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେ ପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ପରିଷଦ ପକ୍ଷରୁ ସତର୍କ କରାଇଦିଆଯାଇଛି।

### ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଚେତାବନୀ

## ଦାବି ପୂରଣ ନହେଲେ ୧ରୁ ସାମୂହିକ ଛୁଟି

**କଟକ,୨୬/୬/ଏନ୍‌ଏନ୍‌ଏସ୍:** ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ବାରମ୍ବାର ସରକାରଙ୍କ ପାଖରେ ତାଙ୍କର ମୌଳିକ ସମସ୍ୟାକୁ ନେଇ ଦାବି କରିଆସୁଥିଲେ ମଧ୍ୟ ସରକାର ଏ ଦିଗରେ କୌଣସି ପ୍ରକାର କର୍ଣ୍ଣପାତ କରୁନାହାଁନ୍ତି। ଯାହାକୁ ନେଇ ସମଗ୍ର ରାଜ୍ୟରେ 'ମିଶନ ସ୍ୱାଭିମାନ' ଜରିଆରେ ଗତ ୨୫ ତାରିଖରୁ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରି ଆସୁଛନ୍ତି। ଯଦି ଆଗାମୀ ଦିନରେ ସରକାର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତାହା ହେଲେ ଆସନ୍ତା ଜୁଲାଇ ୧ ତାରିଖରୁ ସମସ୍ତ କର୍ମଚାରୀ ଛୁଟିରେ ଯିବେ ବୋଲି ଆଜି ଜଗତପୁରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ୩୧୭ଗୋଟି ତହସିଲରେ ରେଭେନ୍ୟୁ ଇନ୍ସପେକ୍ଟର (ଆରଆଇ), ଆସିଷ୍ଟାଣ୍ଟ ରେଭେନ୍ୟୁ



ଇନ୍ସପେକ୍ଟର(ଏଆରଆଇ), ରେଭେ ନ୍ୟୁ ସୁପରଭାଇଜର (ଆରଏସ)ଙ୍କ ମୋଟ ପଦବୀ ସଂଖ୍ୟା ମଧ୍ୟରୁ ବର୍ତ୍ତମାନ ମାତ୍ର ୫୦ ଭାଗ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ କାର୍ଯ୍ୟାଳୟରେ ବିଦ୍ୟୁତ ଓ ସ୍ଥାୟୀ ଇଣ୍ଟରନେଟ୍‌ର ସୁବିଧା ନାହିଁ। ଗ୍ରୁପ୍ ଡି ପଦବୀ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ଧରି ଖାଲି ପଡ଼ିଥିବା ବେଳେ ଏହାକୁ ପୂରଣ କରାଯାଉନାହିଁ। ଯାହା ଫଳରେ ଆରଆଇମାନେ ଗ୍ରୁପ୍ ଡି ପଦବୀର ମଧ୍ୟ କାର୍ଯ୍ୟ କରୁଛନ୍ତି। ୨୦୨୫ ଜାନୁୟାରିରୁ ୧୦ରୁ ରାଜସ୍ୱ କ୍ଷେତ୍ର କର୍ମଚାରୀ ବା ଆରଆଇଙ୍କୁ ଅଣ-ରାଜସ୍ୱ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ଏହି ନିର୍ଦ୍ଦେଶନାମାକୁ ଅବଜ୍ଞା କରାଯାଇ ବେଆଇନ ଭାବରେ ଅଣ-ରାଜସ୍ୱ କାର୍ଯ୍ୟରେ ନିୟୋଜିତ କରାଯାଉଛି। ରାଜ୍ୟ ସରକାରଙ୍କ ପ୍ରଜା ନାମ ସଂଶୋଧନ ଏବଂ ଆମ ଗାଁ ଆମ ତହସିଲ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପ୍ରକାରର ଅର୍ଥ ବରାଦ ନଥିବା ବେଳେ ଆରଆଇ ମାନେ ଏହାକୁ ନିଜସ୍ୱ ଅର୍ଥରେ କାର୍ଯ୍ୟ କରୁଛନ୍ତି। ୧୯୮୩ ମସିହା ପରଠାରୁ କ୍ୟାଡର ପୁନର୍ଗଠନର ସଂଶୋଧନ କରାଯାଇନାହିଁ। ସ୍ଥାୟୀ ଭ୍ରମଣ ଭତ୍ତା, ମୋବାଇଲ ବାବଦରେ ଭତା ପ୍ରଦାନ କରାଯାଉନାହିଁ। ଛୁଟି ଦିନମାନଙ୍କରେ କାର୍ଯ୍ୟ କରିବା ପାଇଁ ଚାପ ପ୍ରୟୋଗ କରାଯାଉଛି। ଏହି ସବୁ ଦାବିଗୁଡିକର ତୁରନ୍ତ ବିଚାର କରାଯାଉ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଘର ରାଜ୍ୟ ସଭାପତି ସୁଚନ୍ଦ୍ର ମହାନ୍ତି ଏବଂ ସାଧାରଣ ସମ୍ପାଦକ ମହମ୍ମଦ ଜାଭେଦ ଅଖତର ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାମଚନ୍ଦ୍ର ପାତ୍ର, ପ୍ରଭାତି ସ୍ୱାଇଁ, ଉପସଭାପତି ଜ୍ୟୋତି ରଞ୍ଜନ ପଣ୍ଡା, ଆର୍. ଏନ୍. ପ୍ରଭାକର ରାଓ, ଯୁଗ୍ମ ସମ୍ପାଦକ ଶୁଭଜିତ ମଲ୍ଲୁଆଲ, କଟକ ଜିଲ୍ଲା ସଂଘର ସଭାପତି ସଞ୍ଜୟ କୁମାର ବେହେରା, ସାଧାରଣ ସମ୍ପାଦକ ଅରୁଣ କୁମାର ବିଶ୍ୱାଳଙ୍କ ସମେତ ରାଜ୍ୟର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଭିନ୍ନ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କୁ ସିପିଆଇର ସ୍ମାରକପତ୍ର

**କଟକ,୨୬/୬/ଏନ୍‌ଏନ୍‌ଏସ୍:** ଡବଲ୍ ଇଞ୍ଜିନ ସରକାରରେ ଜନସାଧାରଣ ବହୁଭାବରେ ହନ୍ତସନ୍ତ ହେଉଛନ୍ତି। ୩ ମାସ ହେବ ବାର୍ଦ୍ଧକ୍ୟ ଭତା, ବିଧବା ଭତ୍ତା ମିଳିନାହିଁ, ଏଥି ସହିତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସ୍ତୁତ କରି ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ନିଟ୍ ପ୍ରଶ୍ନପତ୍ର ଲିକ୍, ନପଙ୍ଗ ପଞ୍ଚାୟତରେ ଗ୍ରାମ୍ୟ ରାସ୍ତାଗୁଡ଼ିକର ନିର୍ମାଣରେ ଅହେତୁକ ବିଳମ୍ବ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରଭୃତିର ନିରାକରଣ ବ୍ୟବସ୍ଥା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ, ଅଘୋଷିତ ବିଦ୍ୟୁତ କାଟକୁ ବନ୍ଦ କରିବା ୩୦୦ ୟୁନିଟ୍ ବିଜୁଳି ଛାଡ଼ କରିବା ପ୍ରଭୃତି ଅନେକ ଦାବି ନେଇ ସିପିଆଇ ନେତା ରଶ୍ମି ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଗଣବିକ୍ଷୋଭ ଟାଙ୍ଗୀ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି



କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଅମରେନ୍ଦୁ ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ଉଦୟ କେଶରୀ ବର୍ମା, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ସୁନାକର ବରାଳ, ଚୌଦ୍ୱାର ଜୋନାଲ କମିଟି ସଦସ୍ୟ ଜୟ ସିଂ, ଯୁବନେତା ଅନୁପମ ପତି, ଶ୍ରମିକ ନେତା ତ୍ରଲୋକ୍ୟ ନାଥ, ହରିହର ମହାନ୍ତି, ରମେଶ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ଓଝା, ପ୍ରଶାନ୍ତ ସୂତାର, ଶେଖ୍ ରିଜୁଆନ, ଶେଖ୍ ସାଗିର, ସୁଦାମ ବାରିକ, ଝରି ଭୋଇ,ଦଳିତ ଆନ୍ଦୋଳନର ନେତା ମହେନ୍ଦ୍ର ଜେନା, ନପଙ୍ଗ କମିଟି ସଦସ୍ୟ ପ୍ରଦିପ୍ତ ନନ୍ଦ, ସନାତନ ପଣ୍ଡା, ଲିଙ୍ଗରାଜ ବେହେରା,ଚେମା ମଳିକ, ପୁରୁଷୋତମ ମଲ୍ଲିକ, ମହସିନ ଖାନ,ଏରସାଦ ଅଲ୍ଲୀ, ଅଭିମନ୍ୟୁ ମହାରଣା, ଅଶୋକ ସାମଲ, ପ୍ରଭାତ ଭୋଇ ଓ ବିନୁ ସାମଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହା ପୂର୍ବରୁ ଏକ ଶୋଭାଯାତ୍ରା ଟାଙ୍ଗୀ ବଜାର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲା। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଟାଙ୍ଗୀ-ଚୌଦ୍ୱାରଙ୍କୁ ପ୍ରଦାନ କରାଯାଇଥିଲା।

## ଅନନ୍ତ ମହାପାତ୍ରଙ୍କୁ ସୃଜନ ସମ୍ମାନ

**କଟକ,୨୬/୬/ଏନ୍‌ଏନ୍‌ଏସ୍:** କବି ଅନନ୍ତ ପଟ୍ଟନାୟକଙ୍କ ସ୍ୱର ଥିଲା ସାଧାରଣ ଜନତାର ସ୍ୱର। ଏହି ସ୍ୱର ସ୍ୱାଧୀନତା ପୂର୍ବେ ସଂଗ୍ରାମକୁ ପ୍ରଭାବିତ କରିଥିଲା ବେଳେ ସ୍ୱାଧୀନତା ପରବର୍ତୀ ସମାଜ ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା ବୋଲି କବିଙ୍କ ୩୯ତମ ସ୍ମୃତିସଂଧ୍ୟାରେ ଅତିଥିମାନେ ମତପ୍ରକାଶ କରିଥିଲେ। ଓଡ଼ିଶାର ପ୍ରାଚୀନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ଓ 'ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ' ମିଳିତ ଅନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକ କହିଲେ, କବି ଅନନ୍ତ ପଟ୍ଟନାୟକଙ୍କ 'ନବୀନ ଯୁଗର ତରୁଣ ଜାଗରେ' କବିତାର ପ୍ରାସଙ୍ଗିକତା ଆଜି ଅଧିକ ଗୁରୁତ୍ୱ ବହନ କରେ। ଉତ୍ସବରେ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହପାତ୍ରଙ୍କୁ 'ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ' ପ୍ରଦାନ କରାଯାଇଥିଲା। ଶ୍ରୀ ମହାପାତ୍ର କବିଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଡକ୍ଟର ସଂଜିତା ମିଶ୍ର 'କବି ଅନନ୍ତ



ପଟ୍ଟନାୟକଙ୍କ ଦୃଷ୍ଟିରେ କବିତା' ଶୀର୍ଷକ ସ୍ମାରକୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଜଗନ୍ନାଥ ରଥ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନନ୍ତ ପଟ୍ଟନାୟକଙ୍କ ଗଳ୍ପ ସଂକଳନ 'ଚଢ଼ା ଉତରା'କୁ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ଉନ୍ମୋଚନ କରିଥିଲେ। କବିଙ୍କ କବିତା ପାଠ କରିଥିଲେ କବି ପିନାକୀ ସିଂହ, ସୁଶାନ୍ତ ମହାପାତ୍ର, ସଞ୍ଜୟ ପରିଜା ଓ ସୁଚେତା ନନ୍ଦ। ସ୍ମୃତି ସଂସଦର ସମ୍ପାଦକ ବିଜୟ କୁମାର ପଢ଼ିହାରୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ। ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ। କବିଙ୍କ ଜୀବନ ଓ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ ଡକ୍ଟର ଶୁଭ୍ରାଂଶୁ ଭୂଷଣ ରାୟ। ମାନପତ୍ର ପାଠ କରିଥିଲେ ସରୋଜିନୀ ମିଶ୍ର (ପଣ୍ଡା)। ସ୍ମୃତି ସଂସଦ ପକ୍ଷରୁ ବର୍ଷୀୟାନ୍ ସାରସ୍ୱତ ସାଧକ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ କବିପୁତ୍ର କବି ଅମରେଶ ପଟ୍ଟନାୟକ, ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଆଦିତ୍ୟ ପ୍ରତାପ ଧଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ଅନୁଷ୍ଠାନର କାର୍ଯ୍ୟନିର୍ବାହିକା ସମିତି ସଦସ୍ୟା ମୀରା ବେଉରା।

## ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ

**କଟକ,୨୬/୬/ଏନ୍‌ଏନ୍‌ଏସ୍:** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ଆଜି ଜିଲ୍ଲାସ୍ତରୀୟ 'ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ କାରବାର ନିରୋଧ ଦିବସ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ନିଶା ମୁକ୍ତି ରଥ, ଦିବ୍ୟୋଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପ-ଜିଲ୍ଲାପାଳ, ସଦର କଟକ ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ଏହା ପରେ ଜିଲ୍ଲାପାଳଙ୍କ ନୂତନ ସଭାଗୃହରେ ନିଶାରୁ ମୁକ୍ତି



ନିମନ୍ତେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ କାର୍ଯ୍ୟରତ ୪ଟି ନିଶାମୁକ୍ତି କେନ୍ଦ୍ରର ଅନ୍ତେବାସୀ ଏବଂ ଅବକାରୀ ବିଭାଗ ଓ ପ୍ରଜାପିତା ବ୍ରହ୍ମା କୁମାରୀ ଝଞ୍ଜିରମଙ୍ଗଳାର ସଦସ୍ୟ ବୃନ୍ଦ ଉକ୍ତ ସଭାରେ ଭାଗ ନେଇଥିଲେ। ଭେଷଜ ବିଶେଷଜ୍ଞ ଡାକ୍ତର ପ୍ରଫେସର ଜୟନ୍ତ କୁମାର ପଣ୍ଡା, ବ୍ରହ୍ମ କୁମାରୀର ଗୀତା ଭଉଣୀ, ଅବକାରୀ ଅଧୀକ୍ଷକ, କଟକ କରୁଣାକର ସିଂହ ତିୱାରୀ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, ମନୋଜ କୁମାର ରଥ ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କଟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ତତ୍ ସହିତ ନିଶାରୁ ମୁକ୍ତ ରହିବା ନିମନ୍ତେ ଏକ 'ଶପଥ ପାଠ' ଗ୍ରହଣ କରାଯାଇଥିଲା। ଏହା ପରେ 'ରକ୍ତ ଚରିତ୍ର' ନାମରେ ଏକ ନୃତ୍ୟ ପରିବର୍ତନ ନିଶାମୁକ୍ତି କେନ୍ଦ୍ର, ଚୌଦ୍ୱାର ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ସର୍ବଶେଷରେ ଅବକାରୀ ବିଭାଗରେ କାର୍ଯ୍ୟରତ କମଳ ଲୋଚନ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ପବିତ୍ର ମହରମ୍ ଅବସରରେ ଭୁବନେଶ୍ୱର ଶିରିପୁର ନୂଆସାହିରେ ତାଜିଆ ଶୋଭାଯାତ୍ରା

### ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚର ବୈଠକ

## 'ନାଗରିକ ତଦାରଖ କମିଟି' ଗଠନ ଦାବି

**କଟକ,୨୬/୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଞ୍ଚର ପ୍ରତିଷ୍ଠାତା ସଭାପତି ତଥା ଆଇନଜୀବୀ ଅମୀୟ ଭୂଷଣ ବିଶ୍ୱାସଙ୍କ ପୌରୋହିତ୍ୟରେ ଗଣ୍ଡରପୁରସ୍ଥିତ ଉତ୍କଳ ସେବକ ସମାଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରୋଗୀଙ୍କ ଅଧିକାର ସୁରକ୍ଷା ସମ୍ବନ୍ଧୀୟ ମାମଲାରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲାର ପ୍ରଗତି ଓ ଅଦାଲତଙ୍କୁ କରାଯାଇଥିବା ଆବେଦନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରୋଗୀମାନେ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ସମ୍ମୁଖୀନ ହେଉଥିବା ଦୁର୍ବ୍ୟବହାର ଓ ନିର୍ଯାତନାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ତରଦାୟିତ୍ୱ ବୃଦ୍ଧି ପାଇଁ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ପ୍ରସ୍ତୁତ କରାଯାଇଛି, ଯାହାକୁ ଆରଡିସି (ଆଞ୍ଚଳିକ ରାଜସ୍ୱ ଆୟୁକ୍ତ)ଙ୍କ ସମେତ ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଜିଲ୍ଲାରେ ୫ରୁ ୭ ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ନେଇ ଏକ 'ନାଗରିକ ତଦାରଖ କମିଟି' ଗଠନ କରାଯାଇ ସମସ୍ତ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରର ସେବା ତଥା ଗୁଣାତ୍ମକ ମାନର ସମୀକ୍ଷା



କରିବା ସହ ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ମଞ୍ଚ ଦୃଢ଼ ଦାବି କରିଛି। ଏହି ସମାରୋହକୁ ଇଞ୍ଜିନିୟର ଅନ୍ୱୟ ଅଭିନବ ସଫଳତାର ସହ ସଂଯୋଜନା କରିଥିବା ବେଳେ ମଳୟ କୁମାର ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ମଞ୍ଚର ଉପଦେଷ୍ଟା ଶଶିକାନ୍ତ ନାଥ, ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଭାଗୀରଥି ସାହୁ, ପ୍ରତାପ କୁମାର ଜେନା, ବିଷ୍ଣୁ ଚରଣ ପରିଡ଼ା, ବିଜୟଲକ୍ଷ୍ମୀ ମହାପାତ୍ର, ଡକ୍ଟର ରୀତା ସାହୁ, ପ୍ରିୟମ୍ବଦା ନାୟକ, ବିଦ୍ୟୁତଲତା ସାହୁ, ସଲିଲ କୁମାର ସ୍ୱାଇଁ, ମହେନ୍ଦ୍ର ନନ୍ଦ, ଦେବଯାନୀ ସେଠୀ ଏବଂ ସନ୍ତୋଷ କୁମାର ଜେନାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ରୋଗୀ ଅଧିକାର ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଏବଂ ରୋଗୀଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ସମସ୍ତ ସଦସ୍ୟ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଏହି ଅବସରରେ ସଂକଳ୍ପ ଗ୍ରହଣ କରିଛନ୍ତି। ସମ୍ବାଦ ପ୍ରସାରଣ ପାଇଁ ପ୍ରତିନିଧି ଆଲୋକ ନାୟକ ସୂଚନା ପ୍ରଦାନ କରିଛନ୍ତି।

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହରେ ମୁଖ୍ୟମନ୍ତ୍ରୀ

# ଖୁବ୍‌ଶୀଘ୍ର ପ୍ରଣୟନ ହେବ ନୂତନ 'ଚଳଚ୍ଚିତ୍ର ନୀତି'

- ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ, ନମ୍ରତା ଦାସ ପାଇଲେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ
- ୬୨ ବିଭାଗରେ ସମ୍ମାନିତ ହେଲେ ଚଳଚ୍ଚିତ୍ର କଳାକାର
- କଳିଙ୍ଗ ଷ୍ଟୁଡ଼ିଓକୁ ଦେଶର ଏକ ପ୍ରମୁଖ ଡିଜିଟାଲ୍ ହବ୍‌ରେ ପରିଣତ କରାଯିବ
- ଓଡ଼ିଆ ଚଳଚ୍ଚିତ୍ର ଆମ ଜାତିର ଅସ୍ମିତାର ପରିଚୟ: ସିଏମ୍



**ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:** ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଜାତିର ଅସ୍ମିତାର ପରିଚୟ। ଏହାର ସର୍ବାଙ୍ଗୀନ ବିକାଶ ତଥା କଳାକାରମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଖୁବ୍ ଶୀଘ୍ର ଏକ ନୂତନ 'ଚଳଚ୍ଚିତ୍ର ନୀତି' ପ୍ରଣୟନ କରିବାକୁ ଯାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଓଡ଼ିଆ ସିନେମାର ସାମ୍ପ୍ରତିକ ସ୍ଥିତି ଓ ଏହାର ବିକାଶ ନେଇ ନିକଟରେ ଚଳଚ୍ଚିତ୍ର ଜଗତର ପ୍ରତିଭାମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି



ଯେ, କଳାକାରମାନଙ୍କ ସୁରକ୍ଷା ଓ ଉନ୍ନତମାନର ସିନେମା ନିର୍ମାଣ ପାଇଁ ବୈଷୟିକ ସହାୟତା ଯୋଗାଇଦେବାକୁ ସରକାର ସଂକଳ୍ପବଦ୍ଧ ଏବଂ ଏହି ଦିଗରେ ଖୁବ୍‌ଶୀଘ୍ର ଏକ ଶୁଭ ଖବର ମିଳିବ । ଓଡ଼ିଆ ସିନେମାର ସମୃଦ୍ଧ ଇତିହାସ ଏବଂ ଏହାର ଆରମ୍ଭକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଆତ୍ମପ୍ରକାଶ କରିବା ସହ ସେହି ବର୍ଷ ହିଁ ମହାନ ରାସ-ସ୍ରଷ୍ଟା ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କ ଦ୍ୱାରା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ନିର୍ମାଣ ହେବା ଏକ ଅପୂର୍ବ ସଂଯୋଗ । ଅତୀତରେ 'ମାୟା ମିରିଗ', 'ଭୁକା', 'ଶେଷ ଶ୍ରାବଣ' ଏବଂ 'ହାକିମ ବାବୁ' ଭଳି କାଳଜୟୀ



ସିନେମା ଓଡ଼ିଆ ମାଟିର ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇଥିଲା । ସାମ୍ପ୍ରତିକ ସମୟରେ 'ଦମନ', 'ପ୍ରତୀକ୍ଷା', 'ଶଲା ବୁଢ଼ା', 'ପୁଷ୍କରା', 'ବୋଉ ବୁଟୁ ଭୂତ' ଏବଂ 'ବର ବଧୂ' ଭଳି ଚଳଚ୍ଚିତ୍ରଗୁଡ଼ିକ ଆମ ମାଟିର ମୌଳିକ କାହାଣୀକୁ ନେଇ ଜାତୀୟ ସ୍ତରରେ ଓଡ଼ିଆ ସିନେମାକୁ ପୁଣି ଏକ ନୂତନ ପରିଚୟ ଦେଇଛନ୍ତି, ଯାହା ଓଡ଼ିଆ ସିନେମାର ଏକ ନୂତନ ସୂର୍ଯ୍ୟୋଦୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବର୍ତ୍ତମାନର ବୈଷୟିକ ଯୁଗ ଏବଂ ଓଟିଟି ପ୍ଲାଟଫର୍ମର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ନୂତନ ପିଢ଼ି ସିନେମାଟୋଗ୍ରାଫି, ସାଉଣ୍ଡ ଡିଜାଇନିଂ ଏବଂ ଭିଏଫ୍‌ଏକ୍ସ କ୍ଷେତ୍ରରେ



ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଆପଣେଇଛନ୍ତି। ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ପ୍ରଶିକ୍ଷଣ ଯୋଗାଇଦେବା ସହ କଳିଙ୍ଗ ଷ୍ଟୁଡ଼ିଓକୁ ଦେଶର ଏକ ପ୍ରମୁଖ ଡିଜିଟାଲ୍ ଏବଂ ପୋଷ୍ଟ-ପ୍ରଡକ୍ସନ ହବ୍‌ରେ ପରିଣତ କରାଯାଉଛି, ଯେପରି ଆମ ପିଢ଼ିକୁ କାମ ପାଇଁ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ଏଥିସହ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ସିନେମା ଟୁରିଜିମ୍‌ର ବିକାଶ କରିବାକୁ ସେ ଦେଶ ଓ ରାଜ୍ୟର ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଆହ୍ୱାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଉଭୟ ପ୍ରଯୋଜକ ଓ ଦର୍ଶକମାନଙ୍କୁ ଓଡ଼ିଆ ସିନେମାର ପୃଷ୍ଠପୋଷକତା ସାଜିବାକୁ ଅନୁରୋଧ କରିଛନ୍ତି। ପ୍ରଯୋଜକମାନେ ଆଧୁନିକତା ସହ ଓଡ଼ିଆ ସମାଜ ଓ ସଂସ୍କୃତିର ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମାଣ କଲେ ଦର୍ଶକ ନିଶ୍ଚିତ ଥିଏଟରକୁ ଫେରିବେ।



ସେହିପରି ଦର୍ଶକମାନଙ୍କୁ ସିନେମା ହଲ୍‌କୁ ଯାଇ ଓଡ଼ିଆ ଫିଲ୍ମ ଦେଖିବାକୁ ଅନୁରୋଧ କରି ସେ କହିଛନ୍ତି ଯେ, ଗୋଟିଏ ଚଳଚ୍ଚିତ୍ର ପଛରେ ଶହ ଶହ ପରିଚୟହୀନ ଟେକନିସିଆନ, ଲେଖକ ଓ ଗରିବ ଶ୍ରମିକଙ୍କ ଜୀବିକା ଜଡ଼ିତ ଥାଏ ।

ସେ ଆହୁରି କହିଛନ୍ତି ଯେ ଓଡ଼ିଆ ସିନେମାରେ ଓଡ଼ିଆତ୍ୱ ଅଛି। ଆମେ ସମସ୍ତେ ଟିମ୍ ଓଡ଼ିଶା ହୋଇ କାମ କରିବା। ଆମ ପାଖରେ ଅର୍ଥର କୌଣସି ଅସୁବିଧା ନାହିଁ। ଆମ ସରକାର ଆପଣଙ୍କ ମତାମତକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହ କହିଥିଲେ ଯେ ଓଡ଼ିଆ ଫିଲ୍ମ ସିନେମା ହଲରୁ ବାହାର କରି ଯଦି ଆଉ କୌଣସି ସିନେମାକୁ ପ୍ରଚାର କରାଯାଏ ତେବେ ସରକାରୀ ସ୍ତରରେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିପାଇଁ ସରକାର ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ।

ସୂଚନାଯୋଗ୍ୟଯେ ଚଳିତ ବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ, ୨୦୨୩ ବର୍ଷ ପାଇଁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ' ବରିଷ୍ଠ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ ଏବଂ ୨୦୨୪ ବର୍ଷ ପାଇଁ ଏହି ସମ୍ମାନ ବରିଷ୍ଠ ଅଭିନେତ୍ରୀ ନମ୍ରତା ଦାସଙ୍କୁ ପ୍ରଦାନ କରାଯିବା ସହ ଉଭୟଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଶେଷରେ ୨୦୨୩ ଓ ୨୦୨୪ ବର୍ଷ ପାଇଁ ମୋଟ୍ ୬୨ଟି ବିଭାଗରେ ବିଭିନ୍ନ ଚଳଚ୍ଚିତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା କଳାକାରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ।

ଏହି ସମାରୋହରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଦିଗପହଣ୍ଡିର ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇର ବିଧାୟକ ଆକାଶ ଦାସ ନାୟକ ଏବଂ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ବିଧାନସଭାର ବିଭିନ୍ନ କମିଟି ଗଠିତ

**ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:** ପ୍ରାୟ ତିନି ମାସ ଖାଲି ପଡ଼ିବା ପରେ ଗଠନ ହୋଇଛି ଓଡ଼ିଶା ବିଧାନସଭାର ବିଭିନ୍ନ କମିଟି। ବିଧାନସଭାର ବିଭିନ୍ନ ସ୍ଥାୟୀ, ବିଭାଗୀୟ ଓ ଗୃହ କମିଟି ଗଠନ ହୋଇଛି। ବିରୋଧୀ ଦଳ ସଦସ୍ୟ ରାଜ୍ୟପାଳଙ୍କୁ ଜଣାଇବା ପରେ କମିଟି ଗଠନ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ଏହି କମିଟିଗୁଡ଼ିକ ବଜେଟ୍ ବ୍ୟୟ, ସରକାରୀ ବିଭାଗର କାର୍ଯ୍ୟ ସମୀକ୍ଷା ଏବଂ ଅର୍ଥ ବିନିଯୋଗ ଉପରେ ନଜର ରଖିବ। ପବ୍ଲିକ ଆକାଉଣ୍ଟସ୍ କମିଟିର ଅଧ୍ୟକ୍ଷ ଭାବେ ପ୍ରମିଳା ମଲ୍ଲିକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଏହି କମିଟି ଗଠନକୁ ନେଇ ରାଜନୀତି ମଧ୍ୟ ଜୋର ଧରିଛି। ନିଲମ୍ବିତ ବିଧାୟକଙ୍କୁ କମିଟିରେ ସ୍ଥାନ ଦିଆଯିବାକୁ ନେଇ ବିଜେଡି ଓ କଂଗ୍ରେସ ପ୍ରଶ୍ନ ଉଠାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପବ୍ଲିକ ଆକାଉଣ୍ଟସ୍ କମିଟି ବା ପିଏସିର ଅଧ୍ୟକ୍ଷ ଭାବେ ପ୍ରମିଳା ମଲ୍ଲିକଙ୍କୁ ମିଳିଛି ବଡ଼ ଦାୟିତ୍ୱ । ସରକାର ବିଧାନସଭା ଦ୍ୱାରା ଅନୁମୋଦିତ ବଜେଟ୍ ଅନୁଯାୟୀ ଅର୍ଥ ଖର୍ଚ୍ଚ କରୁଛନ୍ତି କି ନାହିଁ, ତାହା ଯାଞ୍ଚ କରିବା ଏହି କମିଟିର ପ୍ରଧାନ ଦାୟିତ୍ୱ। ଏହି ଗୁରୁତ୍ୱପୂର୍ଣ୍ଣ କମିଟିର ଅଧ୍ୟକ୍ଷ ଦାୟିତ୍ୱ ପ୍ରମିଳାଙ୍କୁ ଦିଆଯିବା ଚର୍ଚ୍ଚାର ବିଷୟ ପାଲଟିଛି। କମିଟିରେ ରାମ ଚନ୍ଦ୍ର କାଡାମ, ଅରୁଣ ସାହୁ, ଗଣେଶ୍ୱର ବେହେରା, ସନାତନ ବିଜୁଳିଙ୍କ ସମେତ ୧୧ ବିଧାୟକ ସଦସ୍ୟ ରହିଛନ୍ତି।ଏଷ୍ଟିମେଟ୍ସ କମିଟିର ଅଧ୍ୟକ୍ଷ ହୋଇଛନ୍ତି ଜୟନାରାୟଣ ମିଶ୍ର। ପବ୍ଲିକ ଅଣ୍ଡର ଟେକିଂ କମିଟିର ଅଧ୍ୟକ୍ଷ ଭାବେ ପଦ୍ମଲୋଚନ ପଣ୍ଡାଙ୍କୁ ଚୟନ କରାଯାଇଛି। ଭାସ୍କର ମଢ଼େଇଙ୍କୁ ଏସ୍‌ସି-ଏସଟି ୱେଲଫେୟାର କମିଟିର ଅଧ୍ୟକ୍ଷ ଦାୟିତ୍ୱ ମିଳିଛି । କିନ୍ତୁ କମିଟି ଘୋଷଣା ପରେ ରାଜନୈତିକ ବିବାଦ ମଧ୍ୟ ଆରମ୍ଭ ହୋଇଛି। ନିଲମ୍ବିତ ୧୧ ଜଣ ବିଧାୟକ କିପରି କମିଟିରେ ସ୍ଥାନ ପାଇଲେ ସେନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ବିଜେଡିର ନିଲମ୍ବିତ ୮ଜଣ ବିଧାୟକ ପାଇଁ ବିଜେଡି କୌଣସି ସୁପାରିଶ କରିନାହିଁ। ସେମାନେ କଣ ସରକାରୀ ଦଳ ପକ୍ଷରୁ ନାମାଙ୍କନ ଭରିଲେ କି ବୋଲି ପ୍ରଶ୍ନ କରିଛନ୍ତି ଅରୁଣ। ପିସିସି ସଭାପତି ଭକ୍ତ ଦାସ ମଧ୍ୟ ବାଚସ୍ପତି ଗଠନ କରିଥିବା କମିଟିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବିଧାନସଭା କମିଟିରେ ନିଲମ୍ବିତ ବିଧାୟକଙ୍କୁ ସ୍ଥାନ ଦେବା ପ୍ରସଙ୍ଗରେ ଜବାବ ରଖିଛନ୍ତି ବାଚସ୍ପତି। ସମସ୍ତ ଅଭିଯୋଗକୁ ଖଣ୍ଡନ କରି, କହିଛନ୍ତି ବିରୋଧୀଙ୍କ ଅଭିଯୋଗରେ ସତ୍ୟତା ନାହିଁ। ସମସ୍ତ ଦଳର ମତ ନେଇ ନିୟମ ଅନୁସାରେ କମିଟି ଗଠନ କରାଯାଇଛି।

## ରାଜ୍ୟ କଂଗ୍ରେସର ନୂଆ ପ୍ରଭାରୀ ଲାଲ୍‌ଜୀ ଦେଶାଇ



**ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ସାଙ୍ଗଠନିକ ଭିତ୍ତିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଶୁକ୍ରବାର ଗୁଜରାଟର ବରିଷ୍ଠ କଂଗ୍ରେସ ନେତା ଲାଲଜୀ ଦେଶାଇଙ୍କୁ ଓଡ଼ିଶାର ନୂଆ ଏଆଇସିସି ପ୍ରଭାରୀ ଭାବେ ନିଯୁକ୍ତ କରିଛି। ସେ ବର୍ତ୍ତମାନର ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସ୍ଥାନ ନେବେ। ଏହି ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ଭେନୁଗୋପାଳ ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇଛି । ଲାଲଜୀ ଦେଶାଇ କଂଗ୍ରେସର ଜଣେ ଦକ୍ଷ ସାଙ୍ଗଠନିକ ନେତା ଭାବେ ପରିଚିତ। ୨୦୧୮ ମସିହାରୁ ସେ ଅଖିଳ ଭାରତୀୟ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଭାବେ କାର୍ଯ୍ୟ କରୁଛନ୍ତି। ଦଳର ସାଙ୍ଗଠନିକ ବିସ୍ତାର, କର୍ମୀ ପ୍ରଶିକ୍ଷଣ, ସଦସ୍ୟତା ଅଭିଯାନ ଏବଂ ନିର୍ବାଚନୀ ପ୍ରସ୍ତୁତିରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ସେ କଂଗ୍ରେସ ୱାର୍କିଂ କମିଟିର ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ମଧ୍ୟ ଅଟନ୍ତି । ଅନ୍ୟପକ୍ଷରେ, ଉତ୍ତର ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ଲଲ୍ଲୁ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପରବର୍ତ୍ତୀ ସମୟରେ ଓଡ଼ିଶାର ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କ କାର୍ଯ୍ୟକାଳରେ ରାଜ୍ୟ କଂଗ୍ରେସର ସାଙ୍ଗଠନିକ ପୁନର୍ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତିଙ୍କ ନିଯୁକ୍ତି ସହ 'ସଙ୍ଗଠନ ସୃଜନ ଅଭିଯାନ' ମାଧ୍ୟମରେ ବୁଥ୍ ସ୍ତରରେ ଦଳକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ଏଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ ଲଲ୍ଲୁଙ୍କ ଅବଦାନକୁ ପ୍ରଶଂସା କରାଯାଇଛି।



## ବୁଗୁଡ଼ାରେ ଅଘୋଷିତ ବିଦ୍ୟୁତ୍ କାଟ୍

# ଟାୟାର ଜାଳି ରାସ୍ତା ଅବରୋଧ

**ବୁଗୁଡା, ୨୬/୬/ଏନ୍ଏନ୍ଏସ୍:** ରାଜ୍ୟ ସରକାର ଚବିଶି ଘଣ୍ଟିଆ ବିଦ୍ୟୁତ୍ ଯୋଗାଣର ଡିଣ୍ଡିମ ପିଟୁଥିବା ବେଳେ ଟାଟାର ଅଘୋଷିତ ବିଦ୍ୟୁତ କାଟ ଘଟଣା ବୁଗୁଡା ଅଞ୍ଚଳବାସୀଙ୍କ ପାଇଁ ପରିହାସ ସଦୃଶ ହୋଇଛି । ମେଘ ଆସିଲେ କିମ୍ବା ସାମାନ୍ୟ ପବନ ହେଲେ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇଯିବା ଅଞ୍ଚଳବାସୀଙ୍କ ପାଇଁ ସାଧାରଣ ଘଟଣା ପାଲଟିଥିବା ବେଳେ ବିନା ମେଘ ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଛଟପଟ ହେଉଥିବା



ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ମାଡ ଭଳି ହେଉଛି । ଏନେଇ ବାରମ୍ବାର ଅଭିଯୋଗ କିମ୍ବା ଖବର ପ୍ରକାଶ ପାଇଲେ ମଧ୍ୟ ବିଦ୍ୟୁତ ବିଭାଗର ଖାତିର ନାହିଁ । ବିଶେଷକରି ବୁଗୁଡା ସହରର ପ୍ରେମଚାନ୍ଦ ନଗର, ମହୁଲିଆତୋଟା ସାହି, ବୁଦ୍ଧଖୋଲ ରୋଡ ସାହି, ଅନ୍ନପୂର୍ଣ୍ଣା ନଗରରେ ଦୀର୍ଘ ଚାରି ମାସ ହେଲା ବିଦ୍ୟୁତ୍ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ଗତ ଗୁରୁବାର ରାତିରେ ଲୋକେ ପୁରୁଣା ଷ୍ଟେଟ ବ୍ୟାଙ୍କ ସମ୍ମୁଖ ମୁଖ୍ୟ ସଡକରେ ଗଛଡାଳ ପକାଇ ଓ ଟାୟାର ଜାଳି ପ୍ରତିବାଦ କରିଥିଲେ । ରାସ୍ତା ଜାମ ଯୋଗୁଁ ଯାନବାହାନ ଚଳାଚଳ ପୁରାପୁରି ଠପ୍ ହୋଇଯାଇଥିଲା । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପ୍ରତିବାଦକାରୀଙ୍କୁ ବୁଝାସୁଝା କରିବାକୁ ପ୍ରୟାସ କରୁଥିଲା । ପରିସ୍ଥିତି ଜଟିଳ ହେବାରୁ ଘଟଣା ସ୍ଥଳରେ ଘଟଣା ସ୍ଥଳରେ ଭଞ୍ଜନଗର ଏସଡିପିଓ ପହଞ୍ଚିଥିଲେ । ବିଦ୍ୟୁତ୍ ବିଭାଗୀୟ ଜେଇଙ୍କୁ ଘଟଣା ସ୍ଥଳକୁ ଡକାଯାଇଥିଲା । ରାତି ପ୍ରାୟ ଦୁଇଟା ବେଳକୁ ନୂଆଁ କେବୁଲ ପକାଯାଇଥିଲା ବେଳେ ତିନିଟା ବେଳକୁ ବିଦ୍ୟୁତ୍ ଯୋଗାଣ ଠିକଠାକ୍ ହେବା ପରେ ଲୋକେ ଘରକୁ ଫେରିଥିଲେ । ପ୍ରକାଶ ଯୋଗ୍ୟ ଯେ, ଏଭଳି ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ବୁଗୁଡା ସହରର ଅନେକ ସାହିରେ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ସରକାରୀ କାର୍ଯ୍ୟାଳୟ, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କାର୍ଯ୍ୟରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି ।

## ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ

# ଆସିକାର ସମସ୍ତ ବୁଥ୍‌ରେ ଶତ ପ୍ରତିଶତ ଡିଜିଟାଇଜେସନ୍ ଶେଷ



**ଆସିକା, ୨୬/୬/ଏନ୍ଏନ୍ଏସ୍:** ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ୨୧୪ଟି ବୁଥ୍‌ରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆଉମାତ୍ର ୨ ଦିନ ପରେ ଅର୍ଥାତ୍ ୨୮ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଶତ ପ୍ରତିଶତ ଡିଜିଟାଇଜେସନ୍ ହୋଇଥିବା ଜଣାପଡିଛି । ଗଞ୍ଜାମ ଜିଲ୍ଲାପାଳ ଭି.କାର୍ତ୍ତୀ ଭାସନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୨୮ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଟୁଲିଆମ୍ବା ପ୍ରଧାନ, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଆସିକା ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଆସିକା ଏବିଡିଓ ସୁଶାନ୍ତ କୁମାର ବେହେରା, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଆସିକା ତହସିଲଦାର ସଙ୍ଗୀତା ସେଣ, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଆସିକା ତହସିଲର ଅତିରିକ୍ତ ତହସିଲଦାର ଅମରେଶ୍ ସାବତଙ୍କ ମାର୍ଗଦର୍ଶନ ଓ ପ୍ରେରଣା ସାଙ୍ଗକୁ ବିଏଲ୍ଓ ସୁପରଭାଇଜର ରାମନାଥ ପଟ୍ଟନାୟକ, ଶିବଶଙ୍କର ଜେନା, ସିମାଞ୍ଚଳ ସେଠୀ, ଧୋବା ବେହେରା, ନିରଞ୍ଜନ ପରିଡା, ସତ୍ୟନାରାୟଣ ସେଠୀ, ବଂଶୀଧର ପରିଡାଙ୍କ ସମେତ ସମସ୍ତ ବିଏଲ୍ଓ ସୁପରଭାଇଜର ଏବଂ ବିଏଲ୍ଓ ମାନେ ଏହି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ନିର୍ଭୁଲ ଓ ସଠିକ୍ ତଥା ତ୍ରୁଟିମୁକ୍ତ ଭାବେ ସଂପାଦନ କରିବା ପାଇଁ ପ୍ରୟାସ ଜାରି ରଖିଥିବା ଜଣାପଡିଛି । ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ୨୧୪ଟି ବୁଥ୍‌ରେ ଚାଲିଥିବା ବୃହତ୍ ଗଣତାନ୍ତ୍ରିକ କାର୍ଯ୍ୟକ୍ରମରେ ଶତ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ସହ ଇ-ପରିପୂରଣ (ଇ-ଡିଜିଟାଇଜେସନ୍) କାର୍ଯ୍ୟ ଶେଷ ହୋଇଥିବା ଜଣାପଡିଛି । ୧୨୮ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଆସିକା ବ୍ଲକର ୨୭ଟି ପଞ୍ଚାୟତ ଓ ପୌର ପରିଷଦର ୧୮ଟି ୱାର୍ଡର ୧୫୩ଟି ବୁଥ୍ ଏବଂ କବିସୂର୍ଯ୍ୟନଗର ବ୍ଲକର ୧୨ଟି ପଞ୍ଚାୟତର ୬୧ଟି ବୁଥ୍ ଏହିଭଳି ସମୁଦାୟ ୨୧୪ଟି ବୁଥ୍‌ରେ ଡିଜିଟାଇଜେସନ୍ କାର୍ଯ୍ୟ ସଫଳତାର ସହ ଶେଷ ହୋଇସାରିଛି ଫ ଆସନ୍ତା ଜୁଲାଇ ମାସ ୫ ତାରିଖରେ ନୂତନ ଚିଠା ଭୋଟର ତାଲିକା ପ୍ରକାଶ ପାଇବାର କାର୍ଯ୍ୟକ୍ରମ ରହିଛି । ଯେଉଁ ଭୋଟରମାନଙ୍କ ନାମ ଭୁଲବଶତଃ କିମ୍ବା କୌଣସି କାରଣରୁ ଚିଠା ଭୋଟର ତାଲିକାରେ କଟି ଯାଇଛି ସେମାନେ ଜୁଲାଇ ମାସ ୫ ତାରିଖରୁ ଅଗଷ୍ଟ ମାସ ୪ତାରିଖ ମଧ୍ୟରେ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଦାଖଲ କରି ଆପତ୍ତି ଅଭିଯୋଗ କରିପାରିବେ । ଆସନ୍ତା ସେପ୍ଟେମ୍ବର ମାସ ୨ ତାରିଖରେ ଆପତ୍ତି ଓ ଅଭିଯୋଗ ଗୁଡିକର ଶୁଣାଣି ଶେଷ ହେବା ସହ ସେପ୍ଟେମ୍ବର ମାସ ୬ ତାରିଖରେ ଚୂଡାନ୍ତ ଭୋଟର୍ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି । ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯାଉଥିବା ଦେଖିବାକୁ ମିଳୁଛି । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସ୍ୱଚ୍ଛ, ନିର୍ଭୁଲ, ନିର୍ଭରଯୋଗ୍ୟ ଓ ତ୍ରୁଟିଶୂନ୍ୟ କରିବା ଲାଗି ନିୟୋଜିତ ଥିବା ପ୍ରଶାସନର ବରିଷ୍ଠ ପଦାଧିକାରୀଙ୍କ ଠାରୁ ଆରମ୍ଭ କରି କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ନିଷ୍ଠାପର ପରିଶ୍ରମ, ଦାୟିତ୍ୱବୋଧ ସାଙ୍ଗକୁ ଜନସାଧାରଣଙ୍କ ସହଯୋଗ ଯୋଗୁଁ ଏହି ଅଭିଯାନ ଐତିହାସିକ ସଫଳତା ଦିଗରେ ଅଗ୍ରସର ହୋଇପାରିଛି ବୋଲି କୁହାଯାଉଛି । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ପରିଗଣନା ଫର୍ମ ବଣ୍ଟନ ଏବଂ ଇ-ପରିପୂରଣ (ଇ-ଡିଜିଟାଇଜେସନ୍) କାର୍ଯ୍ୟକୁ ସଫଳତାର ସହ ୧୨୮ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶେଷ କରିବାରେ ନିୟୋଜିତ ଥିବା ସମସ୍ତ କର୍ମଚାରୀଙ୍କ ଦଳଗତ ପ୍ରୟାସକୁ ସଚେତନ ନାଗରିକ ମହଲରେ ସ୍ୱାଗତ ଓ ଉଚ୍ଚ ପ୍ରଶଂସା କରିଛନ୍ତି ।

## ଗଞ୍ଜାମରେ ଜିଲ୍ଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ ଉଦ୍‌ଯାପିତ

# ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ସଂକଳ୍ପ

**ଛତ୍ରପୁର, ୨୬/୬/ଏନ୍ଏନ୍ଏସ୍:** ଆନ୍ତର୍ଜାତୀୟ ନିଶା ନିବାରଣ ଓ ଅବୈଧ ତସକରି ବିରୋଧ ଦିବସ-୨୦୨୬ ଅବସରରେ ଗଞ୍ଜାମ ଜିଲ୍ଲାରେ ଗତ ୧୭ ଜୁନରୁ ଆରମ୍ଭ ହୋଇଥିବା ୧୦ ଦିନବ୍ୟାପୀ "ନିଶାମୁକ୍ତ ଭାରତ ଅଭିଯାନ" ଗୁରୁବାର ଛତ୍ରପୁରଠାରେ ବ୍ୟାପକ ଜନସହଭାଗିତା ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଜିଲ୍ଲା ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ନିଶାମୁକ୍ତ ସମାଜ ଗଠନର ସଂକଳ୍ପକୁ ଆହୁରି ଦୃଢ଼ କରିଥିଲା । ଏହି ଅବସରରେ ଆଜି



ସକାଳେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଏବଂ ସୁନୀଲ କୁମାର କେରକେଟା ମିଳିତ ଭାବେ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ନିଶାମୁକ୍ତି ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଓ ବ୍ୟାନର ଧରି ଅଂଶଗ୍ରହଣକାରୀମାନେ ଛତ୍ରପୁର ସହର ପରିକ୍ରମା କରିଥିଲେ । ଶୋଭାଯାତ୍ରା ସ୍ଥାନୀୟ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଏକ ସମୂହ ଶପଥପାଠ କରାଯାଇଥିଲା । ଉପସ୍ଥିତ ସମସ୍ତେ ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନ କରିବା ଓ ସମାଜରୁ ନିଶା ଦୂର କରିବା ପାଇଁ ଶପଥ ଗ୍ରହଣ କରିଥିଲେ । ଜିଲ୍ଲାବ୍ୟାପୀ ପାଳିତ ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ସ୍କୁଲ, କଲେଜ ଓ ବ୍ଲକ ସ୍ତରରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା, ଶପଥ ଗ୍ରହଣ ଓ ସଚେତନତା ଶୋଭାଯାତ୍ରା ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ନିଶାମୁକ୍ତ ବ୍ୟକ୍ତିବିଶେଷ ଓ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଗଞ୍ଜାମ ଜିଲ୍ଲାର ଛତ୍ରପୁର, ଖଲ୍ଲିକୋଟ ଏବଂ କନିସିଠାରେ କାର୍ଯ୍ୟରତ ତିନୋଟି ସମନ୍ୱିତ ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ମାଧ୍ୟମରେ ଏହି ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ନିଶାମୁକ୍ତ ବ୍ୟକ୍ତିବିଶେଷ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ଶିକ୍ଷାବିତ୍ ସାହିତ୍ୟିକ ପ୍ରଫେସର ଡ. ରବିନାରାୟଣ ମିଶ୍ରଙ୍କ ସ୍ମୃତିଚାରଣ ସଭା

# ସରକାରୀ ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ ବୁଦ୍ଧିଜୀବୀଙ୍କ ଅସନ୍ତୋଷ

**ବ୍ରହ୍ମପୁର, ୨୬/୬/ଏନ୍ଏନ୍ଏସ୍:** ସ୍ଥାନୀୟ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ବିଶିଷ୍ଟ ଶିକ୍ଷାବିତ ସାହିତ୍ୟିକ କବି ପ୍ରଫେସର ଡକ୍ଟର ରବିନାରାୟଣ ମିଶ୍ରଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସହ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟ ସଭାପତି ହାଡ଼ିବନ୍ଧୁ ମାଳି ପୌରୋହିତ୍ୟ କରିଥିଲେ । ଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରାକ୍ତନ ମୁଖ୍ୟ ସାହିତ୍ୟିକ ପ୍ରଫେସର ଡକ୍ଟର ଇ. ରାଜା ରାଓ, ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସଭାପତି ବିଶିଷ୍ଟ ସ୍ତମ୍ଭକାର ରାଧା ଚରଣ ନାୟକ, ଉପଦେଷ୍ଟା ଡ. ସୂଚନା ପାଢୀ, ଲେଖିକା ସାମ୍ମୁଖ୍ୟ ସାଧାରଣ ସମ୍ପାଦିକା ଆରତୀ ଶତପଥୀ ଓ ଲେଖକ ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ମଞ୍ଚାସୀନ ଥିଲେ । ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା । ଏହି ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା



ପ୍ରଣୟନ କରାଯାଇଥିବା ବିଭିନ୍ନ ପାଠ୍ୟପୁସ୍ତକର ଏକାଧିକ ତ୍ରୁଟି ନିମନ୍ତେ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା । ଏହିଭଳି ତ୍ରୁଟି ପୂର୍ବରୁ କେବେ ହୋଇନାହିଁ ଏହା ଏକ ଅକ୍ଷମଣୀୟ ତ୍ରୁଟି ବୋଲି ପ୍ରତିବାଦ କରାଯାଇଥିଲା । ରାଜ୍ୟ ସରକାର ଯଥାଶୀଘ୍ର ତ୍ରୁଟି ସଂଶୋଧନ କରି ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇ ଦିଅନ୍ତୁ ବୋଲି ମତପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି, ଡ. ପ୍ରାଣଚାନ୍ଦ ପଣ୍ଡା, କୈଳାସ ଚନ୍ଦ୍ର ପଣ୍ଡା, ଡ. ସୂଚନା ପାଢ଼ୀ, ଉତ୍କଳ ସମ୍ମିଳନୀ ସଭାପତି ଡ. ସୁବ୍ରତ କୁମାର ସାହୁ, ଡ ବିଜୟ କୁମାର ମହାରଣା, ତ୍ରିନାଥ ନାୟକ, ଶ୍ୟାମା ପ୍ରସାଦ ପାଢୀ, ସୁବ୍ରତ କୁମାର ରଥ, ଭୀକାରି ଚରଣ ମହାପାତ୍ର, ଲଡ୍ଡୁ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ରକ୍ତଦାନ ଶିବିର, ୧୫୦୧ ୟୁନିଟ୍ ସଂଗ୍ରହ

**ଛତ୍ରପୁର, ୨୬/୬/ଏନ୍ଏନ୍ଏସ୍:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ ତମ ଜନ୍ମ ଦିନ ଅବସରରେ ଛତ୍ରପୁରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନୂଆ ବସଷ୍ଟାଣ୍ଡଠାରେ ଆୟୋଜିତ ଶିବିରରେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ଶହ ଶହ କର୍ମୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଶିବିରରୁ ୧୫୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ହେଉଥିବା ବେଳେ ବିଭିନ୍ନ ମେଡିକାଲରେ ରକ୍ତର ଘୋର ସଙ୍କଟ ଦେଖିବାକୁ ମିଳିଛି । ବିଶେଷ କରି ଏମକେସିଜି ମେଡିକାଲର ରକ୍ତ ଭଣ୍ଡାର ଓ ଅନ୍ୟ ମେଡିକାଲରେ ମଧ୍ୟ ରକ୍ତର ଅଭାବ ଯୋଗୁଁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶିବିରରେ ବ୍ରହ୍ମପୁର ଏମକେସିଜି ମେଡିକାଲର ରକ୍ତ ଭଣ୍ଡାର, ଭଞ୍ଜନଗର ମେଡିକାଲ ରକ୍ତ ଭଣ୍ଡାର, ଗଜପତି ମେଡିକାଲ ରକ୍ତ ଭଣ୍ଡାର ଓ କଟକ ମେଡିକାଲ ରକ୍ତ ଭଣ୍ଡାରର ଟିମ୍ ପହଞ୍ଚି ରକ୍ତ ସଂଗ୍ରହ କରିଥିଲେ । ଆଗାମୀ ଦିନରେ ମଧ୍ୟ



ଏଭଳି ରକ୍ତଦାନ ଜାରି ରହିବ ବୋଲି ବିଧାୟକ ଶ୍ରୀ ନାୟକ କହିଛନ୍ତି । ଶିବିରରେ ବିଧାୟକ ଙ୍କ ପ୍ରତିନିଧି ବନୋଜ ନାହାକ, ବିଜେପି ବରିଷ୍ଠ ନେତା କାହ୍ନୁଚରଣ ପତି,ବିଜେପି ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରେଡ୍ଡୀ, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ସାଂସଦ ପ୍ରତିନିଧି ସନ୍ତୋଷ ରେଡ୍ଡୀ, ରୁଇନା ପଟ୍ଟନାୟକ, ବରିଷ୍ଠ ବିଜେପି ନେତୃବୃନ୍ଦ ଯୁବ ନେତା, ଓ ସମସ୍ତ ମଣ୍ଡଳ ସଭାପତି, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଗଞ୍ଜାମ ବ୍ଲକ ସୁବଳିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ କେଦାର ନାଥ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଶାନ୍ତନୁ କୁମାର ନାହାକ, ପୂର୍ବତନ ନାଏବ ସରପଞ୍ଚ କୈଳାଶ ନାହାକଙ୍କ ସମେତ ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଥିଲେ । ଛତ୍ରପୁର ବିଧାୟକ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡ଼ା ପ୍ରଦାନ କରି ସ୍ୱାଗତ କରିଥିଲେ ।

# ବ୍ରିଜ୍ ନିର୍ମାଣ ପାଇଁ ଖୋଳାଯାଇଥିବା ଗାତରେ ପଡ଼ି ବାଇକ୍ ଚାଳକ ମୃତ

**ରଙ୍ଗେଇଲୁଣ୍ଡା, ୨୬/୬/ଏନ୍ଏନ୍ଏସ୍:** ଗୋଳନ୍ଥରା ଥାନା ଅଧିନସ୍ଥ ସୋରଳ ଜଙ୍ଗସନ ନିକଟରେ ଜାତୀୟ ରାଜପଥରେ ଅଣ୍ଡର ପାସ ନିର୍ମାଣ ପାଇଁ ଖୋଳା ଯାଇଥିବା ଖାଲରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ଆନ୍ଧ୍ର ପ୍ରଦେଶ ଇଚ୍ଛାପୁର ଦାସନପେଟା ଅଞ୍ଚଳର ନିରଞ୍ଜନ ମହାରଣା (୪୪) ବୋଲି ଜଣାପଡିଛି । ସୂଚନା ପ୍ରକାରେ ନିରଞ୍ଜନ ଗତକାଲି ରାତି ପ୍ରାୟ ସାଢେ ୯ଟା ବେଳେ ବ୍ରହ୍ମପୁରରୁ କାମ ସାରି ବାଇକ ଯୋଗେ ନିଜ ଗ୍ରାମକୁ ଫେରୁଥିଲେ । ଏହି ସମୟରେ ସୋରଳ ଜଙ୍ଗସନଠାରେ ଜାତୀୟ ରାଜପଥ ପକ୍ଷରୁ ଏକ ନିର୍ମାଣଧୀନ ଅଣ୍ଡର ପାସ୍ ନିର୍ମାଣ ପାଇଁ ଖୋଳା ଯାଇଥିବା ଖାଲରେ ବାଇକ୍ ସହ ଖସି ପଡି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ପୁଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଆଜି ସକାଳେ ଚିକିତ୍ସାଧୀନ ଅବସ୍ଥାରେ ନିରଞ୍ଜନଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଏନେଇ ମୃତ ନିରଞ୍ଜନଙ୍କ ଭାଇ ପ୍ରଭାତ ମହାରଣା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୨୩୫/୨୬ରେ ଏକ ମାମଲା ରୁଜୁ କରିଛି । ରାଜପଥ ନିର୍ମାଣ ସଂସ୍ଥା ପକ୍ଷରୁ ଉକ୍ତ ଅଣ୍ଡର ପାସ ନିର୍ମାଣ ସ୍ଥାନରେ ଆଲୋକିକରଣ କରାଯାଇନଥିବା ବେଳେ କୌଣସି ସିଗନାଲ ବୋର୍ଡ କିମ୍ବା ରେଡ଼ିଅମ ଷ୍ଟିକର ଲାଗି ନଥିବାରୁ ବାରମ୍ବାର ଗାଡି ଚାଳକ ଦୁର୍ଘଟଣାରେ ଶିକାର ହେଉଥିବା ଅଭିଯୋଗ ହୋଇଛି । ଏଥିପ୍ରତି ଏନଏଚ୍ଏଆଇ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ବିଧାୟକଙ୍କୁ ବଦନାମ କରିବାକୁ ପ୍ରୟାସ ଅଭିଯୋଗ

**ପୁରୁଷୋତ୍ତମପୁର, ୨୬/୬/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବ୍ଲକ ପରିସରରେ ଗତ ୨୪ ତାରିଖରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମରେ ଦୁଇ ବିଧାୟକ ଏବଂ ବ୍ଲକ ଅଧକ୍ଷା ଏବଂ ବିଡ଼ିଓ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ବହୁବିଧ ଉନ୍ନତିମୂଳକ ଯୋଜନା ଅନ୍ନପୂର୍ଣ୍ଣା ଯୋଜନା, ବିଭିନ୍ନ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ କୁହାଯିବା ସହ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା । ତେବେ କାର୍ଯ୍ୟକ୍ରମରେ ଦୁଇ ଜଣ ଅଙ୍ଗନବାଡ଼ି କର୍ମୀ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ମୋବାଇଲ ଗ୍ରହଣ କରିନଥିଲେ ।



ସେମାନେ ୫ଜି ମୋବାଇଲ ଦେବାକୁ ଦାବି କରିଥିଲେ । ବିଧାୟକ ଏହା ଉପରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଉଭୟ ଅଙ୍ଗନବାଡି କର୍ମୀଙ୍କୁ କହିଥିଲେ । କାହାର ଚାପରେ ପଡି ବିଧାୟକଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ଅଙ୍ଗନବାଡି କର୍ମୀ ଦ୍ୱୟ ଏଭଳି ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଆଜି ବିଧାୟକଙ୍କ ସମର୍ଥକଙ୍କ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି । ବିରୋଧୀ ଦଳର କିଛି ବ୍ୟକ୍ତିଙ୍କ ପ୍ରରୋଚନାରେ ପଡି ବିଧାୟକଙ୍କୁ ବଦନାମ ଉଦ୍ୟମ ଫଳପ୍ରଦ ହେବନାହିଁ ବୋଲି ନେତାମାନେ କହିଥିଲେ ।

# ପ୍ରହ୍ଲାଦ ନାଟକ ଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର ସମ୍ବର୍ଦ୍ଧିତ



**ବ୍ରହ୍ମପୁର, ୨୬/୬/ଏନ୍ଏନ୍ଏସ୍:** ଉତ୍କଳ ଆଶ୍ରମ ପକ୍ଷରୁ ପ୍ରହ୍ଲାଦ ନାଟକ ଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଗତ ଜୁନ୍ ୨୩ ତାରିଖ ଦିନ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଲୋକନାଟ୍ୟ ଗୁରୁ ସୀମାଞ୍ଚଳ ପାତ୍ରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ପଦ୍ମଶ୍ରୀ' ସମ୍ମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ନୂଆଦିଲ୍ଲୀରୁ ଫେରିବା ପରେ ଗୁରୁବାର ଅପରାହ୍ଣରେ ସେ ଭୁବନେଶ୍ୱରରେ ପହଞ୍ଚିଥିଲେ । ବିଳମ୍ବିତ ଅପରାହ୍ଣରେ ଭୁବନେଶ୍ୱରରୁ ବାହାରି ରାତି ସାଢ଼େ ୮ଟାରେ ବ୍ରହ୍ମପୁର ଉତ୍କଳ ଆଶ୍ରମ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉତ୍କଳ ଆଶ୍ରମ ନ୍ୟାସ ପକ୍ଷରୁ ପ୍ରହ୍ଲାଦ ନାଟକର ଖ୍ୟାତିପ୍ରାପ୍ତ ବର୍ଷୀୟାନ୍ ଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କୁ ଉପଢୌକନ ଓ ପୁଷ୍ପସ୍ତବକ ପ୍ରଦାନ ପୂର୍ବକ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପଦ୍ମଶ୍ରୀ ପାତ୍ରଙ୍କ ସାନପୁଅ ସାଇବ ପାତ୍ର ଓ ଲୋକନାଟ୍ୟ କଳାକାର ଆଲୋକ ବିଷୋୟୀ ମଞ୍ଚାସୀନ ଥିଲେ । ଉତ୍କଳ ଆଶ୍ରମ ନ୍ୟାସର ସଂପାଦକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏହି ସମ୍ବର୍ଦ୍ଧନା ସଭାରେ ପୌରୋହିତ୍ୟ କରିଥିଲେ । କଳିଙ୍ଗ ସାହିତ୍ୟ ସମାଜ ସମ୍ପାଦକ ଡ. ଶରତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ଅନନ୍ତରାମ କର କୌଣ୍ଡିନ୍ୟ, ବଡ଼ଖେମୁଣ୍ଡି ରାଜ ପରିବାର ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ, ଡ. ରମେଶ ଚନ୍ଦ୍ର ପ୍ରଧାନ, ଅନୁପ କୁମାର ମିଶ୍ର, ଡ. କୁଳମଣି ଓଝା, ଡ. ସଞ୍ଜୟ କୁମାର ପଣ୍ଡା, ଡ. ପ୍ରଦୋଷ କୁମାର ସ୍ୱାଇଁ, ଡ. ଅଶୋକ କୁମାର ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ, ନଳିନୀକାନ୍ତ ଗୌଡ଼, ଦିନବନ୍ଧୁ ଶ୍ରୀପଲ୍ଲବ, ରାଜଗୋପାଳ ପାଢ଼ୀ, ଡ. ମିହିର କୁମାର ତ୍ରିପାଠୀ, ସମୀର ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ନାୟକଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ପଦ୍ମଶ୍ରୀ ପାତ୍ରଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଅନ୍ତର୍ଜାତୀୟ ନିଶା ନିବାରଣ ଦିବସରେ ସଚେତନତା ପଦଯାତ୍ରା

**ବ୍ରହ୍ମପୁର, ୨୬/୬/ଏନ୍ଏନ୍ଏସ୍:** ଆନ୍ତର୍ଜାତୀୟ ନିଶା ନିବାରଣ ଓ ଅବୈଧ କାରବାର ବିରୋଧ ଦିବସ-୨୦୨୬ ଅବସରରେ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ଅବକାରୀ ବିଭାଗ ପକ୍ଷରୁ ଆଜି ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସହରର ଟାଟା ବେଞ୍ଚ ଛକ ସମେତ ଅନ୍ୟାନ୍ୟ ଅଞ୍ଚଳକୁ ଅବକାରୀ କର୍ମଚାରୀ, ପ୍ରଶାସନିକ କର୍ମଚାରୀ ପ୍ରମୁଖ ସାମିଲ ହୋଇ ସ୍ଲୋଗାନ ଦେବା ସହ ଲୋକଙ୍କୁ ନିଶା ସେବନର କୁ ପ୍ରଭାବ ସମ୍ପର୍କରେ ସଚେତନ କରିଥିଲେ । ନିଶା ଔଷଧକୁ ନା, ସୁସ୍ଥ ଜୀବନକୁ ହଁ, ପ୍ରଥମେ ଯେ ଡ୍ରଗ୍ସ ଖାଏ ପରେ ତାକୁ ଡ୍ରଗ୍ସ ଖାଏ ଆଦି ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ, ବିଭିନ୍ନ ବ୍ୟାନର, ପୋଷ୍ଟର ଧରି ଲୋକଙ୍କୁ ନିଶା ସେବନ ଓ ବେଆଇନ୍ କାରବାର ଠାରୁ ଦୁରେଇ ରହିବାକୁ ସଚେତନ କରାଯାଇଥିଲା ।

## ଆସିକା ଚିନିକଳକୁ ଆଧୁନିକୀକରଣ ପାଇଁ ଅନୁରୋଧ

# କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଚିଠି ଲେଖିଲେ ବ୍ରହ୍ମପୁର ସାଂସଦ

**ଆସିକା, ୨୬/୬/ଏନ୍ଏନ୍ଏସ୍:** ଆସନ୍ତା ଜୁଲାଇ ମାସ ୪ ତାରିଖରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ୍ ଶାହ ଓଡିଶା ଗସ୍ତରେ ଆସି ରାଜ୍ୟର ୩ଟି ପ୍ରମୁଖ ସମବାୟ ଚିନିକଳ (ନୟାଗଡ, ବଡମ୍ବା, ବଲାଙ୍ଗୀର)ର ପୁନରୁଦ୍ଧାର ଓ ନବୀକରଣ ପାଇଁ ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି । ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଏହାକୁ ସ୍ୱାଗତ କରିବା ସହ ଏହି ପଦକ୍ଷେପ ଓଡିଶାର ଚାଷୀକୁଳ ଏବଂ ସମବାୟ କ୍ଷେତ୍ର ପାଇଁ ଏକ ଦୂରଦୃଷ୍ଟି ସଂପନ୍ନ ଓ ଐତିହାସିକ ବୋଲି କହିଛନ୍ତି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ସାଂସଦ ଶ୍ରୀ ପାଣିଗ୍ରାହୀ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଏକ ସ୍ୱତନ୍ତ୍ର ପତ୍ର ଲେଖି ଏସିଆର ସର୍ବପୁରାତନ ଆସିକା ସମବାୟ ଚିନିଶିଳ୍ପର




ସାମଗ୍ରିକ ସଂସ୍କାର ଏବଂ ପ୍ରଯୁକ୍ତି ବିଦ୍ୟାର ପରିବର୍ତ୍ତନ ତଥା ଆଧୁନିକୀକରଣ ପାଇଁ ଜରୁରୀକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଆସିକା ଚିନିକଳ ଦକ୍ଷିଣ ଓଡିଶାର ହଜାର ହଜାର ଆଖୁଚାଷୀଙ୍କ ଅର୍ଥନୈତିକ ମେରୁଦଣ୍ଡ ହୋଇଥିଲା ବେଳେ ସାଂପ୍ରତିକ ପରିସ୍ଥିତିରେ ଏହାର ଭିତ୍ତିଭୂମି ପୁରୁଣା ହୋଇଯାଇଥିବାରୁ ସାମଗ୍ରିକ ନବୀକରଣ ଓ ଆଧୁନିକୀକରଣର ଆବଶ୍ୟକତା ରହିଛି । ଗତ ମାର୍ଚ୍ଚ ମାସ ୧୨ ତାରିଖରେ ଆସିକା ଚିନିକଳକୁ ଏକ ବହୁ ଉତ୍ପାଦ ବିଶିଷ୍ଟ ବାୟୋ-ରିଫାଇନାରୀ ତଥା ଗ୍ରୀନ୍ ଏନର୍ଜି ହବ୍‌ରେ ରୂପାନ୍ତରିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଏକ ପ୍ରସ୍ତାବ ପଠାଇଥିଲେ । ଆସିକା ଚିନିକଳର ଆଧୁନିକୀକରଣ ପ୍ରସ୍ତାବକୁ ଅଗ୍ରାଧିକାର ଭିତ୍ତିରେ ସାମିଲ୍ କରାଗଲେ ଏହା ଗଞ୍ଜାମ ତଥା ସମଗ୍ର ଦକ୍ଷିଣ ଓଡିଶାର କୃଷକମାନଙ୍କ ଜୀବିକାକୁ ସୁରକ୍ଷିତ ରଖିବା ସହ ଦେଶର ସମବାୟ ଆନ୍ଦୋଳନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ସାଂସଦ ଶ୍ରୀ ପାଣିଗ୍ରାହୀ ଆଶାବ୍ୟକ୍ତ କରିଛନ୍ତି । ଏନେଇ ସେ ନିଜ ସୋସିଆଲ୍ ମିଡିଆରେ ଏକ ପ୍ରେସ୍ ବିବୃତି ଜରିଆରେ ଏହି ସୂଚନା ଦେଇଛନ୍ତି । ଗଞ୍ଜାମ ଜିଲ୍ଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପାନୁଷ୍ଠାନ ରୂପେ ସୁଖ୍ୟାତି ଅର୍ଜନ କରି ଉନ୍ନତମାନର ଚିନି ଓ ବୋତଲ ମଦ ଉତ୍ପାଦନ କରିବା କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆସିକା ସମବାୟ ଚିନିଶିଳ୍ପର ଆଧୁନିକୀକରଣ ପାଇଁ ବ୍ରହ୍ମପୁର ସାଂସଦ ଶ୍ରୀ ପାଣିଗ୍ରାହୀ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀଙ୍କୁ ଚିଠି ଲେଖିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପ୍ରୟାସ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି ।

## ଟ୍ରକ୍ ଧକ୍କାରେ ଜଣେ ମୃତ

**ଚାନ୍ଦୋଳ,୨୬|୬/ଏନ୍‌ଏନ୍‌ଏସ୍:** ଡେରାବିଶ ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକ ନିକଟସ୍ଥ ଏକ ତେଲ ଟାଙ୍କି ନିକଟରେ ଗୁରୁବାର ଅପରାହ୍ନରେ ଟ୍ରକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଶିଶୁପୁତ୍ର ସମେତ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳର ରାଜୁ ବେହେରା (୨୪) କେନ୍ଦ୍ରାପଡ଼ାରୁ ନିଜ ଘରକୁ ଏକ ସ୍କୁଟି (ଓଡି-୦୨-୭୨୪୩)ରେ ତାଙ୍କର ଜଣେ ସମ୍ପର୍କୀୟ ମହିଳା ଓ ଏକ ଶିଶୁପୁତ୍ର ଧରି ତାଙ୍କ ଘରକୁ ଫେରୁଥିବା ବେଳେ ପଛପଟରୁ ତାଙ୍କୁ ଏକ ଟ୍ରକ୍ (ଓଆର-୦୪-ଏମ୍-୬୦୯୪)ଧକ୍କା ଦେଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ସୂଚନାମିଳିଛି। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆ ଯାଇଥିଲା।

## ବାଣିଜ୍ୟର ମୁଖଶାଳା ହେବ ମାର୍ଶାଘାଇ



**ମାର୍ଶାଘାଇ,୨୬|୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ସଫଳତାର ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ ମାର୍ଶାଘାଇ ବ୍ଲକ୍ ପ୍ରଶାସନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସରକାରୀ ଜନସଂପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ତୃପ୍ତି ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମୃଦ୍ଧ ଓଡ଼ିଶା ଗଠନରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା, କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ୨୪ ମାସରେ କେନ୍ଦ୍ରାପଡ଼ାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା,ମହାକାଳପଡ଼ାରେ ଜାହାଜ ନିର୍ମାଣ କାରଖାନା, ମାର୍ଶାଘାଇ ବାଣିଜ୍ୟର ମୁଖଶାଳା ହେବ ବୋଲି ମୁଖ୍ୟ ଅତିଥି ବିଧାୟକ ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ରଶ୍ମିରଞ୍ଜନ ରାଉତରାୟ, ବରିଷ୍ଠ ବିଜେପି ନେତା ସରୋଜକାନ୍ତ ସାହୁ,ବିକ୍ରମ କେଶରୀ ରାଉତରାୟ,ପ୍ରାକ୍ତନ ସମିତିସଭ୍ୟ ନିଗମ ପ୍ରସାଦ ରଥ, ସିଡିପିଓ ଶୈଳବାଳା ଚାଷୀ, ବ୍ଲକ୍ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଏବିଡିଓ ଇତିଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକ କାର୍ଡଧାରୀ ୫ଜଣ, ମଧୁବାବୁ ପେନ୍‌ସନ୍ ଭତ୍ତା ହିତାଧିକାରୀ ୨୦ଜଣ, ମୁଖ୍ୟମନ୍ତ୍ରୀ ଗୃହନିର୍ମାଣ କାର୍ଯ୍ୟାଦେଶ ୪ଜଣ, ଅଙ୍ଗନବାଡ଼ି କର୍ମୀ ୧୦ଜଣଙ୍କୁ ମୋବାଇଲ୍ ମୁଖ୍ୟଅତିଥି ଶ୍ରୀ ନାୟକ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ କର୍ମଚାରୀ ବିଶ୍ୱଜିତ୍ ରଥ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟରଞ୍ଜନ ମଲ୍ଲିକ, ଯୋଗାଣ ନିରୀକ୍ଷିକ ପ୍ରିୟଙ୍କା ସାହୁ, ମିଶନ ଶକ୍ତି ବିଭାଗର ବିପିସି ଅଖିଳ ଆଚାର୍ଯ୍ୟ, ଜୀବିକା ମିଶନ ବିପିଏମ୍ ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦିକା ପ୍ରତିମା ନାୟକ, ମଣ୍ଡଳ ସଭାପତି ପ୍ରଦୀପ ବେହେରା, ବଳଭଦ୍ର ଦାସ, ଜ୍ଞାନରଞ୍ଜନ ବସନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ମାର୍ଶାଘାଇ ଅଞ୍ଚଳର ବିଶିଷ୍ଟ ଉଦ୍ୟୋଗପତି ରନେନ୍ଦ୍ର କୁମାର ସ୍ୱାଇଁ ଏବଂ ଦୁଇଜଣ ଶିଳ୍ପୀ ନିଜ ବାସସ୍ଥାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



**ଧର୍ମଶାଳା,୨୬|୬/ଏନ୍‌ଏନ୍‌ଏସ୍:** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ସଭା ଗୃହ ପରିସରରେ ବ୍ଲକ୍ ପ୍ରଶାସନ ପକ୍ଷରୁ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ଯୋଗଦେଇ ବିବରଣୀପାଠ କରିଥିଲେ। ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ, ଜିଲ୍ଲା ଅନୁସୁଚିତ ଜାତି ଓ ଉପଜାତି ଅଧ୍ୟକ୍ଷ ଦଶମା ଜାରିକା, ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର , ସାଂସଦଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସରକାରଙ୍କ ଦୁଇବର୍ଷ ଶାସନକାଳରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୪ ଗୋଟି ପଞ୍ଚାୟତର ହଜାର ହଜାର ସଂଖ୍ୟାରେ ଗରିବ ହିତାଧିକାରୀମାନଙ୍କୁ ସାମିଲ କରାଯାଇଥିବା ତଥ୍ୟ ପ୍ରଦାନ କରାଯାଇଥିଲା। ଏଥିସହ ଏହି ଅବସରରେ ଆଜି ହିତାଧିକାରୀଙ୍କୁ ୨୨୦ ଗୋଟି ଅନ୍ତ୍ୟୋଦୟ ଆବାସଗୃହ, ମଧୁବାବୁ ପେନ୍‌ସନ୍ ଯୋଜନାରେ ୨୭୭ ଜଣ, ୩୧୪ ଜଣ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ୍ ଓ ହିତାଧିକାରୀଙ୍କୁ ଭତ୍ତା ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ହଜାର ହଜାର ସଂଖ୍ୟାରେ ବିଜେପି କର୍ମୀ ଓ ସାଧାରଣ ଲୋକେ ଯୋଗ ଦେଇଥିଲେ।

## ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ



**ଜଗତସିଂହପୁର,୨୬|୬/ଏନ୍‌ଏନ୍‌ଏସ୍:** ଆଜି ଅପରାହ୍ନରେ ଉଚ୍ଚଶିକ୍ଷା ବିଭାଗ ଏବଂ ଜଗତସିଂହପୁର ପୌର ପରିଷଦ ମିଳିତ ଆନୁକୂଲ୍ୟରେ ଚାତ୍ରା ସୋମନାଥ ହାଟ ବଜାର ନିକଟରେ ଏକ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେଙ୍କ ତତ୍ତ୍ୱାବଧାନରେ ପୌରାଞ୍ଚଳର ବିଭିନ୍ନ ମହାବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା, ସ୍ୱଚ୍ଛ ସାଥୀ, ପୌର ପରିଷଦ କର୍ମଚାରୀ ପ୍ରମୁଖ ସୋମନଥ ହାଟ ବଜାର ନିକଟରେ ଏକତ୍ରିତ ହୋଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ସିଂହ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱଚ୍ଛ ଭାରତର ବିଭିନ୍ନ ସ୍ଲୋଗାନ ସହ ଅଧିକାରୀ, ପିଲାମାନେ ଓ କର୍ମଚାରୀମାନେ ଅଳିଆ ଆବର୍ଜନା ସଫା କରି ପୌର ପରିଷଦ ଅଳିଆ ଗାଡିରେ ପକାଇଥିଲେ। ସ୍ୱଚ୍ଛ ଓଡ଼ିଶା ଆମର ଲକ୍ଷ୍ୟ, ସ୍ୱଚ୍ଛତା ଆମର କର୍ତ୍ତବ୍ୟ ଭଳି ବିଭିନ୍ନ ସ୍ଲୋଗାନ ଦେଇ ପିଲାମାନେ ଅଭିଯାନରେ ସାମିଲ ହୋଇଥିଲେ।

## ନାବାଳିକାକୁ ବିବାହ କରି ବନ୍ଧାହେଲା ଯୁବକ

**ଧର୍ମଶାଳା,୨୬|୬/ଏନ୍‌ଏନ୍‌ଏସ୍:** ଧର୍ମଶାଳା ଥାନା ହରିଦାସପୁର ପଞ୍ଚାୟତ ବାଲିଗରି ଗ୍ରାମର ଜଣେ ନାବାଳିକାକୁ ବିବାହ କରିଥିବା ଅଭିଯୋଗରେ ଜଣେ ଯୁବକକୁ ପୁଲିସ ଗିରଫ କରିଛି। ଗିରଫ ଯୁବକ ଜେନାପୁର ଥାନା ପାରୀକ୍ଷେତ ଗ୍ରମର ବାଙ୍କା ମଳିକଙ୍କ ପୁଅ ହରିହର ମଳିକ ( ୩୧ ) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ହରିହର ଗତବର୍ଷ ବାଲିଗରି ଗ୍ରାମର ୧୬ ବର୍ଷିଆ ନାବାଳିକାକୁ ବିବାହ କରି ଘରଜ୍ୱାଇଁଆ ଭାବେ ସେଠାରେ ରହୁଥିଲେ। ବର୍ଷକ ପରେ ଗତ ୨୧ ତାରିଖରେ ନାବାଳିକା ଜଣକ ଧର୍ମଶାଳା ଡାକ୍ତରଖାନାରେ ଏକ କନ୍ୟା ସନ୍ତାନ ଜନ୍ମ ଦେବା ପରେ ଘଟଣା ସାମନାକୁ ଆସିଥିଲା। ଏସମ୍ପର୍କରେ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ଗତ ୨୨ ତାରିଖରେ ଧର୍ମଶାଳା ଥାନାରେ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ ୨୬୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ନାବାଳିକାକୁ ବିବାହ କରିବା ଅଭିଯୋଗରେ ପୁଲିସ ସ୍ୱାମୀ ହରିହର ମଳିକଙ୍କୁ ଆଜି ଗିରଫ କରି କୋର୍ଟଚାଲାଣ କରିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

### ଫଳକରେ ସୀମିତ ମହାଭୋଇ ପୋଖରୀ ଉନ୍ନତିକରଣ

# ପୁନରୁଦ୍ଧାର ନାମରେ ପୋତା ଚାଲିଛି

**କେନ୍ଦ୍ରାପଡ଼ା,୨୬|୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ମେଡିକାଲ ଛକ ସ୍ଥିତ ମହାଭୋଇ ପୋଖରୀର ଉନ୍ନତିକରଣ ପାଇଁ ଦୀର୍ଘଦିନ ହେବ ୨ କୋଟି ୭୦ ଲକ୍ଷଟଙ୍କା ବ୍ୟୟବରାଦ ହୋଇଛି। ଏହି ଅର୍ଥରେ ପୋଖରୀରୁ ପାଣି ଶୁଖାଯାଇ ପଙ୍କ ବାହାର କରାଯାଇ ପୋଖରୀର ଚାରିପାଖରେ ପଥର ପ୍ୟାକିଂ କରାଯିବା ସହିତ ପୋଖରୀ ମଝିରେ ଏକ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯିବ। ଭାସମାନ ସେତୁଦ୍ୱାରା ଲୋକମାନେ ସେହି ଘର ପର୍ଯ୍ୟନ୍ତ ଯିବା ପାଇଁ ବ୍ୟସ୍ଥା କରାଯିବ। ପୋଖରୀ ଚାରିପାଖ ହୁଡାକୁ ପ୍ରଶସ୍ତିକରଣ କରାଯିବା ସହିତ ସେଥିରେ ଉଜ୍ୱଳ ଆଲୋକ ଏବଂ ଫୁଲଗଛ ଲଗାଇବା ପାଇଁ ବ୍ୟବସ୍ଥା କରାଯିବ। ପୋଖରୀ ଭିତରେ ଥିବା ଏକ ଉନ୍ନତ ଧରଣର ଡଙ୍ଗାରେ ପର୍ଯ୍ୟଟକମାନେ ଜଳକ୍ରୀଡା କରିପାରିବେ। ଏଥିପାଇଁ ୨୦୧୯ ମସିହା ଅଗଷ୍ଟ ୩୧ ତାରିଖ ସ୍ୱାୟତ ଶାସନ ଦିବସ ଅବସରରେ ବିଧାୟକ ଶଶୀଭୂଷଣ ବେହେରା ଓ ସାଂସଦ ଅନୁଭବ ମହାନ୍ତି ଏହାର ଶିଳାନ୍ୟାସ କରିଥିଲେ। କିନ୍ତୁ ୬ ବର୍ଷ ବିତିଯାଇଥିଲେ ମଧ ଏହି ପୋଖରୀ କାର୍ଯ୍ୟର ନା ଗନ୍ଧ ନାହିଁ ବରଂ ପୋଖରୀ ପୁନରୁଦ୍ଧାର ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ହେବା ସହିତ ବର୍ତ୍ତମାନ ଏହି ପୋଖରୀ ମ୍ୟୁନିସିପାଲିଟିର ଡମ୍ପିଂ ୟାର୍ଡ ପାଲଟିଛି। ସହରର ଅଳିଆ ଆବର୍ଜନା ଏହି ପୋଖରୀ ହୁଡାରେ ପକାଯାଇ ପୋଖରୀକୁ





ଖୋଳାଯିବା ପରିବର୍ତ୍ତେ ପୋତାଚାଲିଛି। ଏହାକୁ ନେଇ ବୁଦ୍ଧିଜୀବି ମହଲରେ ଅସନ୍ତୋଷ ଦେଖାଦେବା ସହିତ କିଛି ସଚେତନ ନାଗରିକ ଏହାର ପୁନରୁଦ୍ଧାର ପାଇଁ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ପୋଖରୀର ଉନ୍ନତିକରଣ ପାଇଁ ଯେଉଁ ଏସ୍‌ଟିମେଟ୍ ପୌରପରିଷଦ ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଉକ୍ତ ପୋଖରୀର ଉନ୍ନତି କରଣର ନାଁ ଗନ୍ଧ ଦେଖିବାକୁ ମିଳିନାହିଁ। ବରଂ ପୋଖରୀକୁ ସଫା କରିବା ଓ ଜଳ ନିଷ୍କାସନ କରିବା ବାବଦରେ ଲକ୍ଷାଧିକ ଟଙ୍କା ବାଟ ମାରଣ ହୋଇଛି। ପୌରପରିଷଦ ପକ୍ଷରୁ ଯେଉଁ ଅର୍ଥ ବ୍ୟୟବରାଦ କରାଯାଇଥିଲା ତାହା କାର୍ଯ୍ୟକାରୀ ହୋଇଥିଲେ ପୌରବାସୀଙ୍କ ଚିତ୍ତବିନୋଦନ ପାଇଁ ଏହି ପୋଖରୀ କାର୍ଯ୍ୟରେ ଲାଗିଥାନ୍ତା। ସନ୍ଧ୍ୟା ସମୟରେ ଲୋକେ ନିଜର କଷ୍ଟ ବିଷାଦ ମେଣ୍ଟାଇବା ପାଇଁ ଏହି ସ୍ଥାନ ବୁଲି ଚିତ୍ତବିନୋଦନ କରିଥାନ୍ତେ। ତେବେ ଏହି ପୋଖରୀର ଉନ୍ନତିକରଣ ପ୍ରସ୍ତାବ ଥାଇ ସୁଦ୍ଧା କାର୍ଯ୍ୟ ଆରମ୍ଭ ନ ହେବା ଏବଂ ଏହାକୁ ଡମ୍ପିଂ ୟାର୍ଡରେ ପରିଣତ କରିବା ଘଟଣା ବିଡମ୍ବନାର ବିଷୟ। ତେଣୁ ଏହି ପୋଖରୀର ପୁନରୁଦ୍ଧାର ପାଇଁ ଜିଲ୍ଲାପାଳ ହସ୍ତକ୍ଷେପ ଲୋଡିବାକୁ ସଚେତନ ନାଗରିକ ମାନେ ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି।

## ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଉଦ୍ୟମ

**ରାଜନଗର,୨୬|୬/ଏନ୍‌ଏନ୍‌ଏସ୍:** ରାଜ୍ୟର ବିଭିନ୍ନ ସ୍ଥାନରେ ବେଆଇନ ବାଲି ଚୋରାଚାଲାଣକୁ ନେଇ ବାଲି ମାଫିଆ ଓ ପ୍ରଶାସନ ମୁହାଁମୁହିଁ ହୋଇଥିବାର ଅନେକ ନଜିର ରହିଛି। ରାଜନଗର ବ୍ଲକରେ ବାଲି ବୋଝେଇ ହାଇୱାକୁ ଜବତ କରିବାକୁ ଯାଇଥିବା ଅତିରିକ୍ତ ତହସିଲଦାର ଆଶିଷକୁମାର ଜେନାଙ୍କ ଗାଡିକୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି । ଅତିରିକ୍ତ ତହସିଲଦାର ଶ୍ରୀ ଜେନା ରାଜନଗର ଥାନାରେ ଏନେଇ ଅଭିଯୋଗ କରିବା ପରେ ଘଟଣାସ୍ଥଳରୁ ପୁଲିସ ହାଇୱା ସହ ମାଲିକ କେଦାର ପ୍ରଧାନଙ୍କ ସହ ଗାଡି ସହ ତାଙ୍କୁ ଥାନାକୁ ଆଣି ଅଟକ ରଖିଛି । ଶୁକ୍ରବାର ସକାଳେ ଦୁଇଟି ବାଲି ବୋଝେଇ ହାଇୱା ଆସୁଥିବା ବିଶେଷ ସୂତ୍ରରୁ ଖବରପାଇ ଅତିରିକ୍ତ ତହସିଲଦାର ଶ୍ରୀ ଜେନା ଗାଡିକୁ ଜବତ କରିବା ପାଇଁ ପଛରେ ଗୋଡାଇଥିଲେ। ରାଜନଗର ସଦର ମହକୁମାଠାରୁ ପ୍ରାୟ ୧୨ କିଲୋମିଟର ଦୂର କାଠପଙ୍ଗରା ଛକ ନିକଟରେ ନିଜ କାର ଯୋଗେ ଅତିରିକ୍ତ ତହସିଲଦାରଙ୍କ ଗାଡିକୁ ଆଗକୁ ଯିବାକୁ ଦେଇନଥିଲେ। ଫଳରେ ହାଇୱାଟି କାଠପଙ୍ଗରା ଗାଁ ରାସ୍ତାରେ ବାଲି



ଢାଳି ଦେଇ ଖସି ଯିବାକୁ ସକ୍ଷମ ହୋଇଥିଲା। ଏନେଇ ଅତିରିକ୍ତ ତହସିଲଦାର ପୁଲିସକୁ ଜଣାଇଥିଲେ। ପୁଲିସ ସେଠାରେ ପହଞ୍ଚିଥିଲା। ନିଜ ଗାଡିରୁ ଓହ୍ଲାଇ କେଦାର ଅତିରିକ୍ତ ତହସିଲଦାରଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ କରିଛନ୍ତି । ପୁଲିସ ହାଇୱାକୁ ଜବତ କରିବା ସହ କାର ଓ କେଦାରକୁ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରୁଛି। ରାଜନଗର ଥାନାରେ କେଦାରଙ୍କ ନାମରେ ୨୬୧/୨୬ରେ ମାମଲା ରୁଜୁ ହୋଇଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ପ୍ରଶାନ୍ତ ସେଠୀଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ

**କେନ୍ଦ୍ରାପଡ଼ା,୨୬|୬/ଏନ୍‌ଏନ୍‌ଏସ୍:** ସରପଞ୍ଚ ଚାମେଲି ଓଝାଙ୍କ ସହ ବ୍ଲକ ପ୍ରଶାସନର ବିବାଦ ଘଟଣାରେ ପ୍ରଶାନ୍ତ ସେଠୀଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ଚାମେଲି ଦାବି କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ତିଖିରୀ ଗ୍ରାମ ପଞ୍ଚାୟତର

### ଚାମେଲି ଓଝାଙ୍କ ଦାବି



ସରପଞ୍ଚ ଚାମେଲି ଓଝା ମହାକାଳପଡ଼ା ବ୍ଲକ ପ୍ରଶାସନ ମଧ୍ୟରେ ହୋଇଥିବା ବିବାଦ ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦାବିରେ ସରପଞ୍ଚ ଚାମେଲି ଓଝା କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ଧାରଣା ସ୍ଥଳକୁ ଆସି ଚାମେଲିଙ୍କ ସହିତ ଆଲୋଚନା କରି ତିନିଦିନ ମଧ୍ୟରେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ସରପଞ୍ଚ ଚମେଲି ଓଝା ଧାରଣା ପ୍ରତ୍ୟାହାର କରିନେଇଥିଲେ। ଘଟଣା ଅନୁଯାୟୀ ଚଳିତ ମାସ ୧୧ ତାରିଖରେ ସରପଞ୍ଚ ଚାମେଲି ଓଝା ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରୁଥିବା ସମୟରେ କେତେକ ଯୁବକ ତାଙ୍କ ସହିତ ଗଣ୍ଡଗୋଳ କରି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହି ଘଟଣା ସାରା ଓଡିଶାରେ ଚର୍ଚ୍ଚାର ବିଷୟ ହୋଇଥିଲା। ଚାମେଲି ବିଡିଓ ଏବଂ ମହାକାଳପଡ଼ା ପୁଲିସ ନାମରେ ଅଭିଯୋଗ ଆଣିଥିବା ବେଳେ ବିଡିଓ ଏବଂ ମହାକାଳପଡ଼ା ପୁଲିସ ତାଙ୍କ ନାମରେ ମଧ ପାଲଟା ଅଭିଯୋଗ କରିଥିଲେ। ଚାମେଲି ଓଝାଙ୍କ ଅଭିଯୋଗ ଅନୁଯାୟୀ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ସେଠୀଙ୍କ ସମେତ ଅନ୍ୟ ୪ଜଣଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ସେହିପରି ବିଡିଓ ଏବଂ ପୁଲିସକୁ ମାମଲାରୁ ବାଦ ଦିଆଯାଇଥିବାରୁ ସରପଞ୍ଚ ଚାମେଲି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁଲିସ ମହାନିର୍ଦ୍ଦେଶକ ଏବଂ ଆରକ୍ଷୀ ଅଧକ୍ଷକଙ୍କୁ ୧୭ ତାରିଖରେ ଲିଖିତ ଭାବେ ଜଣାଇଥିଲେ। ତାଙ୍କ ଏତଲାରେ ଥିବା ଅଭିଯୁକ୍ତମାନେ ହେଉଛନ୍ତି ପ୍ରଶାନ୍ତ ସେଠୀ, ମାନସ ମହାନ୍ତି, ବିଷ୍ଣୁପଦ ମଣ୍ଡଳ, ରୋହିତ ରାଉତ, ବିଶ୍ୱଜିତ ମହାପାତ୍ର, ଚନ୍ଦ୍ରକାନ୍ତ ସ୍ୱାଇଁ ଓ ହରିଶ ଲେଙ୍କାଙ୍କ ସମେତ ଅନ୍ୟ ୧୨ଜଣ। ତୁରନ୍ତ ପ୍ରଶାନ୍ତ ସେଠୀଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ଚାମେଲି ଦାବି କରିଛନ୍ତି। ନଚେତ ସେ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବାଣୀଧାରା ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ

**ପାରାଦୀପ,୨୬|୬/ଏନ୍‌ଏନ୍‌ଏସ୍:** ବାଣୀଧାରା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଗତସିଂହପୁର ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ଟ୍ରଷ୍ଟର ସଂଯୋଜକ ଆଇନଜୀବୀ ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ନିଶା ନିବାରଣ ପାଇଁ ଯୁଦ୍ଧ (ୱାଦା) ଅଭିଯାନ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏଥିରେ ଯୁବକମାନଙ୍କୁ ଡ୍ରଗ ଓ ନିଶା ଠାରୁ ଦୁରେଇ ରହିବାକୁ ବିଭିନ୍ନ ପ୍ରକାର ସଚେତନତା ସୃଷ୍ଟି କରାଯାଉଛି। ଏହି ପରିପ୍ରେକ୍ଷୀରେ ଜୁନ ୨୬ ତାରିଖ ଆନ୍ତର୍ଜାତୀୟ ଡ୍ରଗ ନିରୋଧ ଦିବସ ପରିପ୍ରେକ୍ଷୀରେ ଟ୍ରଷ୍ଟ ପକ୍ଷରୁ ବନ୍ଦର ସହର ପାରାଦୀପରେ ଏକ ସଚେତନତା ପଦଯାତ୍ରା ପରିକ୍ରମା କରିଥିଲା। ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ଏକ ଡ୍ରଗ ବିରୋଧୀ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର ସାଂସଦ ଡଃ.ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଏସଭିଏମ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ.ସୁଜାତା




ହୋତା, ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ଆସିଷ୍ଟାଣ୍ଟ ସଲିସିଟ ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଙ୍କ୍ୟ ବାବୁରାଓମାନେ,ବାଣୀଧାରା ଚାରିଟେବୁଲ ଟ୍ରଷ୍ଟର ଉପଦେଷ୍ଟା କ୍ୟାପଟେନ ପ୍ରେମାନନ୍ଦ ରାଉତ, ସଂଯୋଜକ ଆଇନଜୀବୀ ଗତିକୃଷ୍ଣ ଶତପଥୀ ପ୍ରମୁଖ ଯୋଗଦେଇ ଡ୍ରଗ୍ସ ନିଶାର ଭାୟାବହତା ଏବଂ ଏଥିରୁ ଯୁବ ସମାଜ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ତେବେ ବାଣୀଧାରା ଚାରିଟେବୁଲ ଟ୍ରଷ୍ଟ ଏବଂ ଏହାର ସଂଯୋଜକ ଗତିକୃଷ୍ଣଙ୍କ ଡ୍ରଗ ବିରୋଧରେ ଯୁଦ୍ଧ (ୱାଦା) ଅଭିଯାନକୁ ଉପସ୍ଥିତ ସମସ୍ତ ଅତିଥି ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଦସ୍ୟ ପବିତ୍ର କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ଶେଷରେ ଟ୍ରଷ୍ଟର ଅନ୍ୟତମ ଉପଦେଷ୍ଟା ସାମ୍ବାଦିକ ଶରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡ୍ରଗ ସଚେତନତା ନିମିତ୍ତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିବା ବେଳେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ସଂଗଠନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦୁର୍ଘଟଣାରେ ଜଣେ ମୃତ

**ରାଜକନିକା,୨୬|୬/ଏନ୍‌ଏନ୍‌ଏସ୍:** ଜୟନଗର ପଞ୍ଚାୟତର ଖୁଣ୍ଟା ଗାଁ କୁ ଏକ ବାହାଘରରେ ଯୋଗ ଦେବା ଲାଗି ଯାଉଥିବା ବେଳେ ଚନ୍ଦନ ପୋଖରୀରୁ ଜୟନଗର ରାସ୍ତାର ଶିଶୁଆ ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟିଥିଲେ ସ୍କୁଟି ଆରୋହୀ। ଘଟଣାସ୍ଥଳରେ ଦୁଇଜଣ ଯୁବକଙ୍କ ଅବସ୍ଥା ଗୁରୁତର ଥିଲା। ଦୁଇଜଣ ଯୁବକଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନୀୟ ଲୋକ ଓ ଅଗ୍ନିଶମବାହିନୀ ଆଣିଥିଲେ। ତେନ୍ତୁଳିକୋଲି ଗାଁ ର ଶ୍ରୀନିବାସ ସେଠୀଙ୍କ ପୁଅ ସୌଭାଗ୍ୟ ସେଠୀ (୨୨ ) ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗଣ୍ଡା ଗାଁ ର ତ୍ରିଲୋଚନ ସାହୁ ସାହୁ ଓ ତପନ କୁମାର ସାହୁ (୨୪) ଙ୍କ ଅବସ୍ଥା ଗୁରୁତ୍ୱର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ପାଚେରି ତଳେ ଚାପିହୋଇ ଶ୍ରମିକ ମୃତ

**କାମାକ୍ଷାନଗର,୨୬|୬/ଏନ୍‌ଏନ୍‌ଏସ୍:** ସ୍କୁଲ ପାଚେରି ଭାଙ୍ଗୁଥିବା ବେଳେ ପାଚେରି ତଳେ ଚାପି ହୋଇ ଶ୍ରମିକ ମୃତ। ମୃତ ଶ୍ରମିକଙ୍କ ନାମ କେଉଁଝର ଜିଲ୍ଲା ବିମଳା ଗ୍ରାମର ଭାଗବତ ନାୟକ। ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲ୍‌ରେ ଭର୍ତ୍ତି ହୋଇଥିବା ବେଳେ ମୃତ ଘୋଷଣା କଲେ ଡାକ୍ତର। ସୂଚନା ଅନୁସାରେ, ବିମଳା ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରୁଣା ପାଚେରି ଭଙ୍ଗାଯାଇ ନୂତନ ପାଚେରି ନିର୍ମାଣ ପାଇଁ କାମ ହେଉଥିଲା। ସେହି ସମୟରେ ଭାଗବତ ପୁରୁଣା ପାଚେରି ଭାଙ୍ଗୁଥିବା ବେଳେ ହଠାତ୍ ପାଚେରି ତଳେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ କିଛି ଲୋକ ଏହାଦେଖି ଭାଗବତଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲ୍‌ରେ ଭର୍ତ୍ତି କରାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବରପାଇ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ସହ ଅଧିକ ତଦନ୍ତ ଆରମ୍ଭ କରିଛି।

## ଦେବୋତ୍ତର ଜମିକୁ ମଧ ଛାଡୁ ନାହାନ୍ତି ମାଫିଆ

**ତାଳଚେର,୨୬|୬/ଏନ୍‌ଏନ୍‌ଏସ୍: ତାଳଚେର** ପୌରପରିଷଦ ଅନ୍ତର୍ଗତ ଶନିବାର ସାପ୍ତାହିକ ହାଟକୁ ପଶିବା ପୂର୍ବରୁ ଏକ ବୃହତର ଦେବୋତ୍ତର ଜମିକୁ କୌଣସି ମାଫିଆ

### ବାଘୁଆବୋଲ ଅଞ୍ଚଳରୁ ମାଟି ଚୋରି ଅଭିଯୋଗ

ପାଣିମାହାରାକୁ ବନ୍ଦ କରି ସେଠାରେ ପାଉଁଶ ଚୋରାମାଟି ବିଛାଇ ସମତଳ କରୁଥିବା ବେଳେ କିପରି ତହସିଲ କାର୍ଯ୍ୟାଳୟ ସମ୍ମୁଖକୁ ଏହି ଘଟଣା ଆସୁନାହିଁ ତାକୁ ନେଇ ଏବେ ଟୁପୁରୁଟାପର ଚାଲିଛି। ଆହୁରି ମଧ ତାଳଚେର ପୌରପରିଷଦରେ ରହିଥିବା ସମସ୍ତ ଦେବୋତ୍ତର, ଦେଶକୁଛ, ସରକାରୀ ଓ ପାଣିମାହାରା ଜମିକୁ ମାଫିଆମାନଙ୍କର ଲୋଲୁପ ଦୃଷ୍ଟିରୁ ଆଜି ଏହି ଜମିଗୁଡ଼ିକ ଦର ଅଦରରେ



ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏତିକି ନୁହେଁ ସେହି ଜମି ଗୁଡ଼ିକରେ ମାଟି, ପାଉଁଶ ପକାଇ ପାଣିମାହାରାକୁ ବନ୍ଦ କରିଦେଉଥିବାରୁ ଅଞ୍ଚଳବାସୀ ବର୍ଷାଋତୁର ଜଳ ନିଷ୍କାସନ ହୋଇପାରୁନଥିବାରୁ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇପଡୁଛନ୍ତି। ଏସବୁ ପ୍ରତି ତାଳଚେର ତହସିଲ କରୁଛି କ'ଣ ସାଧାରଣରେ ପ୍ରଶ୍ନହେବା ସହ ତହସିଲଦାରଙ୍କ କାର୍ଯ୍ୟାକଳାପ ପ୍ରତି ଅଞ୍ଚଳବାସୀଙ୍କ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ସେହି ନିକଟରେ ଥିବା କୁମ୍ଭେଶ୍ୱରୀ ମନ୍ଦିର ପଛପାର୍ଶ୍ୱରେ ଏକ ବୃହତ ପାଣିଟାଙ୍କି ନିର୍ମାଣ କରିବାକୁ ସେହି ଜମିରୁ ୪ଶହରୁ ୫ଶହ ଟ୍ରିପ୍ ମାଟି ଉଠାଯାଇ ସେହିମାଟକୁ ସମ୍ପୃକ୍ତ ଅଧିକାରୀ ଓ ଠିକାଦାର ଏକ ପିଇବା ପାଣି କାରଖାନାକୁ ବିକି ଦେଇଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ସେମାନେ ତହସିଲ କାର୍ଯ୍ୟାଳୟର ମାଟି ଖୋଳିବା ଓ ବିକିବାକୁ ଅନୁମତି ଆଣିଛନ୍ତି ନା ନାହିଁ ଏହା ଏବେ ସନ୍ଦେହ ଘେରରେ। ଏହି ମାଟିକୁ ଟ୍ରକ ଯୋଗେ ଓଭରଲୋଡ଼ କରି ନେଉଥିବା ବେଳେ ରାସ୍ତାରେ ମାଟି ପଡ଼ି ପଥଚାରୀମାନେ ନାହିଁନଥିବା ହଇରାଣ ହରକତ ହେଉଛନ୍ତି। ଗଣମାଧମରେ ଏପରି ଖବର ପ୍ରଚାର ପ୍ରସାର ହେହେଉଥିଲେ ମଧ ତହସିଲ କାର୍ଯ୍ୟାଳୟକୁ ଏହାର କୌଣସି ଫରକ ପଡୁନଥିବା ମଧ ଚର୍ଚ୍ଚା ହେଉଛି। ସେହିପରି ରାସ୍ତା ନିର୍ମାଣ ସହିତ ଟ୍ରେନ ଲାଇନ ବିଛାଇବା ଓ ଗୃହ ନିର୍ମାଣ କାର୍ଯ୍ୟ ତାଳଚେର ଅଞ୍ଚଳରେ ଜୋରସୋର ଚାଲୁଥିବା ବେଳେ ସେମାନେ ମାଟି କେଉଁଠାରୁ ଓ କିପରି ଆଣି ବିଛାଉଛନ୍ତି ତାକୁନେଇ ଅଞ୍ଚଳବାସୀଙ୍କ ସନ୍ଦେହକୁ ଦ୍ୱିଗୁଣିତ କରୁଛି। ତେଣୁ ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

**ନିତି ଭାରତୀ** | ବରଫର ପାହାଡ଼ଟିଏ ଯେମିତି ପାଣିର ସମାହାର, ସେମିତି ସମଗ୍ର ବିଶ୍ୱ ଆନନ୍ଦର ସମାହାର। - **ମହର୍ଷି ମହେଶ ଯୋଗୀ**

# ଭିଡ଼ ହିଂସା ଏକ କୁତ୍ସିତ ମାନସିକତା



ବିଦ୍ୟାଧର ମହାରଣା

ଆଧୁନିକ ଗଣତାନ୍ତ୍ରିକ ସମାଜରେ ଆଇନର ଶାସନକୁ ସର୍ବୋଚ୍ଚ ବୋଲି ମନେ କରାଯାଏ। ଯେ କୌଣସି ଅପରାଧ ପାଇଁ ଦୋଷୀକୁ ଦଣ୍ଡ ଦେବାର ଅଧିକାର କେବଳ ଅଦାଲତ ଓ ଆଇନ ପ୍ରୟୋଗକାରୀ ସଂସ୍ଥାଙ୍କର ରହିଛି। କିନ୍ତୁ ସମ୍ପ୍ରତି କିଛି ବର୍ଷ ମଧ୍ୟରେ ଭାରତ ସମେତ ବିଶ୍ୱର ଅନେକ ଦେଶରେ ଭିଡ଼ ହିଂସା (ମବ୍ ଲିଞ୍ଚିଂ) ବା ଜନତାଙ୍କ ଦ୍ୱାରା ସଂଘବଦ୍ଧ ଆକ୍ରମଣ ଏକ ଗୁରୁତର ସାମାଜିକ ଓ ଆଇନଗତ ସମସ୍ୟା ଭାବେ ଦେଖା ଦେଇଛି। ଏହା କେବଳ ଜଣେ ବ୍ୟକ୍ତିଙ୍କ ଜୀବନ ଓ ଅଧିକାର ଉପରେ ଆକ୍ରମଣ ନୁହେଁ, ବରଂ ଆଇନର ଶାସନ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଏକ ପ୍ରତ୍ୟକ୍ଷ ଚ୍ୟାଲେଞ୍ଜ ଅଟେ। ନିକଟରେ ଆମ ରାଜ୍ୟରେ ବାଲିଅନ୍ତା ଓ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁରଠାରେ ଦୁଇଟି ଭିଡ଼ ହିଂସା ରାଜ୍ୟର ଭାବମୂର୍ତ୍ତିକୁ ମଳିନ କରିଛି।

ଭିଡ଼ ହିଂସାର ଅର୍ଥ ହେଉଛି, କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କୁ ଅପରାଧୀ ବୋଲି ସନ୍ଦେହ କରି ଜନତାଙ୍କ ଏକ ଉତ୍ତେଜିତ ଦଳ ତାଙ୍କ ଉପରେ ଆକ୍ରମଣ କରିବା, ନିର୍ଯାତନା ଦେବା କିମ୍ବା ହତ୍ୟା କରିବା। ଅନେକ କ୍ଷେତ୍ରରେ ଏହି ଘଟଣାଗୁଡ଼ିକ ଗୁଜବ, ଭ୍ରାନ୍ତ ସୂଚନା, ଧାର୍ମିକ ଉନ୍ମାଦ, ଜାତିଗତ ବିଦ୍ୱେଷ କିମ୍ବା ସାମାଜିକ ପୂର୍ବାଗ୍ରହର ପରିଣାମ ସ୍ୱରୂପ ଘଟିଥାଏ। ଏଥିରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ମିଳେନାହିଁ ଏବଂ ଆଇନଗତ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଅବହେଳା କରାଯାଏ।

ସାମାଜିକ ଗଣମାଧ୍ୟମର ବ୍ୟାପକ ପ୍ରସାର ଭିଡ଼ ହିଂସା ଘଟଣା ବୃଦ୍ଧିର ଏକ ପ୍ରମୁଖ କାରଣ। ହ୍ୱାଟସ୍ଆପ୍, ଫେସ୍‌ବୁକ୍ ଓ ଅନ୍ୟାନ୍ୟ ମାଧ୍ୟମରେ ଅସତ୍ୟ ଖବର ଓ ଗୁଜବ ଦ୍ରୁତ ଗତିରେ ପ୍ରଚାରିତ ହୋଇଥାଏ। ଶିଶୁ ଚୋରି, ଗୋ-ଚାଲାଣ, ଧର୍ମୀୟ ଅପମାନ କିମ୍ବା ଅନ୍ୟ କୌଣସି ସମ୍ବେଦନଶୀଳ ବିଷୟକୁ ନେଇ ଭୁଲ୍ ସୂଚନା ପ୍ରସାରିତ ହେଲେ ଲୋକମାନେ ଉତ୍ତେଜିତ ହୋଇ ହିଂସାର ଆଶ୍ରୟ ନେଇଥାନ୍ତି। ସବୁଠାରୁ ଅତ୍ୟନ୍ତ ଅମାନବିକତା ହେଉଛି, ଏହି ଦୁଃଖଦ ଘଟଣାକୁ ଭିଡିଓ କରି ଭାଇରାଲ କରିବା। ପରେ ତଦନ୍ତରୁ ଅନେକ ଘଟଣାରେ ଜଣାପଡ଼େ ଯେ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଥିଲା।

ଭିଡ଼ ହିଂସାର ସବୁଠାରୁ ଭୟଙ୍କର ପ୍ରଭାବ ହେଉଛି ମାନବ ଅଧିକାରର ଉଲ୍ଲଙ୍ଘନ। ଭାରତୀୟ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ଜୀବନ, ସ୍ୱାଧୀନତା ଓ ସମାନତାର ଅଧିକାର ପ୍ରଦାନ କରିଛି। ଭିଡ଼ ହିଂସା ଏହି ମୌଳିକ ଅଧିକାରଗୁଡ଼ିକୁ ନଷ୍ଟ କରିଦିଏ। ଏହା ସମାଜରେ ଭୟ ଓ ଅସୁରକ୍ଷାର ଏକ ବାତାବରଣ ସୃଷ୍ଟି କରେ। ବିଶେଷକରି ସଂଖ୍ୟାଲଘୁ, ଦଳିତ,



ଆଦିବାସୀ ଏବଂ ସାମାଜିକ ଭାବେ ଦୁର୍ବଳ ବର୍ଗର ଲୋକମାନେ ଏହାର ଶିକାର ହେବାର ଆଶଙ୍କା ଅଧିକ ରହିଥାଏ।

ଭିଡ଼ ହିଂସା ଘଟଣା ଦେଶର ଆଇନ ଓ ଶୃଙ୍ଖଳା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠାଏ। ଯେତେବେଳେ ଲୋକମାନେ ନିଜେ ନ୍ୟାୟ ଦେବାକୁ ଚେଷ୍ଟା କରନ୍ତି, ସେତେବେଳେ ଆଇନ ପ୍ରତି ଲୋକଙ୍କ ବିଶ୍ୱାସ କମିଯାଏ। ଏହା ଅରାଜକତା ଓ ବିଶୃଙ୍ଖଳାକୁ ପ୍ରୋତ୍ସାହିତ କରେ। ଯଦି ଏପରି ପ୍ରବୃତ୍ତିକୁ ରୋକା ନଯାଏ, ତେବେ ସମାଜରେ ଅରାଜକତା ବୃଦ୍ଧି ପାଇବ ଏବଂ ନିରୀହ ଲୋକମାନେ ମିଥ୍ୟା ଅଭିଯୋଗର ଶିକାର ହେବେ।

ଏହି ସମସ୍ୟାର ସମାଧାନ ପାଇଁ ସରକାର, ପ୍ରଶାସନ ଓ ସାଧାରଣ ଜନତାଙ୍କୁ ମିଳିତ ଭାବେ କାମ କରିବାକୁ ପଡ଼ିବ। ପ୍ରଥମତଃ, ଭୁଲ୍ ଖବର ଓ ଗୁଜବ ପ୍ରଚାର ଉପରେ କଡ଼ା ନିୟନ୍ତ୍ରଣ ଆବଶ୍ୟକ। ଦ୍ୱିତୀୟତଃ, ଏପରି ଅପରାଧରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଦ୍ରୁତ ତଦନ୍ତ ଓ କଠୋର ଦଣ୍ଡ ବ୍ୟବସ୍ଥା କରାଯିବା ଦରକାର। ତୃତୀୟତଃ, ଲୋକମାନଙ୍କ ମଧ୍ୟରେ ଆଇନ ସଚେତନତା ବୃଦ୍ଧି କରିବା ଜରୁରୀ, ଯାହାଦ୍ୱାରା ସେମାନେ କୌଣସି ଗୁଜବକୁ ବିଶ୍ୱାସ କରି ହିଂସାର ଆଶ୍ରୟ ନେବେ ନାହିଁ। ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ ଓ ସାମାଜିକ ସଂଗଠନମାନେ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ପାରିବେ।

ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ମବ୍ ଲିଞ୍ଚିଂକୁ 'ଭିଡ଼ତନ୍ତ୍ର' ବୋଲି ଅଭିହିତ କରି ଏହାକୁ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବିଭିନ୍ନ ନିର୍ଦ୍ଦେଶ ଦେଇଛନ୍ତି। ଆଇନର ଶାସନକୁ ସୁଦୃଢ଼ କରିବା ଏବଂ ଅପରାଧୀଙ୍କୁ ଉଚିତ ଦଣ୍ଡ ଦେବା ହେଉଛି ଏହି ସମସ୍ୟାର ସ୍ଥାୟୀ ସମାଧାନ। ଭିଡ଼ ହିଂସା ସଭ୍ୟ ସମାଜ ପାଇଁ ଲଜ୍ଜାଜନକ ଘଟଣା। ମବ୍ ଲିଞ୍ଚିଂ ବା ଜନତାଙ୍କ ଦ୍ୱାରା ସଂଘଟିତ ହିଂସା ଆଜିର ସମାଜ ପାଇଁ ଏକ ଗୁରୁତର ଚ୍ୟାଲେଞ୍ଜ। ଏହା ଆଇନର ଶାସନ, ମାନବାଧିକାର ଏବଂ ସାମାଜିକ ସଂପ୍ରୀତି ପାଇଁ ବଡ଼ ବିପଦ ସୃଷ୍ଟି କରେ। ମବ୍ ଲିଞ୍ଚିଂକୁ ରୋକିବା ପାଇଁ କେବଳ ସାମାଜିକ ସଚେତନତା ନୁହେଁ, ବରଂ ଦୃଢ଼ ଆଇନଗତ ବ୍ୟବସ୍ଥା ମଧ୍ୟ ଆବଶ୍ୟକ। ମବ୍ ଲିଞ୍ଚିଂକୁ ଏକ ସ୍ୱତନ୍ତ୍ର ଅପରାଧ ଭାବେ ଚିହ୍ନିତ କରି କଠୋର ଦଣ୍ଡ ବିଧାନ ସହିତ ଏକ ପୃଥକ୍ ଆଇନ ପ୍ରଣୟନ କରାଯିବା ଆବଶ୍ୟକ।

ଲିଞ୍ଚିଂରେ ସଂପୃକ୍ତ ବ୍ୟକ୍ତିମାନଙ୍କ ପାଇଁ କଠୋର କାରାଦଣ୍ଡ ଏବଂ ଆର୍ଥିକ ଜୋରିମାନା ବ୍ୟବସ୍ଥା ରହିବା ଉଚିତ। ଏହା ଅନ୍ୟମାନଙ୍କ ପାଇଁ ଏକ ନିବାରକ ଭୂମିକା ତୁଲାଇବ। ମବ୍ ଲିଞ୍ଚିଂ ମାମଲାର ଶୀଘ୍ର ବିଚାର ପାଇଁ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରାଯିବା ଦରକାର। ବିଚାର ପ୍ରକ୍ରିୟା ଦୀର୍ଘ ହେଲେ ଏହା ଅପରାଧୀଙ୍କ ମନୋବଳ ବଢ଼ାଇ ଥାଏ ଏବଂ ପୀଡ଼ିତଙ୍କୁ ନ୍ୟାୟରୁ ବଞ୍ଚିତ କରେ। ସମ୍ଭାବ୍ୟ ହିଂସାପ୍ରବଣ ଅଞ୍ଚଳରେ ପୂର୍ବରୁ ସତର୍କତାମୂଳକ ପଦକ୍ଷେପ ନେବା ପୁଲିସର କର୍ତ୍ତବ୍ୟ। ଗୁଜବ ଓ ଭୁଲ୍ ଖବର ମବ୍ ଲିଞ୍ଚିଂର ମୁଖ୍ୟ କାରଣ ହୋଇଥାଏ। ତେଣୁ ସୋସିଆଲ ମିଡିଆରେ ଘୃଣାମୂଳକ ବା ଉତ୍ତେଜନାମୂଳକ ବାର୍ତ୍ତା ପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଲିଞ୍ଚିଂର ଶିକାର ବ୍ୟକ୍ତି ଓ ତାଙ୍କ ପରିବାରକୁ କ୍ଷତିପୂରଣ, ଆଇନଗତ ସହାୟତା ଏବଂ ପୁନର୍ବାସ ସୁବିଧା ପ୍ରଦାନ କରିବା ଆବଶ୍ୟକ। ମବ୍ ଲିଞ୍ଚିଂ ଏକ ଗଣତାନ୍ତ୍ରିକ ସମାଜ ପାଇଁ କଳଙ୍କ। ଏହାକୁ ରୋକିବା ପାଇଁ ଦୃଢ଼ ଆଇନ, କଠୋର ଦଣ୍ଡ, ଦକ୍ଷ ପୁଲିସ ବ୍ୟବସ୍ଥା, ଶୀଘ୍ର ନ୍ୟାୟ ପ୍ରଦାନ ଏବଂ ସାମାଜିକ ସଚେତନତାର ସମନ୍ୱୟ ଆବଶ୍ୟକ। କେହି ଯେପରି ଏହି ଅମାନବୀୟ ଘଟଣାର ଫଟୋ ଉତ୍ତୋଳନ ନ କରନ୍ତି, ସେଥି ପ୍ରତି ଜନତା ସତର୍କ ହେବା ଆବଶ୍ୟକ। ଏପରି ଘଟଣା ରୋକିବା ପାଇଁ ୩-୪ ଜଣ ଆଗେଇ ଆସିଲେ ଏହାର ତୁରନ୍ତ ସମାଧାନ ହୋଇ ପାରିବ। ଏପରି ଏକ ସାମାଜିକ କଳଙ୍କକୁ ଦୂରୀଭୂତ କରିବା ପାଇଁ ସମସ୍ତେ ସହଯୋଗ କରିବା ମଧ୍ୟ ଜରୁରୀ।

**କଳିଙ୍ଗନଗର, ୭/୪୫୨**
**ଭୁବନେଶ୍ୱର,**
**ମୋ: ୯୪୩୭୦୭୧୧୯୦**
**bidyadhar.m@gmail.com**

# ପାଚିବା



ବିଜୟ ଦାସ

ପାଚିଲା ଫଳ କେତେବେଳେ ଯେ ଖସି ପଡ଼ିବ, କିଏ କହିବ? ଏମନ୍ତ ବାକ୍ୟମାନ ଫଳ ପାଇଁ ଯେତେ ବ୍ୟବହୃତ ନୁହେଁ, ମଣିଷର ବୃଦ୍ଧାବସ୍ଥା ପାଇଁ ସେତେ ବ୍ୟବହାର କରାଯାଏ। ଏହି ପାଚିଯିବା ବା ପକ୍ୱ ହୋଇଯିବାର ଅର୍ଥ ଝରି ପଡ଼ିବାର ସମୟ। କଞ୍ଚା ବୟସରେ ପାଚିଯିବାର ଅର୍ଥ ପୁଣି ଦୁଇ ପ୍ରକାରର। ସକାରାତ୍ମକ ଅର୍ଥରେ ବୟସଠାରୁ ଅଧିକ ଅଭିଜ୍ଞତା, ଜ୍ଞାନ ଆହରଣ ଓ ବିକିରଣ କରିବାକୁ, ପୁଣି ନକାରାତ୍ମକ ଭାବେ ଦୁଷ୍ଟାମି, ଛଳନା ଓ ଯୌନ ସମ୍ବନ୍ଧୀୟ ଜ୍ଞାନ ପ୍ରକାଶ କରିବାକୁ ମଧ୍ୟ କଞ୍ଚାରୁ ପାଚିଲା କୁହାଯାଏ। ନିଆଁରେ ପତିତ ଲୁହା ପାଚିଗଲା ଅର୍ଥ, ଲାଲ୍ ଟହଟହ ରୂପ ଧାରଣ କରିବା। ଏହି ପାଚିବା ବା ପକ୍ୱତାର ରଙ୍ଗ କ'ଣ ଲାଲ୍? ହୋଇପାରେ; ପୁଣି ନ ହୋଇ ବି ପାରେ। ଯେପରିକି କିଛି ଫଳ ପକ୍ୱ ହେଲେ ହଳଦିଆ ପଡ଼ିଯାଏ ଏବଂ କିଛି ଆମ୍ବର ରଙ୍ଗ ପରିବର୍ତ୍ତନ ନହୋଇ ସେହି ସବୁଜ ରଙ୍ଗ ଥାଏ। କିନ୍ତୁ ଭିତରେ ଭିତରେ ଏହାର ଶସ ବା ଭିତର ଅଂଶ ପାକଳ ହୋଇଥାଏ। ପାଚିବା ଏକ ଏପରି ଅବସ୍ଥା, ଯାହା ପାକଳ ହେବାର ଅବସ୍ଥାକୁ ବୁଝାଏ।

ପାଚିଯିବାର ପରବର୍ତ୍ତୀ ଅବସ୍ଥା ପଚିଯିବା ବୋଲି ଧରି ନିଆଯାଏ। ମାତ୍ର ମଣିଷ କ୍ଷେତ୍ରରେ ଜ୍ଞାନ ଓ ପ୍ରଜ୍ଞାର ପାକଳ ଅବସ୍ଥା ଅନେକ ସମୟ ଧରି, ଲମ୍ବା ଅବଧିର ସମୟ ପର୍ଯ୍ୟନ୍ତ ରହେ। ଏ କ୍ଷେତ୍ରରେ ପାଚିବା ଏକ ରସାଳ ଓ ଅମୃତମୟ ପରିସ୍ଥିତି। ଲୁହା, ସୁନା, ରୁପା ପ୍ରଭୃତି ଧାତୁ ନିଆଁରେ ପଡ଼ି ପାଚିଯିବାର ଅବସ୍ଥା ହେଉଛି ଏହାର ଅତି ନମନୀୟ ଅବସ୍ଥା, ଯଦ୍ଦ୍ୱାରା କି ଇଚ୍ଛା ଅନୁସାରେ ଆମେ ଏହାକୁ ସୁନ୍ଦର ରୂପ ବା ଆକାର ଦେଇ ପାରିବା। କୁହାଯାଏ, ସୁନା ନିଆଁରେ ପଡ଼ିଲେ ବା ପୋଡ଼ିଗଲେ ଆହୁରି ଚିକ୍ ଚିକ୍ କରେ। ଏଣୁ ଏହାର ଏହି ପାଚିଲା ଅବସ୍ଥା ନିଶ୍ଚେ କାମ୍ୟ ଓ ସୁନ୍ଦର ରୂପକଳ୍ପ ପାଇଁ ପ୍ରଯୁଜ୍ୟ। ଏଠାରେ ଅନ୍ୟ ଏକ କଥାକୁ ନଜର ଦିଆଯାଇ ପାରେ। ଏଥିରେ ଥିବା ଖାଦ, ମଇଳା ଅଂଶ ପାଚିଗଲେ ପୋଡ଼ିଯାଏ ଓ ଶୁଦ୍ଧ ସୁବର୍ଣ୍ଣର ଆବିର୍ଭାବ ହୁଏ। ସେହିପରି ମଣିଷର ପକ୍ୱତା ଯାତ୍ରାରେ ଯେତେ ଭୁଲ୍ ଭଟ୍‌କା ଯୋଡ଼ି ଯୋଡ଼ି ଯାଉଥାଏ ଏବଂ ପାକଳ ଅବସ୍ଥା ବେଳକୁ ଭୁଲ୍ କ'ଣ ଭଲ କ'ଣ ସବୁ ଜଳ ଜଳ କରି ଦିଶୁଥାଏ। ଏହି ଅବସ୍ଥା ହେଉଛି ମାର୍ଗଦର୍ଶନ କରିବାର ସମୟ। ସମାଜର ଭୁଲ୍ ଭଟ୍‌କାକୁ ନିର୍ଦ୍ଦେଶ କରି ଦେବାର ପ୍ରଜ୍ଞା। ଯଦିଓ ଆଜିକାଲିର ଜେନ୍-ଜିର ଦାୟାଦମାନେ ଆଗକୁ ଦି' ପାଦ ମାଡ଼ି ଯିବାର ଯୁ' ରଖନ୍ତି, କିନ୍ତୁ ତା' ଭିତରେ ଅଦୃଶ୍ୟ ଘାତାଘାତ, ଅପ୍ରୀତିକର ପରିସ୍ଥିତି ଓ ଅତ୍ୟଧିକ ଆତ୍ମବିଶ୍ୱାସର କୁପରିଣାମ ବିଷୟରେ ସଚେତନ ନଥାନ୍ତି।

'ଧୀର ପାଣି ପଥର କାଟେ'ର ସଂଜ୍ଞା ବୁଝୁ ନଥିବା ଯୁବ ସୁଲଭ ଗୁଣ କେବଳ 'ରୋଲିଂ ଷ୍ଟୋନ୍ ଗ୍ୟାଦରସ୍ ନୋ ମସ୍' ଧାରାରେ ପ୍ରଭାବିତ। କିନ୍ତୁ ଏଠାରେ ବୁଝିବା ଉଚିତ୍ ଯେ ଷ୍ଟୋନ୍‌ର ଶିଉଳି ବାହାରକୁ ଆଣି କଢ଼ାଯାଇ ପାରିବ। ମାତ୍ର ରୋଲିଂ ବା ଗଡ଼ି ଗଡ଼ି ଦ୍ରୁତ ଗତିରେ ଯାଉଥିବା ପଥର ଯେ ଭାଙ୍ଗିରୁଜି ବାଲିଗରଡ଼ାରେ ପରିଣତ ହୋଇପାରେ। ନା ଥିବ ପଥର, ନା ଗଢ଼ିବ ମୂର୍ତ୍ତି! ଆମ ସମାଜର ମୂର୍ତ୍ତିମନ୍ତ ପ୍ରତୀକ ବିଦ୍ୱାନମାନେ ନିଶ୍ଚେ ଚପଳତାଠାରୁ ଦୂରରେ ଓ ପୂରାପୂରି ପାଚିଲା ମଣିଷ। ଯେମିତି ସୁଗନ୍ଧକୁ, ସେମିତି ସ୍ୱାଦ। ହୁଏତ ଏ ଉକ୍ତି ରଢ଼ିବାଦୀ ଚେତନାର ଆଭାସ ବୋଲି ଲାଗୁଥାଇ ପାରେ; ମାତ୍ର ଯାହା ସତ୍ୟ, ତାହା ଚିରନ୍ତନ ଓ ସର୍ବକାଳୀନ। ଏଥକୁ ପାଚିବା ସପକ୍ଷରେ ନ କହିବା କାହିଁକି! କିନ୍ତୁ ପକ୍ୱ ଫଳ ବୃନ୍ତଚ୍ୟୁତ ହେବାର ଆଶଙ୍କା ରହିଛି ନିଶ୍ଚେ। ତେବେ ତା' ଭିତରେ ଅନ୍ୟ ଏକ ଗୂଢ଼ ରହସ୍ୟ ବି ରହିଛି। କାରଣ ଫଳଟି ବୃନ୍ତଚ୍ୟୁତ ହୋଇ ମାଟିରେ ପଡ଼ିଲେ, ନ ମିଶିଲେ, ତା' ଭିତରେ ଥିବା ମଞ୍ଜିରୁ ନୂତନ ସର୍ଜନା ହେବ କେମିତି? ମାନବ କ୍ଷେତ୍ରରେ ଏହିପରି ପୁନର୍ଜନ୍ମର କାହାଣୀ ବଳବତ୍ତର। ଏଠାରେ ମଞ୍ଜି ନିଶ୍ଚେ ଆତ୍ମା। ଫଳଟି ପାଚିବା ପ୍ରକ୍ରିୟାରେ ମଧ୍ୟ ଭିତରେ ଥିବା ମଞ୍ଜି ଆସ୍ତେ ଆସ୍ତେ ପରିପକ୍ୱ ହେଉଥାଏ। ଏଣୁ ପାଚିବା ପ୍ରକ୍ରିୟାଟି ଶେଷ ନୁହେଁ, ବରଂ ଆରମ୍ଭର ସଂକେତ। ଆମର ଖାଦ୍ୟ ଗ୍ରହଣ ଅବସରରେ ପାଚନ ପ୍ରକ୍ରିୟା ବୋଲି ଯାହା କୁହାଯାଏ, ତାହା ଖାଦ୍ୟର ହଜମ ହେବା ବା ଖାଦ୍ୟପଦାର୍ଥର ପାଚିବାକୁ ବୁଝିବା। ଏହା ପରେ ହିଁ ତା'ର ଗୁଣବତ୍ତା ଶରୀରର ରକ୍ତ ସମେତ ଅନେକ ଅଂଶକୁ ପ୍ରଭାବିତ ଓ ପରିପୁଷ୍ଟ କରେ।

କେବଳ ପାଚିବାର ସକାରାତ୍ମକ ଗୁଣ ବଖାଣିଲେ କି ହୁଏ! ଏହାର ନକାରାତ୍ମକ ଦିଗର ଅଳ୍ପ ଆଲୋଚନା କରିବା। ପୂର୍ବରୁ କହିଛେ ଯେ ଯିଏ କଞ୍ଚାରୁ ପାଚିଲା ଶୀଘ୍ର, ସେ ହୁଏତ ବିଦ୍ୱାନ, ନଚେତ୍ ଦୁଷ୍ଟ। ଏହି ଦୁଷ୍ଟ ପ୍ରବୃତ୍ତିକୁ ପ୍ରତୀକାତ୍ମକ ଭାବେ ଆମେ ପାଚିଗଲା ବୋଲି କହୁ। ପୁଣି ରାଗରେ ପାଚି ଲାଲ୍ ବୋଲି କହୁ। ପ୍ରଥମଟିରେ ଯେତେବେଳେ ପିଲାଟିଏ ଅସହଜ ହୋଇଯାଏ, ପାକଳ ପୂର୍ବରୁ ଯୌନାଦି ଅପକର୍ମରେ ଲିପ୍ତ ରହେ, ଚୌର୍ଯ୍ୟ ବୃତ୍ତିରେ ସିଦ୍ଧହସ୍ତ ହୋଇଯାଏ ବା ବୟସ୍କ ଓ ବୟୋଜ୍ୟେଷ୍ଠ କିଛି କୁଟିଳ ବ୍ୟକ୍ତିର ବ୍ୟବହାର ପରି ଶକୁନି କି ମନ୍ଥରାର ରୂପ ନିଏ, ସେତେବେଳେ ସେ କଞ୍ଚାରୁ ପାଚିଲା ବୋଲି କୁହାଯାଏ। ଏଥକୁ ଅନ୍ୟ ଏକ କଥା 'ଓଳିଆରୁ ପଡ଼ି ଗଜା' ବୋଲି ଲୋକକଥାରେ ଅଛି। ଏହା ଅପରିପକ୍ୱ ପରିପକ୍ୱତା। ଯେପରି କୌଣସି ରାସାୟନିକ ଦ୍ରବ୍ୟ ଦ୍ୱାରା ଫଳ, ପନିପରିବାକୁ ପୁରଷ୍ଟ କଲେ, ତାହା ହାନିକାରକ, ସେହିପରି ଏସବୁ ତତ୍ତ୍ୱ ନିଶ୍ଚେ ସମାଜ ପାଇଁ ଅନୁପଯୁକ୍ତ।

ଦ୍ୱିତୀୟରେ, ନାନାଦି କୌଶଳରେ ପାରଙ୍ଗମ ହେଉଥିବା ବାଳକ ବାଳିକା ଚୌର୍ଯ୍ୟ ବୃତ୍ତି ଓ କୁଟିଳ ବୁଦ୍ଧିରେ ଯେତେବେଳେ ପାକଳ ହେଉଥାଏ, ସେତେବେଳେ ସେ କଞ୍ଚାରୁ ପାଚିଗଲା ବୋଲି କୁହାଯାଏ। ଏହାର ପରିଣାମ ଭୟାବହ ହୋଇଥାଏ। ବିଛା ମନ୍ତ୍ର ନଜାଣି ସାପ ଗାତରେ ହାତ ଦେବା ସହ ସମାନ। ସାହସ ତ ପାକଳ ସାପ ଧରିବାକୁ, କିନ୍ତୁ ଏହାର ପରିଣତି ବିଷୟରେ ଅଜ୍ଞ ଓ ଉଦ୍ଧାର ହେବାର ବାଟ ପାଇ ନଥାଏ; ଯାହା ପ୍ରକୃତ ପାକଳ ମଣିଷ କ୍ଷେତ୍ରରେ ଅଭିଜ୍ଞତାରୁ ପ୍ରାପ୍ତ ହୋଇଥାଏ। ଗୃହ ନିର୍ମାଣ ସମୟରେ ତରବରିଆ କଞ୍ଚା କାମରେ କୋଠା ନିର୍ମାଣ କରିବା ଦ୍ୱାରା ସ୍ଥାୟିତ୍ୱ କମିଯାଏ ନାହିଁ କି? ଉପଯୁକ୍ତ ପାଣି ଓ ଆଲୋକ ଦେଇ କାନ୍ଥକୁ ସୁଦୃଢ଼ ନ କଲେ କି ଘର ଟିକି ରହିବ! ଅଳ୍ପ ବିଦ୍ୟା ଭୟଙ୍କରୀ ଓ କୌଣସି କାର୍ଯ୍ୟର ଦକ୍ଷତା ପ୍ରତିପାଦନରେ ଅସମର୍ଥ। ଏଣୁ ସମୟସାପେକ୍ଷ ପାଚିବା ପ୍ରକ୍ରିୟା। ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ, ଯେ ପର୍ଯ୍ୟନ୍ତ ମନରେ ଦୃଢ଼ତା, ଆତ୍ମବିଶ୍ୱାସ ଓ ପରିଣାମର ଜ୍ଞାନ ନ ଆସିଛି। ପାଚିବା ବା ପାଚିଯିବା ଏକ ଲକ୍ଷଣ ନୁହେଁ, ବରଂ ଜୀବନଚର୍ଯ୍ୟାର ସୁଶକ୍ତ ଜ୍ଞାନ ମାପକ ଅନୁଭୂତି।

# ପଚିବା

ପଚିଯିବା ବା ପଚିବା ହେଉଛି ଏକ ଗୁଣାତ୍ମକ ନୁହେଁ, ଋଣାତ୍ମକ ଅବସ୍ଥା। ଏହା ନଷ୍ଟ ହୋଇଯିବାର ଅନ୍ୟ ନାମ। ପାଚି ଯିବାର ସୁ ଅବସ୍ଥାର ସ୍ଥାୟିତ୍ୱ ପାଇଁ ବିଭିନ୍ନ ପଦକ୍ଷେପ ନନେଲେ ପଚିଯିବା ଥୟ। ସେ ପଦାର୍ଥ ହେଉ, ଫଳପୁଷ୍ପ ହେଉ କି ମଣିଷର ଶରୀର ହେଉ। ପଚିବା ଏକ ନଷ୍ଟ ନୀଡ଼ ସ୍ୱରୂପ। ଏକ ଦୁର୍ଗନ୍ଧମୟ ଆବହାଓ୍ୱା ଓ କୁରୂପ ହେବାର ଅବସ୍ଥା। ପଚିସଢ଼ି ଯିବାର କଥା ପ୍ରାୟ ସମସ୍ତେ ଅଙ୍ଗେ ନିଭେଇ ଥିବେ। ଏହା ହେଉଛି ଦୁଇ ପ୍ରକାରର। ପାଚିବା ପରେ ପଚିବା ଓ କଞ୍ଚାରେ ମଧ୍ୟ ପଚିଯିବା। ପାଚିବା ପରେ ସଂରକ୍ଷଣ କରିବାର ଉପାୟ ନ ପାଞ୍ଚିଲେ ପଚିବା ହେଉଛି ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ କୁସଙ୍ଗରେ ଆସି, ବାହ୍ୟ ରୋଗ ପୋକରେ ଆକ୍ରାନ୍ତ ହୋଇ କଞ୍ଚାରୁ ପଚିଯିବା ଦୁର୍ଭାଗ୍ୟଜନକ।

ଯେପରି ଶୈଶବ ଓ କୈଶୋରରେ, ଏପରିକି ଯୌବନରେ ମଧ୍ୟ ଦୁଷ୍ଟ ତତ୍ତ୍ୱ ଦ୍ୱାରା ପ୍ରଭାବିତ ହୋଇ କଞ୍ଚାରୁ ପାଚିବା ପରିବର୍ତ୍ତେ କଞ୍ଚାରୁ ପଚିବା ଆରମ୍ଭ ହୋଇଯାଏ। ଆମେ ଗୋଟିଏ ଆମ୍ବର ଉଦାହରଣ ନେବା। ଯଦି ଆମ୍ବ କୋଇଲି କଞ୍ଚା ଆମ୍ବର ମଞ୍ଜି, ସେ ଯଦି ପଚା ଆମ୍ବରୁ ବାହାରକୁ ଆସେ, ତାହା ଗଜା ମାରିବ ନାହିଁ। କିନ୍ତୁ ପାଚିଲା ଆମ୍ବ ପଚିଗଲେ ମଧ୍ୟ ଟାକୁଆ ପଚେ ନାହିଁ ଓ ନୂତନ ସର୍ଜନାର ମଞ୍ଜି ହୋଇଥାଏ। ନ ପଚିବା ପାଇଁ ବିଭିନ୍ନ ପ୍ରକାରର ପ୍ରତିରୋଧ ପ୍ରଣାଳୀ ରହିଛି। ଏପରିକି ପ୍ରତିକାର ମଧ୍ୟ ରହିଛି। ଅବାଟରେ ଯାଉଥିବା ମଣିଷର ମାନବତା ପଚିଯାଏ। ଏଠାରେ ନିଶ୍ଚେ ପ୍ରତିରୋଧର ଆବଶ୍ୟକତା ଥିଲା- ବାଲ୍ୟ ଶତ୍ରୁଙ୍କଠାରୁ। ପ୍ରତିକାରର ମଧ୍ୟ ଉପାୟ ଅଛି। ଆମେ ଯଦି ତାକୁ ଏମିତିରେ ଛାଡ଼ିଦେବା ତ ପଚିଯାଇ ନଷ୍ଟ ହେବା ଛଡ଼ା ଗତି ନାହିଁ।




ପଚାସଢ଼ା ଖାଦ୍ୟ ଯେପରି ଅଗ୍ରହଣୀୟ, ସେହିପରି ପଚି ଯାଇଥିବା ପନିପରିବା, ଫଳମୂଳ ବର୍ଜିତ। ଲକ୍ଷ୍ୟ କରିଥିବେ, ଦୁଷ୍ଟ ଜୀବଜନ୍ତୁଙ୍କର କିଛି ଏହି ପଚାସଢ଼ା ଖାଦ୍ୟ ପ୍ରିୟ- ଆମକୁ ଯାହା ଅଖାଦ୍ୟ। ଅତଏବ, ଅଧିକ ପଚାସଢ଼ା ପଦାର୍ଥ ଠୁଳ କରିବା ହିଁ ଦୁଷ୍ଟ ଶକ୍ତିକୁ ପ୍ରୋତ୍ସାହିତ କରିବା। ଏମିତି କିଛି ଜିନିଷ ଅଛି, ଯାହା ଦେଖିବାକୁ ପଚା ନୁହେଁ, ମାତ୍ର ବାସ୍ତବରେ ଏହା ପଚା ସାମଗ୍ରୀ। ଯେପରିକି କଳାଧନ, କଳା ଭୂମି, ଅର୍ଥାତ୍ ଅନୀତି ଦ୍ୱାରା ଅର୍ଜିତ ଭୂମି ଠିକ୍ ପଚା ଦ୍ରବ୍ୟ ପରି। ପ୍ରଥମେ ଜଣା ପଡ଼େନାହିଁ, ମାତ୍ର ସମୟର ଗତିରେ ଜଣାପଡ଼େ ଏହା ଅଗ୍ରହଣୀୟ ଦ୍ରବ୍ୟ ଥିଲା। ଏସବୁ ପାଇଁ ଯେଉଁ ଦଣ୍ଡ ମିଳେ, ତାହା ତ ଅସହ୍ୟ। ଏମିତି ନୁହେଁ ଯେ ଭୁଲ୍‌ବଶତଃ ଆମେ ଏହାକୁ ଆହରଣ କରିଛେ ବା ଠୁଳ କରିଛେ। ଦରକାରଠାରୁ ଅଧିକ ସମ୍ପତ୍ତି ଜଳ ଗହଳେ ସୃଷ୍ଟି ନାଶ ପରି। ଜଳକୁ ଜୀବନ କୁହାଯାଏ, ପୁଣି ଏହି ଜଳର ମାତ୍ରାଧିକ ବ୍ୟବହାର ହିଁ ଜୀବନ ନାଶକ ଅଟେ।

ପଚିଲେ ଦୁର୍ଗନ୍ଧ ବାହାରେ। କିନ୍ତୁ ଏହି ପଚା ଦ୍ରବ୍ୟମାନଙ୍କଠୁ ମଦ୍ୟ ପରି ନିଶା ଦ୍ରବ୍ୟ ଅନେକ ନିଶାଡ଼ିଙ୍କର ପ୍ରିୟ। ଦୁର୍ଗନ୍ଧ ସାଙ୍ଗକୁ ଏହାର ସ୍ୱାଦ ମଧ୍ୟ ଅରୁଚିକର। ତଥାପି କିଛି ମଣିଷ ଏହାକୁ, ଅର୍ଥାତ୍ ପଚା ଚିଜକୁ ବେଶ୍ ଆନନ୍ଦରେ ଗ୍ରହଣ କରନ୍ତି। ଶରୀରରେ ଏହାର ପ୍ରବେଶ ମାତ୍ରେ ନିଶ୍ଚେ ସ୍ୱାସ୍ଥ୍ୟହାନିର ପ୍ରକ୍ରିୟା ଆରମ୍ଭ ହୁଏ। ସୁଖାଦ୍ୟ ଗ୍ରହଣ କରିବାର ଯେପରି ଏକ ଅବଧି ଥାଏ, ଅର୍ଥାତ୍ ଖାଦ୍ୟ ପଦାର୍ଥକୁ ପଚିବା ପୂର୍ବରୁ ଗ୍ରହଣ କରିବାର ସମୟ ଥାଏ, ସେହିପରି ମଣିଷର ଠିକ୍ ମୟସରେ ସଠିକ୍ ଜ୍ଞାନ ଗ୍ରହଣର ଧ୍ୟାନ ରହିବା ଉଚିତ୍। 'ଯାହା ନହେଲା ବାଳ କାଳେ, ତାହା କି ହେବ ପାଚିଲା ବାଳେ'ର କଥା ଏହା ହିଁ ସୂଚାଏ।

ସଦାସର୍ବଦା ପଚିବାର ଦୁର୍ଗୁଣ ବଖାଣିବା ଠିକ୍ ହେବ ନାହିଁ। ପଚିବା ପ୍ରକ୍ରିୟାରେ କିଛି ଭଲ ଜିନିଷ ବି ବାହାରି ଆସେ। ଯେପରି ଫୁଲରୁ ଅତର କି ଦହିରୁ ଲବଣୀ। ଲବଣୀରୁ ଘୃତ ମଧ୍ୟ ଏକ ପାଚନ ପ୍ରକ୍ରିୟା। କ୍ଷୀରସାଗରକୁ ମନ୍ଥନ କରିବା ବା ଗୋଳିଆ କରିବା ପ୍ରକ୍ରିୟା ମଧ୍ୟ ଥିଲା ସାଗର ମନ୍ଥନର ଏକ ପ୍ରକୃଷ୍ଟ ସାଧନ। ଅତଏବ, ଶେଷରେ ଅମୃତ ମଧ୍ୟ ବାହାରି ଥିଲା ସେହି ଗୋଳିଆ ପାଣିରୁ। ଏକଥା ସତ୍ୟ ଯେ ପଚିବାରୁ ବିଷ ମଧ୍ୟ ଖେଳି ଯାଇଥିଲା। କିନ୍ତୁ ଅମୃତ ପାଇବାକୁ ହେଲେ ବିଷର ଜ୍ୱାଳା ମଧ୍ୟ ସହ୍ୟ କରିବାକୁ ହୁଏ।

ଅନେକ ବସ୍ତୁ ପଚେ ନାହିଁ। ବରଂ ପାଚିଯାଏ। ସେ ବୁଦ୍ଧି ବିବେକ ହେଉ, ଜ୍ଞାନ ଗରିମା ହେଉ କି ଦାନ ଧର୍ମ ହେଉ। ପୁଣି ଅନେକ ଦ୍ରବ୍ୟ ପଚିଗଲେ ହିଁ ତା'ର ଗୁଣବତ୍ତା ବାହାରକୁ ଆସେ- ଗୋବରରୁ ଖତ କି ଡାଳ ପତ୍ରରୁ ଖତ ସାର। ଏହା ପରବର୍ତ୍ତୀ ଅଙ୍କୁରମାନଙ୍କର ଖାଦ୍ୟ ହୋଇପାରେ। ପଚା କୁଣ୍ଡା ତୋରାଣି ଗାଈର ଖାଦ୍ୟ ହୋଇପାରେ। ମାତ୍ର ତାହା ତା'ର ଦୁଗ୍ଧ ଉତ୍ପାଦନ ନିମିତ୍ତ ଶକ୍ତି ବୃଦ୍ଧି କରିଥାଏ। ମନେ ରଖିବା ଉଚିତ୍- ଶରୀର ପଚିଯାଇ ପାରେ, ଆତ୍ମା ପଚେ ନାହିଁ। ଏଣୁ ଶରୀରର ସୁରକ୍ଷାଠାରୁ ଆତ୍ମା ଓ ଆତ୍ମଜ୍ଞାନର ସୁରକ୍ଷା ଅଧିକ ଜରୁରୀ।

**ପୋଖରୀପୁଟ, ଭୁବନେଶ୍ୱର**
**ମୋ: ୯୩୪୮୮୯୩୭୫୨**

**ସମ୍ପାଦକଙ୍କୁ ପତ୍ର**

## ସରକାର ଛତୁ ଚାଷକୁ ଗୁରୁତ୍ୱ ଦିଅନ୍ତୁ

ବର୍ତ୍ତମାନ ସବୁଆଡ଼େ ଛତୁ ଫୁଟିଲା ଭଳି ସ୍କୁଲ, କଲେଜ ଖୋଲି ଯାଇଛି। ଶିକ୍ଷିତଙ୍କ ସଂଖ୍ୟା ବଢ଼ିବାରେ ଲାଗୁଛି। ଚାଷ ପାଇଁ ଶିକ୍ଷିତ ପିଲାମାନେ ମନ ବଳାଉ ନାହାନ୍ତି। ଟ୍ରାକ୍ଟର ଯୋଗେ ମଧ୍ୟ ଚାଷ କରିବାକୁ ନାପସନ୍ଦ କରୁଛନ୍ତି ଶିକ୍ଷିତ ଯୁବକମାନେ। ଟ୍ରାକ୍ଟର ଚାଷ କ୍ଷେତ୍ରରେ କମ୍, ମ୍ୟୁନିସିପାଲିଟି ଅଳିଆ ବୋହିବାରେ ଅଧିକ ବ୍ୟବହାର ହେଉଥିବା ଦେଖା ଯାଉଛି। ଚାଷ ପରେ ଚାଷ ଜମିରେ ମଧ୍ୟ ମେସିନ୍ ଲଗାଇ ଧାନ ଗଛରୁ ଧାନକୁ ଅଲଗା କରାଯାଉଛି। ଫଳରେ ନଡ଼ା ମଧ୍ୟ ନଷ୍ଟ ହୋଇ ଯାଉଛି। ବର୍ତ୍ତମାନ ଛତୁର ଚାହିଦା ବଢ଼ିବାରେ ଲାଗିଛି। ହୋଟେଲ, ଢାବା ଓ ହଷ୍ଟେଲ, ମେସ୍‌ମାନଙ୍କରେ ମଧ୍ୟ ଛତୁ ଖାଇବା ପ୍ରତି ରୁଚି ରଖୁ ଥିବାର ଦେଖା ଯାଉଛି। ଛତୁ ଚାଷକୁ ସରକାର ଗୁରୁତ୍ୱ ଦେଇ ସମସ୍ତ ପଞ୍ଚାୟତ ଓ ବ୍ଲକ୍‌ରେ ଛତୁ ସମ୍ବନ୍ଧୀୟ କର୍ମଶାଳା କଲେ ହୁଏତ କିଛି ମାତ୍ରାରେ ଲୋକେ ଓ ଶିକ୍ଷିତ ବେକାରମାନେ ରୋଜଗାରକ୍ଷମ ହୋଇ ପାରିବେ।

**କପିଳାସ କୁମାର ବେହେରା**
**ବାଙ୍ଗିରିପୋଷି, ମୟୂରଭଞ୍ଜ**

NITIDIN ନିତିଦିନ
ଶନିବାର, ୨୭ ଜୁନ ୨୦୨୬

# ସୁପର୍ ଏଲ୍ ନିନୋ

କେରଳମ୍ ବା କେରଳରେ ପହଞ୍ଚି ଗଲାଣି ଦକ୍ଷିଣ ପଶ୍ଚିମ ମୌସୁମୀ- ଏଇ ବାକ୍ୟଟି ଦେଶର ସବୁ ଲୋକଙ୍କ କାନକୁ ସୁମଧୁର ସଙ୍ଗୀତଟିଏ ଭଳି ଶୁଭିବା ସ୍ୱାଭାବିକ, କାରଣ ପ୍ରଥମତଃ ରୌଦ୍ରତାପ ଦଗ୍ଧ ଏକ ଭୂଇଁକୁ ଶୀତଳତାର ଆଗମନ ଅବଶ୍ୟ ଶରୀରରେ ସିହ୍ରଣ ସଞ୍ଚାର କରିବାର ଆଶା ଯଥେଷ୍ଟ ଏବଂ ଦ୍ୱିତୀୟରେ, କୃଷିପ୍ରଧାନ ଦେଶ ଭାରତରେ ଚାଷୀଭାଇମାନଙ୍କୁ ଜମିରେ ଫସଲ ଉପୁଜାଇବା ପାଇଁ ପ୍ରସ୍ତୁତ ହେବାକୁ ଏହା ବାର୍ତ୍ତାଟିଏ ପ୍ରଦାନ କରିଥାଏ। ତେଣୁ ଏହା ସମଗ୍ର ଦେଶ ପାଇଁ କେବଳ ଏକ ପାଣିପାଗଜନିତ ଘଟଣାଟିଏଠାରୁ ଢେର୍ ଅଧିକ ବୋଲି କୁହାଯାଇପାରେ। ଏହା ହେଉଛି ଏକ ସଙ୍କେତ, ଯାହା ଦେଶର କୃଷି-ଚକ୍ରକୁ ପ୍ରସ୍ତୁତି ପଥେ ଆଗେଇ ନିଏ, ଗ୍ରାମାଞ୍ଚଳର ଆୟ ପାଇଁ ପଥ ପ୍ରସ୍ତୁତ କରେ, ମୁଦ୍ରାସ୍ଫୀତି ଧାରାକୁ ରୂପରେଖ ପ୍ରଦାନ କରେ ଏବଂ ସର୍ବୋପରି ଏହା ଅର୍ଥନୀତିକ ଅଭିବୃଦ୍ଧିକୁ ପ୍ରଭାବିତ କରିଥାଏ। ତେବେ ଚଳିତ ବର୍ଷ ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ଅବସ୍ଥା ସୃଷ୍ଟି ହେଉଥିବା ଯୋଗୁଁ ମୌସୁମୀର ପ୍ରଗତି ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ସେଭଳି ଆଶାଜନକ ହେବାଠାରୁ ଢେର୍ ଦୂରରେ ରହିଛି। ଆଇଏମ୍‌ଡିର ପ୍ରାରମ୍ଭିକ ତ୍ରୁଟିର ପରିମାଣ ମାତ୍ର ଚାରି ଦିନ ପାଇଁ ହୋଇଥିବାକୁ ହିସାବକୁ ନେବା ପରେ, ମୌସୁମୀର ଆଗମନ ପ୍ରଭାବଶାଳୀ ଭାବରେ ପାଞ୍ଚ ଦିନ ବିଳମ୍ବିତ ହୋଇଛି, ଯାହା ବୃଷ୍ଟିପାତର ଅଭାବ ସମ୍ଭାବନାକୁ ଦୃଢ଼ୀଭୂତ କରିବା ସଙ୍ଗେ ସଙ୍ଗେ ଗୁରୁତ୍ୱପୂର୍ଣ୍ଣ ଖରିଫ୍ ଫସଲର ବିହନ ବୁଣା ଋତୁ ନିମନ୍ତେ ପ୍ରସ୍ତୁତ ହେବାକୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତାର ଉଦ୍ରେକ କରାଇଛି। ୨୧ ବର୍ଷ ପୂର୍ବେ ଯେବେଠାରୁ ଆଇଏମ୍‌ଡି ଏହି ପ୍ରଥାକୁ ଆରମ୍ଭ କରିଛି, ସେବେଠାରୁ ଆଜିକା ଦିନ ମଧ୍ୟରେ ବିଭାଗ ସଠିକ୍ ଭାବରେ ମୌସୁମୀର ଆଗମନ ସମ୍ପର୍କରେ ଭବିଷ୍ୟବାଣୀ କରିବାରେ ଦ୍ୱିତୀୟ ଥର ପାଇଁ ବିଫଳ ହୋଇଛି। ୨୦୧୫ରେ ଯେତେବେଳେ ମୌସୁମୀର ଆଗମନ ତାରିଖ ବାବଦରେ ଆଇଏମ୍‌ଡିର ଭବିଷ୍ୟବାଣୀ ଦୁଇ ଦିନ ପାଇଁ ଭୁଲ୍ ସାବ୍ୟସ୍ତ ହୋଇଥିଲା, ଦେଶ ୧୫ ପ୍ରତିଶତ ବୃଷ୍ଟିପାତର ଅଭାବକୁ ସାମ୍ନା କରିଥିଲା ଏବଂ ମରୁଡ଼ିର ଯନ୍ତ୍ରଣା ଭୋଗ କରିଥିଲା। ଚଳିତ ବର୍ଷ ମଧ୍ୟ ଆଇଏମ୍‌ଡି ସ୍ୱାଭାବିକଠାରୁ ୧୦ ପ୍ରତିଶତ କମ୍ ବୃଷ୍ଟିପାତ ହେବା ସମ୍ପର୍କରେ ଭବିଷ୍ୟବାଣୀ କରିଛି।

ମୌସୁମୀର ଭବିଷ୍ୟବାଣୀ ଉପରେ ଆଧାର କରି ଚାଷୀମାନେ ବିହନ ଏବଂ ରାସାୟନିକ ସାର କ୍ରୟ ତଥା ଶ୍ରମିକ ମୁତୟନ ଏବଂ ଜଳସେଚନର ଯୋଜନା ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ନେଇଥାନ୍ତି। ଯେତେବେଳେ ଭବିଷ୍ୟବାଣୀ ଏବଂ ପ୍ରକୃତ ପାଣିପାଗ ଶୈଳୀଗୁଡ଼ିକ ଉଲ୍ଲେଖନୀୟ ଭାବରେ ଭିନ୍ନ ଭିନ୍ନ ହୁଏ, ଏହି ନିଷ୍ପତ୍ତିଗୁଡ଼ିକ ଅଧିକ ବିପଜ୍ଜନକ ଏବଂ ଅଧିକ ବ୍ୟୟସାପେକ୍ଷ ହୋଇଥାଏ। ତେବେ ଏଲ୍ ନିନୋ ଭଳି ପ୍ରାକୃତିକ ଜଳବାୟୁ ଅବସ୍ଥା, ଯାହା କେନ୍ଦ୍ର ଏବଂ ପୂର୍ବ ଭୂମଧ୍ୟରେଖୀୟ ପ୍ରଶାନ୍ତ ମହାସାଗରରେ ଅସ୍ୱାଭାବିକ ଉତ୍ତାପ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ, ତାହା ବେଳେବେଳେ ଏହି ଭବିଷ୍ୟବାଣୀକୁ ଭୁଲ୍ ପ୍ରମାଣିତ କରିଥାଏ। ଯଦିଓ ଭାରତ ମହାସାଗରୀୟ ଡାଇପୋଲ୍ (ଆଇଓଡି) କୁହାଯାଉଥିବା ଜଳବାୟୁଗତ ପ୍ରକ୍ରିୟା ଏଲ୍ ନିନୋର ବିଦ୍ୟମାନତାର ପ୍ରଭାବକୁ ସରକାରୀ ଭାବରେ ବର୍ଷା ଋତୁ କୁହାଯାଉଥିବା ଋତୁର ଶେଷ ଆଡ଼କୁ ଆଚ୍ଛାଦିତ କରିବାର ସମ୍ଭାବନା ରହିଛି, ତେବେ ବୃଷ୍ଟିପାତର ଅଭାବଜନିତ ସୂଚନା ବହନ କରୁଥିବା ମୌସୁମୀ କୃଷି କ୍ଷେତ୍ରକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିବ। ସ୍ୱଳ୍ପ ବର୍ଷା ଖାଦ୍ୟ ସାମଗ୍ରୀ ଉତ୍ପାଦନ କମାଇ ପାରେ, ଯାହା ସେଗୁଡ଼ିକର ମୂଲ୍ୟବୃଦ୍ଧି କରିବା ସଙ୍ଗେ ସଙ୍ଗେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତିକୁ ତ୍ୱରାନ୍ୱିତ କରିବ। କେତେକ ଖାଦ୍ୟ ସାମଗ୍ରୀର ରପ୍ତାନୀ ଉପରେ କଟକଣା ଜାରି କରି ତଥା ଘରୋଇ ଉପଭୋଗ ବା କଞ୍ଜମ୍ପସନ୍ ଉପରେ ପ୍ରାଥମିକତା ଦେଇ ସରକାର ଯଦିଓ ଉପରୋକ୍ତ ସମସ୍ୟାର ସମାଧାନ କରିବାକୁ କେତେକ ପଦକ୍ଷେପ ନେଇଛନ୍ତି, ତେବେ ଯୁଦ୍ଧ, ଅଶୋଧିତ ତୈଳର ଅଭାବ ଏବଂ ଅର୍ଥନୀତିକ ଆହ୍ୱାନଗୁଡ଼ିକ ଦ୍ୱାରା ପରିଚିହ୍ନିତ ଏକ ବର୍ଷରେ ବୃଷ୍ଟିପାତର ଅଭାବଠାରୁ ଆଉ ଅଧିକ କିଛି କଦର୍ଯ୍ୟ କଥା ଥାଇ ନପାରେ।

କୃଷି ଭାରତୀୟ ଅର୍ଥନୀତିକୁ ହାରାହାରି ୧୮ ପ୍ରତିଶତ ଅବଦାନ ରଖିଥାଏ ଏବଂ ଦେଶରେ ଏବେ ବି ଏହି କ୍ଷେତ୍ର ହେଉଛି ସର୍ବବୃହତ୍ କର୍ମନିଯୁକ୍ତି ପ୍ରଦାନକାରୀ। ଗୋଟିଏ ଏକକ ବର୍ଷରେ ବିଫଳ ମୌସୁମୀ କ୍ଷୁଦ୍ର ଚାଷୀ, ବିଶେଷକରି ଯେଉଁମାନେ ପେଟ ପୋଷା ଚାଷକୁ ଆଗେଇ ନେଇଥାନ୍ତି, ସେମାନଙ୍କୁ ଋଣ ଯନ୍ତାରେ ପକାଇ ଦେବାର ସମ୍ଭାବନା ବହନ କରେ। ଭାରତ ଆମଦାନୀ କରାଯାଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା କମାଇବାକୁ ଚାହୁଁଥିବା ବେଳେ ଏହା ମଧ୍ୟ ବୃଷ୍ଟିପାତର ଉତ୍‌ଥାନ ପତନଜନିତ ବିପଦପ୍ରବଣତାକୁ ହ୍ରାସ କରିବା ଉଚିତ। ସରକାର ଗ୍ରାମାଞ୍ଚଳ-ଆଧାରିତ ଲଘୁ ଉଦ୍ୟୋଗ ପ୍ରତିଷ୍ଠାକୁ ଉତ୍ସାହିତ କରିବା ଉଚିତ, ଯାହା ଗ୍ରାମାଞ୍ଚଳର ଲୋକମାନଙ୍କୁ କର୍ମନିଯୁକ୍ତିର ବିକଳ୍ପ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଫସଲ ବିଫଳତାକୁ ସହ୍ୟ କରିବା ନିମନ୍ତେ ଜରୁରୀକାଳୀନ ପାଣ୍ଠି ନିର୍ମାଣ କରିବାରେ ସାହାଯ୍ୟ କରି ପାରିବ। ସେହିଭଳି ଜଳସେଚନ ଭିତ୍ତିଭୂମି, ମରୁଡ଼ି-ପ୍ରତିରୋଧୀ ଫସଲର ପ୍ରକାର, ପାଣିପାଗ-ଆଧାରିତ ଫସଲ ବୀମା, ଡିଜିଟାଲ ପରାମର୍ଶ ବ୍ୟବସ୍ଥା ଉପରେ ନିବେଶ କରାଯିବା ଏବଂ ଦୀର୍ଘକାଳୀନ ଭଣ୍ଡାରଣ ବ୍ୟବସ୍ଥାର ସାମର୍ଥ୍ୟ ବୃଦ୍ଧି ଜାତୀୟ କାର୍ଯ୍ୟ ହେବା ଉଚିତ। ଭାରତ ହେଉଛି ବିଶ୍ୱର ବୃହତ୍ତମ ଅର୍ଥନୀତିମାନଙ୍କ ମଧ୍ୟରୁ ଗୋଟିଏ, ଯାହାର ଜନସଂଖ୍ୟା ସମଗ୍ର ବିଶ୍ୱ ଜନସଂଖ୍ୟାର ଏକ-ଷଷ୍ଠାଂଶ ଏବଂ ଏହା ହେଉଛି ପୃଥିବୀର ଖୁବ୍ କମ୍ ତିଷ୍ଠି ରହିଥିବା ପ୍ରାଚୀନ ସଭ୍ୟତାର ଦେଶମାନଙ୍କ ମଧ୍ୟରୁ ଅନ୍ୟତମ। ଏହା ଯଦି ନିଜର ହୃତ ବୈଶ୍ୱିକ ଖ୍ୟାତିକୁ ଫେରାଇ ଆଣିବାକୁ ଚାହୁଁଥାଏ, ତା'ହେଲେ ବୃଷ୍ଟିପାତ ଏବଂ ଆମଦାନୀ କରାଯାଉଥିବା ଶକ୍ତି ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରି ଆଭ୍ୟନ୍ତରୀଣ ଭାବରେ ଏହା ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଉଭା ହେବା ଉଚିତ।

# ବ୍ୟଷ୍ଟିଗତ ଓ ବ୍ୟକ୍ତିଗତ

ନଈ କୂଳରେ ଗାଁଟିଏ। ଦଶ- ବାରଟି ପରିବାର ରୁହନ୍ତି। ଘରଗୁଡ଼ିକ ଛାଡ଼ି ଛାଡ଼ି ଥାଏ। ନଈ ଖୁବ୍ ଜୋର୍‌ରେ ବଢ଼ିଥାଏ। ସେଇ ଗାଁ ପାଖରେ ଘାଇ ଭାଙ୍ଗିବାର ସମ୍ଭାବନା ଥାଏ। ବହୁ ଲୋକ ଆତଙ୍କିତ। ସମସ୍ତେ ନିଜକୁ ଓ ନିଜ ପରିବାର ତଥା ଧନ ସମ୍ପତ୍ତିକୁ ରକ୍ଷା କରିବାକୁ ବ୍ୟଗ୍ର ହେଉଥାନ୍ତି। ଏତିକି ବେଳେ ସନ୍ଥ ଘୋଷଣା କଲେ ଯିଏ ଯାହା ମାଗିବା କଥା, ମାଗିନିଅ। ପରମାତ୍ମା ନିଶ୍ଚୟ ଶୁଣିବେ। ଦୁଇଟି ପରିବାର ଆସିଲେ। ଗୋଟିଏ ପରିବାରର ମୁଖ୍ୟ କହିଲା- 'ମହାତ୍ମା! ଯାହାହେଉ ପଛେ, ଅନ୍ତତଃ ମୋ ପରିବାରଟି ରହିଯାଉ।' ଆଉ ଜଣେ କହିଲା- 'ମହାତ୍ମା! ଖାଲି ମୋ ପରିବାର ନୁହେଁ, ଗାଁର ସମସ୍ତଙ୍କ ପରିବାର ଭଲରେ ରହୁ।' ମହାତ୍ମା ଉଭୟଙ୍କୁ ଆଶୀର୍ବାଦ ଦେଲେ। ରାତି ଅଧ। ହଠାତ୍ ଲୋକଙ୍କ ହୋ ହଲ୍ଲା ଶୁଭିଲା। ବୋଧହୁଏ ନଈ ବନ୍ଧ ଭାଙ୍ଗିଗଲା। ଘୁ ଘୁ ହୋଇ ପାଣି ବଢ଼ିଲା। ସେ ଗାଁ'ର ଲୋକେ ଜଳଖିଆପତ୍ର ଓ ପରିବାର ଧରି ନିଜ ନିଜ ଛପରକୁ ଚାଲିଗଲେ। ଚାହୁଁ ଚାହୁଁ ପାଣି ବଢ଼ିଲା। ପ୍ରଥମ ପରିବାରଟିର ଛପର ବହୁ ଦୂରକୁ ଭାସିଗଲା। ସେତେବେଳକୁ ସକାଳ ହେଲାଣି। ଯୁଆଡ଼େ ଅନେଇଲେ ପାଣି। କେହି କୁଆଡ଼େ ନାହାନ୍ତି। ତାଙ୍କ ଚିତ୍କାର ବି କାହାକୁ ଶୁଭୁ ନଥାଏ। ଗାଁ ଗଣ୍ଡା କୁଆଡ଼େ ଆଖି ପାଉ ନଥିଲା। ଯାହା ଖାଇବା ପିଇବା ଥିଲା, ସରି ଆସୁଥାଏ। ଏହା ଭିତରେ ଦୁଇ ଦିନ ବିତି ଯାଇଥାଏ। ପାଣିର ସୁଅ ବି କମି ଯାଇଥାଏ। ଗୋଟିଏ ଗାଁରେ ସେମାନେ ଲାଗିଲେ। ସମସ୍ତେ ସୁରକ୍ଷିତ ଥିଲେ। ଲୋକଟି ନିଜର ପରିବାରକୁ ସିନା ପାଇଥିଲା, ହେଲେ ଗାଁ ବାସୀଙ୍କୁ ହରେଇ ଥିବାରୁ ବହୁତ କାନ୍ଦୁଥିଲା। ସେ ଲୋକର ପରିବାରର ସମସ୍ତେ ଗାଁ ପାଇଁ କାନ୍ଦୁଥିଲେ। ପାଣି ସମ୍ପୂର୍ଣ୍ଣ ଶୁଖିଯିବା ପରେ ଗାଁକୁ ଆସି ଦେଖନ୍ତି ତ ସମସ୍ତେ ଅଛନ୍ତି। କେହି ମୃତ୍ୟୁବରଣ କରି ନାହାନ୍ତି। କୌଣସି ଘର ଭାସି ଯାଇନି। କେବଳ ତାଙ୍କରି ପରିବାର ଭାସି ଯାଇଥିଲା।

ଏତିକି ବେଳେ ମହାତ୍ମା ପହଞ୍ଚି ଗଲେ ଆଉ କହିଲେ- 'ଯିଏ କେବଳ ନିଜର ସ୍ୱାର୍ଥ ଚାହେଁ, ତାକୁ ବହୁ କଷ୍ଟ ଭୋଗିବାକୁ ହୁଏ। ବ୍ୟକ୍ତିଗତ ଇଚ୍ଛାକୁ ପୂରଣ କରିବାକୁ ଗଲେ ମଣିଷ ସ୍ୱାର୍ଥପର ହୋଇଯାଏ। ବ୍ୟଷ୍ଟିଗତ ଇଚ୍ଛାକୁ ପୂରଣ କଲେ ମଣିଷ ନିଃସ୍ୱାର୍ଥପର ହୋଇଥାଏ। ଆମେ ସ୍ୱାର୍ଥପର ହେବା କି ନିଃସ୍ୱାର୍ଥପର ହେବା, ତାହା ନିର୍ଭର କରେ ଆମ ଉପରେ। ଯୋଉ ଲୋକ କେବଳ ନିଜର ମଙ୍ଗଳ ଚାହେଁ, ତା' ପାଇଁ ପରବର୍ତ୍ତୀ ସମୟ ଦୁଃଖଦାୟକ ହୋଇଥାଏ। କାରଣ ମଣିଷ ଏକାକୀ ଚଳିବା ସମ୍ଭବ ନୁହେଁ। ଯୋଉ ମଣିଷ ସମସ୍ତଙ୍କର ମଙ୍ଗଳ ଚାହେଁ, ତା' ପାଇଁ ସବୁ ସମୟ ସୁଖଦାୟକ। କାରଣ ସମସ୍ତଙ୍କ ଭିତରେ ସେ ବି ନିଜେ ରହିଥାଏ। ଅନ୍ୟମାନେ ଯୋଉ ଦଶା ଭୋଗିବେ, ସେ ବି ସେଇ ଦଶା ଭୋଗିବ। ପୁଣି ସମସ୍ତଙ୍କ ପାଇଁ ଗୋଟିଏ ଦଶା ମିଳିଲେ, ତାହା ଦୁଃଖ ବା ସମସ୍ୟା ଦିଏନା। ସେଥିପାଇଁ ଚତୁର ମଣିଷଟିଏ ବ୍ୟକ୍ତିଗତ ସ୍ୱାର୍ଥ ନୁହେଁ; ବ୍ୟଷ୍ଟିଗତ ସ୍ୱାର୍ଥକୁ ଗୁରୁତ୍ୱ ଦିଏ।

### ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ

# 'ସାମଗ୍ରିକ ବିକାଶରେ ଯୋଗର ଭୂମିକା ଅତୁଳନୀୟ'



**ବାରିପଦା, ୨୬।୬/ଏନ୍ଏନ୍ଏସ୍:** ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆନନ୍ଦ ମାର୍ଗ ପ୍ରଚାରକ ସଂଘ ଓ କଲେଜର ରୋଭର୍ ରେଞ୍ଜର୍, ୟୁଥ୍ ରେଡକ୍ରସ୍, ଏନ୍ଏସ୍ଏସ୍ ଓ ଏନ୍‌ସିସି ୟୁନିଟ୍‌ର ମିଳିତ ସହଭାଗିତାରେ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଷୟ ବିଶାରଦ ଭାବେ ଆଚାର୍ଯ୍ୟ ପ୍ରିୟକୃଷ୍ଣନନ୍ଦ ଅବଧୂତ ଯୋଗଦେଇ 'ସାମଗ୍ରିକ ବିକାଶରେ ଯୋଗର ଭୂମିକା' ଶୀର୍ଷକ ପ୍ରସଙ୍ଗରେ ବିସ୍ତୃତ ବକ୍ତବ୍ୟ ଉପସ୍ଥାପନା କରିଥିଲେ । କଲେଜ ଅଧ୍ୟକ୍ଷ ପ୍ରଫେସର୍ ନାରାୟଣ ପ୍ରସାଦ ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଯୋଗ ଦ୍ୱାରା ବ୍ୟକ୍ତି ଜୀବନର ସମୃଦ୍ଧି ଓ ପ୍ରାୟୋଗିକ ବୈଶିଷ୍ଟ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ । ୟୁଥ୍ ରେଡକ୍ରସ୍ ୟୁନିଟ୍ ଅଧିକାରୀ ରାଇମଣି ମାରାଣ୍ଡି ଓ ରୋଭର୍ ଲିଡର୍ ସୁଶ୍ରୀ ରଶ୍ମିତା ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ରୋଭର୍ ରେଞ୍ଜର୍ ୟୁନିଟ୍ ଅଧିକାରୀ ଡ. ଦୀପକ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଏନ୍ଏସ୍ଏସ୍ ୟୁନିଟ୍ ଅଧିକାରୀ ଡ. ଅନାମ ଚରଣ ରାଉଳ ଧନ୍ୟବାଦ ଦେଇଥିଲେ ।

## ରଥଯାତ୍ରା ପ୍ରସ୍ତୁତି

# ରଥଦାଣ୍ଡରେ ଆମିଷ ପ୍ରସ୍ତୁତି ଓ ବିକ୍ରି ନିଷେଧ

**ବାରିପଦା, ୨୬।୬/ଏନ୍ଏନ୍ଏସ୍:** ଚଳିତ ବର୍ଷ ରାଇରଙ୍ଗପୁର ରଥଯାତ୍ରାକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା ନିମନ୍ତେ ଉପଖଣ୍ଡ ପ୍ରଶାସନ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଦେବତ୍ତୋର ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଲୋକସଭା ସାଂସଦ ତଥା ଚଳିତ ବର୍ଷ ରାଇରଙ୍ଗପୁର ରଥଯାତ୍ରା ପରିଚାଳନା କମିଟିର ଅଧ୍ୟକ୍ଷ ନବ ଚରଣ ମାଝୀ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁରର ବିଧାୟକ ଜଲେନ୍ ନାଏକ, ରାଇରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ଓ ଟାଉନ୍ ଥାନା

### ମଦ ଦୋକାନ ବନ୍ଦ ରହିବ

ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ରାଇରଙ୍ଗପୁର ଦେବତ୍ତୋର ବିଭାଗ ତତ୍ତ୍ୱାବଧାନରେ ଚଳିତ ରଥଯାତ୍ରା ପାଳନ ସମ୍ପର୍କିତ ପ୍ରସ୍ତାବିତ କାର୍ଯ୍ୟସୂଚୀ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ଦ୍ୱାରା ଉପସ୍ଥାପନ



କରାଯାଇଥିବାବେଳେ ସମସ୍ତ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ମୁଖ୍ୟତଃ ଦେବତ୍ତୋର ବିଭାଗ ସହିତ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ତଥା ସେବାୟତଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ସ୍ନାନ ପୂର୍ଣ୍ଣିମାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସୁଚାରୁରୂପେ ସମ୍ପାଦନ ପୂର୍ବକ ବ୍ୟବସ୍ଥିତ ଢଙ୍ଗରେ ସମାପନ ପାଇଁ ପରାମର୍ଶ ଦିଆଯାଇଥିଲା । ରଥଯାତ୍ରା ସମୟରେ ରଥଦାଣ୍ଡରେ ଆମିଷ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ସମସ୍ତ ମଦ ଦୋକାନକୁ ବନ୍ଦ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ରଥଦାଣ୍ଡ ଏବଂ ସହରର ବିଭିନ୍ନ ଗଳି ଓ ଅନ୍ଧାରୁଆ ସ୍ଥାନରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକୀୟ ପୁଲିସ୍ ମୁତୟନ, ଟ୍ରାଫିକ୍ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର, ହୋଟେଲ୍, ଅସ୍ଥାୟୀ ଜଳଖିଆ ଦୋକାନ ଗୁଡ଼ିକରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥର ମାନଯାଞ୍ଚ, ଆକସ୍ମିକ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ଦ୍ୱାରା ଆବଶ୍ୟକୀୟ ଅଗ୍ନିନିର୍ବାପକ ବ୍ୟବସ୍ଥା କରିବା, ସହର ଓ ବଡ଼ଦାଣ୍ଡ ଅଞ୍ଚଳର ସ୍ୱାସ୍ଥ୍ୟ ପରିମଳ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯିବା ଉପରେ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ବରିଷ୍ଠ ରାଜସ୍ୱ ସହାୟକ ପ୍ରସାଦ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ଦେବବ୍ରତ ରଥ ମହାପାତ୍ର, ରଥ କମିଟିର ସଦସ୍ୟ, ସେବାୟତ, ରଥ ମହାରଣା, ରଥ ମହାପାତ୍ର, ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ରଥଯାତ୍ରା ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।

# ଏମ୍‌ସିଡି ହସ୍ପିଟାଲ୍‌ରେ ରକ୍ତଦାନ ଶିବିର



**ସୋର, ୨୬।୬/ଏନ୍ଏନ୍ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ବଡ଼ଖୁରୀ ଛକରେ ଥିବା ଏମ୍‌ସିଡି ମେମୋରିଆଲ୍ ହସ୍ପିଟାଲ୍‌ରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୁବ ସମାଜସେବୀ ସୁବ୍ରତ କୁମାର ଧଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୋଟ୍ ୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଡାକ୍ତର ସୁମନ୍ତ କୁମାର ଧଡ଼ା ଏବଂ ଡାକ୍ତର ସମର୍ ପ୍ରତିମ ଦାସ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବାଲେଶ୍ୱର ରକ୍ତ ଭଣ୍ଡାରରୁ ଆସିଥିବା କର୍ମଚାରୀ ଅକ୍ଷୟ କୁମାର ଜେନା, ବିନୋଦ ବିହାରୀ ଦାସ, ଅଜୟ କୁମାର ମହାପାତ୍ର, ଅଭିରାମ ପଣ୍ଡା ଓ ସୁଚିସ୍ମିତା ଦାସ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ରାଜେଶ କୁମାର ମହାପାତ୍ର, ସରପଞ୍ଚ ଅଟଳ ବିହାରୀ ଦାସ, ଜିଲ୍ଲାପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି, ସୋର ବ୍ଲକ୍ କଂଗ୍ରେସ୍ ସଭାପତି ଯୋଗେନ୍ଦ୍ର ଜେନା, ସୁଧାଂଶୁ ଶେଖର ଜେନା, କୃପାସିନ୍ଧୁ ଜେନା ଓ ଗୌରୀ ଶଙ୍କର ଘଡ଼େଇ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲ୍‌ର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

# ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ସ୍ମୃତିଚାରଣ



**ସୋର, ୨୬।୬/ଏନ୍ଏନ୍ଏସ୍:** ସୋର ଉତ୍ତରେଶ୍ୱରରେ ପୂର୍ବତନ ପ୍ରଶାସନିକ ଅଧିକାରୀ ବ୍ରଜମୋହନ ଷଡ଼ଙ୍ଗୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୌରମୋହନ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ସୋର ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ନବକିଶୋର ଦାସ, ଚକ୍ରଧର ପାଢ଼ୀ, ନାଗରିକ ମଞ୍ଚର ମାୟାଧର ନାୟକ, ହିମାଂଶୁ ପାଣିଗ୍ରାହୀ, ବିଜୟ କୁମାର ଷଡ଼ଙ୍ଗୀ, ବାସୁଦେବ ପାଣିଗ୍ରାହୀ ଓ ଜୟଶ୍ରୀ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ସ୍ମରଣିକା 'ମୋହନ ବଂଶୀରେ ବ୍ରଜମୋହନ' ଉନ୍ମୋଚିତ ହୋଇଥିଲା । ସୁଦାମ ଜେନା, ରାମଚନ୍ଦ୍ର ପାଢ଼ୀ, ଗୌରୀରାଣୀ ପାଢ଼ୀ ଓ ସବିତା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପୁତ୍ର ବନଜ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ ।

# ଧର୍ମପ୍ରାଣାଙ୍କ ପରଲୋକ

**ଭଣ୍ଡାରିପୋଖରୀ, ୨୬।୬/ଏନ୍ଏନ୍ଏସ୍:** 'ଖୋଲାଦ୍ୱାର' ସମ୍ବାଦପତ୍ରର ପୂର୍ବତନ ପରିଚାଳକ ଗୋଲକ ଚନ୍ଦ୍ର ବିଶ୍ୱାଳଙ୍କ ଧର୍ମପତ୍ନୀ ତଥା ମଞ୍ଜୁରୀରୋଡ୍ ପ୍ରଜାପତି ଈଶ୍ୱରୀୟ ସଂସ୍ଥାର ସଂଗଠିକା ଅହଲ୍ୟା ବିଶ୍ୱାଳଙ୍କ ଶୁକ୍ରବାର ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା । ସେ ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଭାବେ ଦୀର୍ଘ ବର୍ଷ କାର୍ଯ୍ୟକରି ମହିଳା ସଶକ୍ତିକରଣ ପାଇଁ ଉଦ୍ୟମ କରିଥିଲେ । ଯାଜପୁର ଦଶାଶ୍ୱମେଧ ଘାଟ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ପୁଅ ସରୋଜ ମୁଖାଗ୍ନି ଦେଇଥିଲେ । ତାଙ୍କ



ବିୟୋଗରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ପ୍ରଜାପତି ଈଶ୍ୱରୀୟ ସଂସ୍ଥାର ସଦସ୍ୟାମାନେ ଶୋକପ୍ରକାଶ କରିଛନ୍ତି ।

# ମା' ତାରିଣୀଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ଭଣ୍ଡାରିପୋଖରୀ, ୨୬।୬/ଏନ୍ଏନ୍ଏସ୍:** ବନ୍ଦାଳ-ମଡ଼ିଆଳି ପଞ୍ଚାୟତର ଖପୁରିଆପଦାରେ ଥିବା ମା'ତାରିଣୀ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବୈତରଣୀ ନଦୀରୁ ଘଟ ଉତ୍ତୋଳନ ସହ ସୂର୍ଯ୍ୟ ପୂଜା ଓ ଅନ୍ୟାନ୍ୟ ପୂଜା କାର୍ଯ୍ୟକ୍ରମ ବିଧି ଅନୁସାରେ ଅନୁଷ୍ଠିତ ହୋଇଥିଲା । ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ବ୍ରଜ କିଶୋର ପତି ଓ ଅନ୍ୟମାନେ ପୂଜାର୍ଚ୍ଚନା ଓ ଯଜ୍ଞ କରିଥିଲେ । ପରେ ସାମୁହିକ ପ୍ରସାଦ ସେବନ ବ୍ୟବସ୍ଥାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

# କଂଗ୍ରେସର 'ଶିକ୍ଷା ବଞ୍ଚାଅ, ଦେଶ ବଞ୍ଚାଅ' ଅଭିଯାନ



**ବାଲେଶ୍ୱର, ୨୬।୬/ଏନ୍ଏନ୍ଏସ୍:** ପ୍ରଦେଶ କଂଗ୍ରେସ୍ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ବାଲେଶ୍ୱର ଜିଲ୍ଲା କଂଗ୍ରେସ୍ ପକ୍ଷରୁ 'ଶିକ୍ଷା ବଞ୍ଚାଅ, ଦେଶ ବଞ୍ଚାଅ' ଶୀର୍ଷକ ଉପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ୍ ସଭାପତି ସତ୍ୟଶିବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାନସଭାର କଂଗ୍ରେସ ବିଧାୟକ ଦଳ ଉପନେତା ତଥା ବାସୁଦେବପୁର ବିଧାୟକ ଅଶୋକ ଦାସ ଓ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ମଧୁମିତା ସେଠୀ ପଣ୍ଡା ଯୋଗଦେଇ ଶିକ୍ଷା ବ୍ୟବସ୍ଥା କ୍ଷେତ୍ରରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ କହିଥିଲେ । ନିଟ୍ ପ୍ରଶ୍ନପତ୍ର ବିଭ୍ରାଟ ପାଇଁ ଅଦ୍ୟାବଧି ସରକାରୀ ଭାବେ ୧୮ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି ବୋଲି କୁହାଯାଉଥିବାବେଳେ ବାସ୍ତବ କ୍ଷେତ୍ରରେ ତାହା ୩୨ ଟପିଲାଣି । ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ପାଇଁ ପ୍ରାୟ ୧.୩୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଥାନ୍ତି । ଏହା ଶିକ୍ଷା ମନ୍ତ୍ରଣାଳୟର ବାର୍ଷିକ ବଜେଟ୍ ସହ ସମାନ । ମାତ୍ର ବାରମ୍ବାର ଏହି ପରୀକ୍ଷାରେ ବିଭ୍ରାଟ ହେବା ଦେଶ ପାଇଁ ମହାବିପଦ ସାବ୍ୟସ୍ତ ହୋଇଛି । ଏହି ପରୀକ୍ଷା ପରିଚାଳନା କରୁଥିବା ଏନ୍‌ଟିଏ ଏବେ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ବଦଳରେ ନ୍ୟାସନାଲ୍ ଟ୍ରମା ଏଜେନ୍ସିରେ ପରିଣତ ହୋଇଛି । ତେଣୁ ଦେଶକୁ ବଞ୍ଚାଇବାକୁ ହେଲେ ଶିକ୍ଷାକୁ ବଞ୍ଚାଇବାକୁ ହେବ । ଏଥିପାଇଁ ବିଜେପିକୁ ସରକାରରୁ ହଟାଇବାକୁ ପଡ଼ିବ ବୋଲି ଶ୍ରୀ ଦାସ ଓ ଶ୍ରୀମତୀ ପଣ୍ଡା କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ପ୍ରତିମା ପଣ୍ଡା, ଜିଲ୍ଲା ଅନୁସୂଚିତ ଜାତି ସେଲ୍ ଅଧ୍ୟକ୍ଷ ବିଧାନ ଜେନା, ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ, ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ଜିଲ୍ଲା କଂଗ୍ରେସ ସମ୍ପାଦକ ପଶୁପତି ଉପାଧ୍ୟାୟ, ରେମୁଣା ବ୍ଲକ କଂଗ୍ରେସ ସଭାପତି କହ୍ନେଇ ବେହେରା, ବରିଷ୍ଠ ନେତା ନିରଞ୍ଜନ ବେହେରାଯୋଗେଶ୍ୱର ବେହେରା, ଦେବଦତ୍ତ ଦାସ, ରେମୁଣାର ପିସିସି ସଭ୍ୟ ତରୁଣ ଦାସ ଓ ମହିଳା ନେତ୍ରୀ କୁମୁଦିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ନିଶିଥ ବାରିକ ଧନ୍ୟବାଦ ଦେଇଥିଲେ ।

### 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମ

**ଭଦ୍ରକ:** ଦେଶର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଏବଂ ଶିକ୍ଷା ବ୍ୟବସ୍ଥାର ଶୋଷଣ ନୀତିକୁ ବିରୋଧ କରି ଭଦ୍ରକ ଜିଲ୍ଲା କଂଗ୍ରେସ୍ କମିଟି ପକ୍ଷରୁ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଳିନୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମୁଖପାତ୍ର ରଜନୀକାନ୍ତ ମହାନ୍ତି ଓ ସୁଧାଂଶୁ ଶେଖର ଦେଓ ଯୋଗଦେଇ ଦିନକୁଦିନ ଦେଶ ଏବଂ ରାଜ୍ୟରେ ଚାଲୁଥିବା ଡବଲ୍ ଇଞ୍ଜିନ୍ ସରକାର ଦେଶ ଓ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ବାରମ୍ବାର କୁଠାରଘାତ କରିବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନଷ୍ଟ କରି ଚାଲିଛନ୍ତି ବୋଲି ଶ୍ରୀ ମହାନ୍ତି କହିଥିଲେ । ସେହିପରି ନିଟ୍ ପେପର୍ ଲିକ୍ ଘଟଣାକୁ ଦୃଢ଼ ନିନ୍ଦା କରି ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଶ୍ରୀ ମହାନ୍ତି ତୀବ୍ର ସମାଲୋଚନା କରିଥିଲେ । ପରେ କୋଟାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ବକ୍ତବ୍ୟର ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସୁଧାଂଶୁ



ଶେଖର ଦେଓ, ପୂର୍ବତନ ଛାତ୍ର ନେତା ଦେବରୂପ ମହାନ୍ତି, ଜିଲ୍ଲା କଂଗ୍ରେସ ମୁଖପାତ୍ର ତଥା ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷାମାରଣ ଓ ଶୋଷଣ ନୀତିକୁ ତୀବ୍ର ସମାଲୋଚନା କରି ସରକାରଙ୍କ ଇସ୍ତଫା ଦାବି କରିଥିଲେ । ଜିଲ୍ଲାର ୭ଟି ବ୍ଲକ୍‌ରୁ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଯୁବକ ଓ ଦଳୀୟ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଯୁବଗୋଷ୍ଠୀ ସହଯୋଗରେ ବୃଦ୍ଧା ଉଦ୍ଧାର

**ବୈଶିଙ୍ଗା, ୨୬।୬/ଏନ୍ଏନ୍ଏସ୍:** ରେମୁଣା ବ୍ଲକ୍ ଗଣ୍ଡର୍ଦା ପଞ୍ଚାୟତ ଅନ୍ତର୍ଗତ ଶଙ୍କରପୁର ଗ୍ରାମକୁ ଜଣେ ୬୫ ବର୍ଷୀୟା ବୃଦ୍ଧା କୌଣସି କାରଣରୁ ଦୁଇ ଦିନ ହେବ ନିଜ ଘରୁ ପଳାଇ ଆସିଥିଲେ । ଶଙ୍କରପୁରର ଯୁବଗୋଷ୍ଠୀ ରାଜେନ୍ଦ୍ର ପ୍ରଧାନ, ଗୁରା, ହରେକୃଷ୍ଣ ପ୍ରଧାନ, ଅଜିତ ପ୍ରଧାନ, ହରିମୋହନ ଶାନ୍ତରା, କୃପାସିନ୍ଧୁ ମହାନ୍ତି, ଗଣେଶ୍ୱର ମହାନ୍ତି, ମହେଶ୍ୱର ମହାନ୍ତି, ବାବୁ ଓ ଯୁବ ସାମ୍ବାଦିକ ହରିଶ ମହାନ୍ତି ବୃଦ୍ଧାଙ୍କୁ ଉଦ୍ଧାର କରି ଖାଦ୍ୟ ଓ ପାନୀୟ ଦେଇଥିଲେ । ଏହାସହ ବୃଦ୍ଧାଙ୍କୁ ତାଙ୍କ ଠିକଣା ପଚାରିବାରୁ ସେ ଘର ଠିକଣା ଓ ପୁଅମାନଙ୍କ ନାମ କହିଥିଲେ । ପରେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କୁ ଯୋଗାଯୋଗ କରି ପୁଲିସ୍ ସହାୟତାରେ ବୃଦ୍ଧାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

**AFFIDAVIT**

Bi virtue of an affidavit sworn before the Notary Public, Bhubaneswar, dtd. 11.05.2026, I, Natabar Thakur, S/o- Ambika Thakur, At- Mangala Nagar, Salihasahi, Jaydev Vihar, Nayapalli, Bhubaneswar do hereby declare that my minor son name have changed from Rishob Kumar (old name) to Ritik Kumar (new name). Henceforth, he shall be known as **Ritik Kumar** for all purposes.

Natabar Thakur

**AFFIDAVIT**

By virtue of an Affidavit sworn before the Executive Magistrate, Gop, dtd-06.06.2026, I Pramod Dalua, At-Desunthi, P.o-Desthali, P.s-Gop, Dist-Puri, Pin-752107, Odisha, declare that I have changed my name from Prasad Dalua (old name) to Pramod Dalua (new name). Henceforth I shall be known as **Pramod Dalua** for all purposes.

Sd/-Pramod Dalua

**AFFIDAVIT**

By virtue of an affidavit sworn before the Notary Public, Balliguda dated 18.06.2026 I, Riga Mallick, Son of Late Treta Mallick, Address- Village- Sudra, Sindulpada, P.O- Sudra, P.S- Balliguda, Dist- Kandhamal, Pin-762110 declare that I have changed the name of my minor daughter from RUKUNI MALIK to RUKMANI MALLICK. Hence forth, she shall be known as **RUKMANI MALLICK** for all purpose.

# 'ବିକାଶର ଧାରା, ଓଡ଼ିଶା ସାରା' ଉଦ୍‌ଯାପିତ



**ବାଲେଶ୍ୱର, ୨୬।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ରେମୁଣା ବ୍ଲକ୍‌ର ୪ ଦିନିଆ ସ୍ୱତନ୍ତ୍ର ସମ୍ମିଳନୀ 'ବିକାଶର ଧାରା, ଓଡ଼ିଶା ସାରା' ଉଦ୍‌ଯାପିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଅନୁସୂଚିତ ଅଭ୍ୟୁଦୟ ଯୋଜନା, ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ, ପିଏମ୍ କିଷାନ ଯୋଜନା ଏବଂ ଧାନ କିଣାରେ ରାଜ୍ୟ ସରକାରଙ୍କ କୃଷକଙ୍କୁ ଇନପୁଟ୍ ସବ୍‌ସିଡି, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ଜଙ୍ଗଲ ଅଧିକାର ଆଇନ, ସୁଭଦ୍ରା ଯୋଜନା, ଅନ୍ତ୍ୟୋଦୟ ଗୃହ ଓ ସିଏମ୍ ଅନ୍ନପୂର୍ଣ୍ଣା ଯୋଜନା ଆଦିର ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଏହି ସମ୍ମିଳନୀ ଜରିଆରେ ପ୍ରୟାସ କରାଯାଇଥିଲା । ବିଶେଷକରି ଯୁବକ ଯୁବତୀଙ୍କୁ ସଫଳ ଉଦ୍ୟୋଗୀ କରିବା ନିମନ୍ତେ ସବ୍‌ସିଡି ଜରିଆରେ ପିଏମ୍‌ଇଜିପି ଋଣ ଯୋଗାଇବା କେନ୍ଦ୍ର ସରକାରଙ୍କ ଏକ ମାଇଲଖୁଣ୍ଟ ବୋଲି ଉପସ୍ଥିତ ବକ୍ତାମାନେ ମତପ୍ରକାଶ କରିଥିଲେ । ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାର ମୁଖ୍ୟ ଓ ସରକାରୀ ଅଧିକାରୀମାନେ ଯୋଗଦେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ବିଡିଓ ସାର୍ଥକ ସୌରଭ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ସଫଳତାର ସହ ସମ୍ପନ୍ନ ହୋଇଥିବାବେଳେ ବ୍ଲକ୍‌ର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

# ବୃଦ୍ଧା ଆଶ୍ରମରେ ବସ୍ତ୍ର ଓ ଫଳ ବଣ୍ଟନ



**ବାହାନଗା, ୨୬।୬/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍‌ର ଗୋପାଳପୁର ପଞ୍ଚାୟତର ପାଇକସ୍ଥିତ ବୃଦ୍ଧା ଆଶ୍ରମରେ ବାହାନଗା ବାସୁଳୀପୁର ଗ୍ରାମର ଅନ୍ନପୂର୍ଣ୍ଣା ମହାନ୍ତି ଓ ତାଙ୍କ ସ୍ୱାମୀ ମାନସ ରଞ୍ଜନ ଦାସଙ୍କ ସହ ସିଙ୍ଗାପୁରର ୨ ଜଣ ଆଇଟି ଇଞ୍ଜିନିୟର ପରିଦର୍ଶନ କରିଥିଲେ । ଆଶ୍ରମକୁ ଦେଖିବା ସହ ରହୁଥିବା ବୃଦ୍ଧ ବୃଦ୍ଧାଙ୍କୁ ଲୁଗାପଟା, ପନିପରିବା, ଫଳ ଓ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରଦାନ କରିଥିଲେ । ଏହାସହ ସେମାନଙ୍କ ସମସ୍ତ ପ୍ରକାର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ଆଉ ପରବର୍ତ୍ତୀ ସମୟରେ ସାହାଯ୍ୟ କରିବେ ବୋଲି ମଧ୍ୟ କହିଥିଲେ ।

# ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

**ଧାମନଗର, ୨୬।୬/ଏନ୍ଏନ୍ଏସ୍:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳନ ଅବସରରେ ବିଜେପି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା ରଘୁନାଥ ଲେଙ୍କା ଶିବିରକୁ ଉଦ୍‌ଘାଟନ କରିଥିଲେ । ବିଜେପି ଭଦ୍ରକ ଜିଲ୍ଲା ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଉପସଭାପତି ଚତୁର୍ଭୁଜ ନାୟକ, ପ୍ରାକ୍ତନ ଜିଲ୍ଲାପରିଷଦ ଉମାମଣି ସାହୁ, ସରପଞ୍ଚ ଅନୁସୂୟା ସାହୁ, ଶହୀଦ ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ, ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀକାନ୍ତ ସାହୁ ଓ ଯୁବନେତା ତୁଷାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିରୂପେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ମୋଟ୍ ୫୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଭଦ୍ରକ ରେଡକ୍ରସ୍ ରକ୍ତ ଭଣ୍ଡାର ପକ୍ଷରୁ



ତରଣୀସେନ ଜେନା, ରଘୁନାଥ ପଣ୍ଡା ଓ ମାନସ ପଣ୍ଡା ରକ୍ତ ସଂଗ୍ରହ କରିଥିଲେ । ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସି ମାଧ୍ୟମରେ ରକ୍ତଦାତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

**OFFICE OF THE NOTIFIED AREA COUNCIL, BANPUR**
**E-PROCUREMENT NOTICE**
**Bid Reference No: E.O-N.A.C-BNR-02/2026-27**
**Tender Call Notice No. 702 / Dt. 25.06.2026**

The Executive Officer on behalf of Banpur NAC invites percentage basis tender from the registered contractors in offline.

| | | |
|---|---|---|
| 1. | Type of Works | : Civil construction works as in the D.T.C.N |
| 2. | Total No. of works | : As per DTCN |
| 3. | Tender Amount Cost | : As per DTCN |
| 4. | Period of completion | : 60 days |
| 5. | Date and time of availability of bid documents in the office / website | : From 10.00 AM of dt.30.06.2026 to 5.00 PM of dt.07.07.2026 |
| 6. | Date and time for submission of original documents in office | : 08.07.2026 at 10.00 AM to 04.00 PM |
| 7. | Date & time of opening of tender | : 09.07.2026 at 11.00 AM |

Further amendments, corrigendum or other communication regarding this letter will be available only on https://www.tendersodisha.gov.in and will not be published in print media.

Sd/- Executive Officer
Banpur NAC

OIPR-13001/13177/1/26-27/0004 13001/1001/2627

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ପୂର୍ବ ଭାରତର...

ଭାବେ ଗଢ଼ିତୋଳିବା। ଏହି ରୂପାନ୍ତରଣ ଯାତ୍ରାରେ ଓଡ଼ିଶା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀସ୍ତରରେ ନିଆଯାଇଥିବା ପଦକ୍ଷେପ ବାବଦରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ 'ଡିରେଗୁଲେସନ ୧.୦' ଏବଂ '୨.୦' ମାଧ୍ୟମରେ ବଡ଼ ଧରଣର ସୁଧାର ଅଣାଯାଇଛି। ଏହାଦ୍ୱାରା ପୂର୍ବରୁ ଶିଳ୍ପ ପ୍ରତିଷ୍ଠା ପାଇଁ ଲାଗୁଥିବା ୪୦୦ ଦିନର ସମୟ ଏବେ କମି ୧୬୦ ଦିନରୁ କମ୍ ହୋଇଯାଇଛି ଏବଂ ଆଗକୁ ଏହାକୁ ୧୦୦ ଦିନରୁ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜୁନ୍ ୨୦୨୪ ଠାରୁ ଓଡ଼ିଶା ସରକାର ପ୍ରାୟ ୯.୫ ଲକ୍ଷ କୋଟି ଟଙ୍କାର ୪୭୭ଟି ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ। ଏଥିମଧ୍ୟରୁ ୩.୧୧ ଲକ୍ଷ କୋଟିରୁ ଅଧିକ ନିବେଶ ସହିତ ୧୨ଟି ପ୍ରୋଜେକ୍ଟର ଗ୍ରାଉଣ୍ଡିଂ ସରି ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟନ ପର୍ଯ୍ୟାୟରେ ପହଞ୍ଚିଛି, ଯାହା ପ୍ରମାଣିତ କରୁଛି ଯେ ଓଡ଼ିଶା କେବଳ ନିବେଶ ଆକର୍ଷିତ କରୁନାହିଁ ବରଂ ସଫଳତାର ସହ ଏହାର ରୂପାୟନ ମଧ୍ୟ କରୁଛି। ଓଡ଼ିଶା ଏବେ କେବଳ ଖଣିଜ-ଭିତ୍ତିକ ଅର୍ଥନୀତିରେ ସୀମିତ ନରହି ଷ୍ଟିଲ୍, ଆଲୁମିନିୟମ, କେମିକାଲ୍ସ, ପେଟ୍ରୋକେମିକାଲ୍ସ (ପାରାଦୀପ ହବ୍) ସହ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଭଳି ଭବିଷ୍ୟତର ଉଦ୍ୟୋଗ ଉପରେ ଫୋକସ୍ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶାର ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିଜ ଅଭିଭାଷଣରେ ରାଜ୍ୟର ଯୁବ ଶକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ନୂତନ 'ଗୋ ଇଷ୍ଟ' ଯୋଜନା ସୀମାବର୍ତ୍ତୀ ଓ ପଛୁଆ ଜିଲ୍ଲାଗୁଡ଼ିକରେ ଶିଳ୍ପାୟନର ଏକ ନୂଆ ଯୁଗ ଆରମ୍ଭ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବହେମନ୍ତ ଶର୍ମା ପାୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ନିବେଶର ସଫଳ ଚିତ୍ର ସିଆଇଆଇ ସଦସ୍ୟମାନଙ୍କ ସାମ୍ନାରେ ରଖିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଶିଳ୍ପ ଗୋଷ୍ଠୀକୁ ଓଡ଼ିଶାର ପ୍ରଗତିରେ ସହଭାଗୀ ହେବାକୁ ଆହ୍ୱାନ ଦେଇ 'ବିକଶିତ ଭାରତ ୨୦୪୭' ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ଏହି ସମ୍ମିଳନୀରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମତ ପ୍ରଧାନ, ଇପିକଲର ପରିଚାଳନା ନିର୍ଦ୍ଦେଶିକାଆବୋଲି ସୁନୀଲ ନରଭାଣେ, ସିଆଇଆଇ ପୂର୍ବ ଆଞ୍ଚଳିକ ଉପାଧ୍ୟକ୍ଷ ରୁଦ୍ର ଚାଟାର୍ଜୀ, ଓଡ଼ିଶା କାଉନସିଲ୍ ଅଧ୍ୟକ୍ଷ ଅନିଲ କୁମାର ସିଂହଙ୍କ ସମେତ ବହୁ ବିଶିଷ୍ଟ ଶିଳ୍ପପତି ଉପସ୍ଥିତ ଥିଲେ।

### ୪ ଅଧିକାରୀ ...

ବ୍ୟତୀତ ବର୍ତ୍ତମାନଠାରୁ ଏସ୍‌ସିଇଆର୍‌ଟି ପରିସରରେ ଏକ ସ୍ୱତନ୍ତ୍ର ପାଠ୍ୟପୁସ୍ତକ 'କ୍ୱାଲିଟି ଆସ୍ୟୁରାନ୍ସ ସେଲ୍' ଗଠନ କରାଯିବା ସହ ଏନସିଇଆରଟି ଢ଼ାଞ୍ଚାରେ ପ୍ରତି ବିଷୟ ପାଇଁ କରିକୁଲାର ଏରିଆ ଗ୍ରୁପ୍ ଓ ପାଠ୍ୟପୁସ୍ତକ ବିକାଶ କମିଟି ଗଠନ ହେବ। ଭବିଷ୍ୟତରେ ଯେପରି ଏଭଳି ସମ୍ବେଦନଶୀଳ ଭୁଲର ପୁନରାବୃତ୍ତି ନହେବ, ସେଥିପାଇଁ ଏକ ଅଭେଦ୍ୟ ଚାରିସ୍ତରୀୟ ଯାଞ୍ଚ ବ୍ୟବସ୍ଥା ଓ ଫାଇନାଲ୍ ଲକଡ୍ ପିଡିଏଫ୍ ମେକାନିଜମ୍ ଜରିଆରେ ବହିଗୁଡ଼ିକୁ ସୁରକ୍ଷିତ କରାଯିବ। ଏଣିକି ଭାଷା, ଚିତ୍ର, ତଥ୍ୟ ଓ ମୁଦ୍ରଣଜନିତ ଚୂଡ଼ାନ୍ତ ଏକାଡେମିକ ଅନୁମୋଦନ ବିନା କୌଣସି ବି ପାଠ୍ୟପୁସ୍ତକ ପ୍ରିଣ୍ଟିଂ ପ୍ରେସକୁ ଯାଇପାରିବ ନାହିଁ। ପ୍ରତିଟି ନୂଆ ବହିର ପାଇଲଟ୍ ଟେଷ୍ଟିଂ କରାଯିବା ବାଧ୍ୟତାମୂଳକ ହେବ। ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା ଡିଟିପି ଏଜେନ୍ସି ଓ ପ୍ରିଣ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପ୍ରତିଟି ଭୁଲ୍ ପାଇଁ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ମାଟ୍ରିକ୍ସ ପ୍ରସ୍ତୁତ କରାଯାଇ ଦୋଷୀଙ୍କ ଉପରେ ଜରିମାନା ସହ ସେମାନଙ୍କୁ କଳାତାଲିକାଭୁକ୍ତ କରିବା ଭଳି କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି। ଉଲ୍ଲେଖ ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁବାର କହିଥିଲେ ଯେ, ପାଠ୍ୟପୁସ୍ତକରେ ତ୍ରୁଟିକୁ ସରକାର ଗମ୍ଭୀରତାର ସହ ନେଇଛନ୍ତି। ପୂର୍ବରୁ ତ୍ରୁଟି ହେଉଥିଲା କିନ୍ତୁ ଏଥର ତ୍ରୁଟିର ପରିମାଣ ଅସାଧାରଣ ଭାବରେ ଅଧିକ। ସ୍କ୍ରିପଟ ପ୍ରସ୍ତୁତି ଓ ଯାଞ୍ଚ ଠାରୁ ମୁଦ୍ରଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଯାଞ୍ଚ ଆବଶ୍ୟକ। ଆମ ସରକାରଙ୍କୁ ବଦନାମ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ହୋଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସନ୍ଦେହ କରିବା ସହ ଏଥିରେ ଜଡ଼ିତ ଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଦୋଷୀମାନଙ୍କୁ ଚିହ୍ନଟ କରାଯିବ ଓ ଏପରି ତ୍ରୁଟି ପୁନରାବୃତ୍ତି ନହେବା ପାଇଁ ପଦକ୍ଷେପ ନିଆଯିବ। ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଥିବା ସମସ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରାଯିବ, ନୂତନ କପି ମୁଦ୍ରିତ ଓ ପୁନଃବଣ୍ଟନ କରାଯିବ। ଯଦି ଷଡ଼ଯନ୍ତ୍ରର ପ୍ରମାଣ ମିଳେ, ତେବେ ମୁଦ୍ରଣ ପାଇଁ ହୋଇଥିବା ଖର୍ଚ୍ଚ ଦୋଷୀ ବ୍ୟକ୍ତିମାନଙ୍କଠାରୁ ଆଦାୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁବାର କହିଥିଲେ।

### ବଜ୍ରପାତ ନେଲା ୩...

ବେଳେ ଚିକିତ୍ସା ପରେ ସାନଭାଇର ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଜଣାପଡ଼ିଛି। ସେହିପରି ବୌଦ୍ଧ ଜିଲ୍ଲା ଶଗଡ଼ା ଝାଙ୍କରପଡ଼ା ଗାଁରେ ବ୍ରଜପାତରେ ମୃତକ ଦୁଇ ଜଣ ହେଲେ ବିଶ୍ୱଜିତ ମିର୍ଦ୍ଧା ଓ ଚରଣ କୁମ୍ଭାର। ଶୁକ୍ରବାର କ୍ରିକେଟ ପଡ଼ିଆରେ ପିଲାମାନେ ଖେଳୁଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ଉଭୟଙ୍କ ନାବାଳକର ମୃତ୍ୟୁ ହୋଇଛି।

### ଭିଜିଲାନ୍ସ ଜାଲରେ ...

ଏନେଇ ହିତାଧିକାରୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆଜି ଏହି ଟଙ୍କା ହିତାଧିକାରୀଙ୍କ ଠାରୁ ଗ୍ରହଣ କରିବା ବେଳେ ପୂର୍ବ ଯୋଜନାନୁସାରେ ଛପିଥିବା ଭିଜିଲାନ୍ସ ଟିମ୍ ଏଲ୍‌ଆଇ ଶ୍ରୀ ହାଲଦାରଙ୍କୁ ଧରିଥିଲା। ଏହାପରେ ଆୟବହିର୍ଭୁତ ସମ୍ପତ୍ତି ଠୁଳ ସନ୍ଦେହରେ ଏଲ୍‌ଆଇଙ୍କ ବାସଭବନ ସମେତ ଏକାଧିକ ସ୍ଥାନରେ ଚଢଉ କରାଯାଇଥିଲା। ରାଇଗଡ଼ର ବାସଭବନରୁ ୮ଲକ୍ଷ ୨୪ ହଜାର ଟଙ୍କା ନଗଦ ଜବତ ହୋଇଥିବା ସୂଚନା ମିଳିଛି। ଏନେଇ ହାଲ୍‌ଦାରଙ୍କ ବିରୋଧରେ ୧୩/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି। ଦୁର୍ନୀତିର ପରବର୍ତ୍ତୀ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଘାଟିରୁ ଖସିଲା ବାଇକ୍...

ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଚିହ୍ନଟ କରିବା ପରେ ପୁଲିସକୁ ସୂଚନାଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାତିରେ ଶବଗୁଡ଼ିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ତେବେ ଶନିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

### ଇସ୍ତଫା ଦେଲେ ଚମ୍ପତ...

କରାଯିବା ପରେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସିଜେଏମ୍ କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ୧୪ ଦିନ ପାଇଁ ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସୋମବାର ସେମାନଙ୍କୁ ପୁଣି ଥରେ କୋର୍ଟରେ ହାଜର କରାଯିବ। ସମସ୍ତ ଅଭିଯୁକ୍ତଙ୍କଠାରୁ ସମୁଦାୟ ୭୯ ଲକ୍ଷ ୮୫ ହଜାର ୪୯୩ ଟଙ୍କା ନଗଦ ରାଶି ଜବତ କରାଯାଇଛି। ଏତଦ୍‌ବ୍ୟତୀତ ତଦନ୍ତ ସମୟରେ ଏହି ଅଭିଯୁକ୍ତଙ୍କ ନାମରେ ସହରର ପ୍ରମୁଖ ସ୍ଥାନଗୁଡ଼ିକରେ କୋଟି କୋଟି ଟଙ୍କା ମୂଲ୍ୟର ଫ୍ଲାଟ୍ ତଥା ବ୍ୟାଙ୍କ୍ ବାଲାନ୍ସ ରହିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଅନୀଲ ମିଶ୍ରଙ୍କ ସମ୍ପର୍କୀୟ ହୋଇଥିବା ଜଣାପଡ଼ିଛି। ପ୍ରକାଶ, ଚମ୍ପତଙ୍କ ପାଖରେ ସମ୍ପୂର୍ଣ୍ଣ ମନ୍ଦିରର ଦାୟିତ୍ୱ ଥିଲା। ରାୟଙ୍କ ପରେ ଟ୍ରଷ୍ଟି ଅନିଲ ଏବଂ ଗୋପାଳ ରାଓଙ୍କର ମନ୍ଦିର ବ୍ୟବସ୍ଥାରେ ବଡ଼ ଭୂମିକା ଥିଲା। ସପ୍ତାହେ ପୂର୍ବରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଯୋଧ୍ୟା ଗସ୍ତରେ ଯାଇଥିଲେ। ସେହି ସମୟରେ ଚମ୍ପତଙ୍କୁ ତାଙ୍କ ଗସ୍ତରୁ ଦୂରେଇ ରଖାଯାଇଥିଲା, ସେବେଠାରୁ ହିଁ ତାଙ୍କୁ ହଟାଯାଇପାରେ ବୋଲି ଚର୍ଚ୍ଚା ଜୋର ଧରିଥିଲା। ସୂତ୍ର ଅନୁଯାୟୀ, ଏବେ ଟ୍ରଷ୍ଟର ପୁନର୍ଗଠନ କରାଯିବ।

### ହଷ୍ଟେଲରେ ହେବ...

ସେଠାରେ ତୁରନ୍ତ ପିଏନ୍‌ଜି ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେବାକୁ ବିଭାଗ ପକ୍ଷରୁ ସେମାନଙ୍କୁ କୁହାଯାଇଛି। ଏହି ସମସ୍ତ ନିର୍ଦ୍ଦେଶ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସମ୍ପର୍କରେ ଜୁନ୍ ୩୦ ସୁଦ୍ଧା ରିପୋର୍ଟ ଦେବା ପାଇଁ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ କୁହାଯାଇଛି।

### ୩ ଶିକ୍ଷକ ଗିରଫ...

ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ରାକେଟକୁ ଧରିଛି କ୍ରାଇମବ୍ରାଞ୍ଚ ଏସଟିଏଫ। ଏହାର କିଙ୍ଗପିନ୍ ହେଉଛନ୍ତି ଦୁର୍ବାଶା ନାୟକ। ସେ ମଧ୍ୟ ଜଣେ ଶିକ୍ଷକ। ତାଙ୍କ ସହିତ ଆହୁରି ୩ ଜଣଙ୍କୁ ଗିରଫ କରାଯାଇଥିବା ଆଜି ଏକ ପ୍ରେସମିଟ୍‌ରେ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ଗତ ୨୪ ତାରିଖରେ କଟକର ଆଠଗଡ଼ ନିକଟରୁ ୧୯୦ କେଜି ଗଞ୍ଜେଇ ଜବତ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ନିକଟରୁ ଏକ ୧୦ ଟଙ୍କିଆ ନୋଟ୍‌ର ଅଧା ଅଂଶ ଜବତ କରାଯାଇଥିଲା। ବାକି ଅଧା ଅଂଶ ଦେଖାଇବା ବ୍ୟକ୍ତିଙ୍କୁ ଗଞ୍ଜେଇ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଥିଲା। ଆଜି ଗିରଫ ୪ ଅଭିଯୁକ୍ତଙ୍କ ନିକଟରୁ ସେହି ଅଧା ଚିରା ୧୦ ଟଙ୍କିଆ ନୋଟ୍ ଜବତ କରାଯାଇଛି। ଜବତ ଅଧା ଚିରା ୧୦ ଟଙ୍କିଆ ନୋଟ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ବୋଲି କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି।

# ଆଦିବାସୀ ବହୁଳ ଅଞ୍ଚଳରେ ପହଞ୍ଚିପାରିନି ବିକାଶ

- ଗ୍ରାମବାସୀଙ୍କୁ ମିଳୁନି ମୌଳିକ ସୁବିଧା ସୁଯୋଗ
- ଆକାଂକ୍ଷା ବ୍ଲକ୍ ହେବା ସତ୍ତ୍ୱେ ହେଉନି ବିକାଶ
- ସରକାର ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବାକୁ ଦାବି

**ରେଢ଼ାଖୋଲ,୨୬।୬/ଏନ୍‌ଏନ୍‌ଏସ୍:** ଗ୍ରାମାଞ୍ଚଳରେ ବସବାସ କରୁଥିବା ଆଦିବାସୀ ପରିବାରଙ୍କୁ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ହେଲେ ଦେଶ ସ୍ୱାଧୀନ ହେବାର ୭ ଦଶନ୍ଧି ପରେ ମଧ୍ୟ ଏମିତି ଅନେକ ଗ୍ରାମ ଅଛି ଯେଉଁଠି ଆଜି ବି ମୌଳିକ ସୁବିଧା ସୁଯୋଗ ଅପହଞ୍ଚ। ଏପର୍ଯ୍ୟନ୍ତ ଲୋକେ ବିକାଶ କ'ଣ ଦେଖିପାରି ନାହାନ୍ତି । ଆଦିବାସୀଙ୍କ ବିକାଶ ଦିଗରେ ସରକାର କୋଟି କୋଟି ଟଙ୍କା ବିନିଯୋଗ କରୁଥିବାବେଳେ ଏହାର ବାସ୍ତବ ରୂପ ଅଲଗା। ନାକଟିଦେଉଳ ବ୍ଲକ୍ ପାଣିମରା ପଞ୍ଚାୟତର ଗରିଆଖମଣ, ଡିମିରିକୁଦା, ନିଆଗାଁ ଓ ଡିପା ସାହିରେ ବସବାସ କରୁଥିବା ଲୋକେ ରାସ୍ତା, ପାଣି ଓ ବିଦ୍ୟୁତ୍ ସମସ୍ୟା ପାଇଁ ହନ୍ତସନ୍ତ ହେଉଛନ୍ତି। ଆକାଂକ୍ଷା ବ୍ଲକ୍ ହେବା ସତ୍ତ୍ୱେ ବିକାଶ ହେଉନାହିଁ। ଗ୍ରାମଠୁ ୨୨ କିମି ଦୂରରେ ଅବସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟକୁ ବହୁ କଷ୍ଟରେ ଯିବାକୁ ପଡ଼େ। ପ୍ରଶାସନିକ ଉଦାସୀନତା ଯୋଗୁ ସମସ୍ୟା ଓ ସମୟ ଭିତରେ ଗାଁକୁ ୭୦ ବର୍ଷ ବିତିଲାଣି। ଗ୍ରାମାଞ୍ଚଳ ବିକାଶ ନିମନ୍ତେ ରାଜ୍ୟ ସରକାର ମାଳ ମାଳ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସରକାରୀ ବାବୁଙ୍କ ଉଦାସୀନତା ଯୋଗୁ ପାଣିମରା ପଞ୍ଚାୟତବାସୀ ଦୁଃଖ ଦୁର୍ଦ୍ଦଶାରେ ହନ୍ତସନ୍ତ ହେଉଛନ୍ତି। ଏମାନଙ୍କ ପାଇଁ ସରକାରୀ ବ୍ୟବସ୍ଥା ଯେମିତି ଅଚଳ ହୋଇପଡ଼ିଛି। ଗୁହାରି କଲେ ବି ନିରୀହ ଆଦିବାସୀଙ୍କ କଥା କେହି ଶୁଣୁନାହାନ୍ତି। ସରକାର ବାର୍ଦ୍ଧକ୍ୟ ଭତ୍ତା ସହ ମାଗଣା ଚାଉଳ ଦେଉଛନ୍ତି। ମାଗଣା ଚାଉଳ ଆଣିବାକୁ ହେଲେ ଗାଡ଼ି ଭଡ଼ା ୧୫୦ ଟଙ୍କା ଲାଗେ। ଗାଁକୁ ଆମ୍ବୁଲାନ୍ସ ଆସିବା ପାଇଁ ରାସ୍ତା ନଥିବାରୁ ଦେହ ଖରାପ ହେଲେ ଲୋକେ ଖଟିଆରେ ବୁହା ହେଉଛନ୍ତି। ଅନେକ ପ୍ରସୂତି ଚିକିତ୍ସାଳୟ ଦେଖିନାହାନ୍ତି। ପଞ୍ଚାୟତ ଅଫିସ୍ ଯିବାକୁ ହେଲେ ଗାଁ ଲୋକଙ୍କୁ ୨୨ କିମି ଚାଲିବାକୁ ପଡ଼େ। ଗ୍ରାମରେ ସର୍ବାଧିକ ଗରିବ ଶ୍ରେଣୀର ଆଦିବାସୀ ପରିବାର ସମେତ ଅନ୍ୟ ବର୍ଗର ଲୋକେ ବସବାସ କରନ୍ତି। ଗୋଟିଏ ସାହିରେ



୨୬ ଆଦିବାସୀ ପରିବାର ବସବାସ କରୁଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ପାଣି କିମ୍ବା ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଏହାଦ୍ୱାରା ଏମାନେ ଅନ୍ଧାରରେ ଦିନ କାଟୁଛନ୍ତି। ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ ପରେ ବି ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଗ୍ରାମର ମାଲବାଲି ଟୋପ, ସୁଦ୍ଧା ହଂସ, ସରୋଜିନୀ ସମର୍ଥା ଓ ମଇଲାଇନ୍ ବୁଡ଼ ଆଦି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗାଁର ବିକାଶମୂଳକ କାମ ପାଇଁ ଯାହା ବି ସରକାରୀ ଅର୍ଥ ଆସିଥାଏ ତା'ର ସଠିକ୍ ବିନିଯୋଗ କରାଯାଏ ବୋଲି ପାଣିମୁରା ସରପଞ୍ଚ ଜଗନ୍ନାଥ ସାହୁ ପ୍ରକାଶ କରିଛନ୍ତି। ତେଣୁ ସରକାର ଦୃଷ୍ଟି ଦେଇ ଅଞ୍ଚଳର ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

## ଅଗ୍ନିକାଣ୍ଡରେ ଗ୍ରୋସରୀ ଦୋକାନ ଛାରଖାର୍

**ରାୟଗଡ଼ା,୨୬।୬/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା ଗୁଣପୁର ଥାନା ଅନ୍ତର୍ଗତ ଡମ୍ବସରା ଗ୍ରାମର ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ଗ୍ରୋସରୀ ଦୋକାନରେ ଭୟାବହ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଏଥିରେ ଦୋକାନରେ ମହଜୁଦ୍ ଥିବା ସମସ୍ତ ଖାଦ୍ୟ ସାମଗ୍ରୀ, ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ, ଆସବାବପତ୍ର, ଫ୍ରିଜ୍, କାଉଣ୍ଟର, ରେକ୍ ଓ ଅନ୍ୟାନ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ଭାବେ ପୋଡ଼ି ନଷ୍ଟ ହୋଇଯାଇଛି। ପ୍ରାଥମିକ ଆକଳନ ଅନୁଯାୟୀ ପ୍ରାୟ ୩୦ ଲକ୍ଷ ଟଙ୍କାରୁ ଅଧିକ କ୍ଷୟକ୍ଷତି ହୋଇଥିବା ସନ୍ଦେହ କରାଯାଉଛି। ସୂଚନାନୁଯାୟୀ କେ. ଗୁରୁନାଥଙ୍କ ମାଲିକାନାରେ ଥିବା ଉକ୍ତ ଗ୍ରୋସରୀ ଦୋକାନ ବନ୍ଦ ଥିବାବେଳେ ଶୁକ୍ରବାର ସକାଳେ ଦୋକାନ ଭିତରୁ ଘନ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ସେମାନେ ତୁରନ୍ତ ଦୋକାନ ମାଲିକଙ୍କୁ ଖବର ଦେଇଥିଲେ। ମାଲିକ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ନିଆଁ ସମଗ୍ର ଦୋକାନକୁ କବଳିତ କରିସାରିଥିଲା। ଅଗ୍ନିର ପ୍ରକୋପ ଏତେ ଅଧିକ ଥିଲା ଯେ କିଛି ସମୟ ମଧ୍ୟରେ ଦୋକାନରେ ଥିବା ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା।



ଖବରପାଇ ଗୁଣପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଅଗ୍ନି ନିର୍ବାପନ କାର୍ଯ୍ୟ ଚଳାଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ସେତେବେଳକୁ ଦୋକାନର ସମସ୍ତ ସମ୍ପତ୍ତି ନଷ୍ଟ ହୋଇସାରିଥିଲା। ନିଆଁ ବ୍ୟାପି ନିକଟସ୍ଥ ଅନ୍ୟ ଦୋକାନ ଓ ଘରକୁ ପହଞ୍ଚିବା ପୂର୍ବରୁ ଅଗ୍ନିଶମ ବାହିନୀ ଏହାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲା। ଅଗ୍ନିକାଣ୍ଡର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବାବେଳେ ବିଦ୍ୟୁତ ସର୍ଟସର୍କିଟ୍ ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି। ତେବେ ବୈଷୟିକ ତଦନ୍ତ ରିପୋର୍ଟ ଆସିବା ପରେ ହିଁ ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଅଧିକାରୀମାନେ କହିଛନ୍ତି। ପରେ ରାଜସ୍ୱ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ତେବେ କେତେ ପରିମାଣର ସାମଗ୍ରୀ ନଷ୍ଟ ହୋଇଛି ଏବଂ ପ୍ରକୃତ ଆର୍ଥିକ କ୍ଷତି କେତେ ହୋଇଛି ସେନେଇ ରିପୋର୍ଟ ପ୍ରସ୍ତୁତ କରାଯାଉଛି। ଅନ୍ୟପଟେ ଗୁଣପୁର ପୁଲିସ୍ ଅଗ୍ନିକାଣ୍ଡର କାରଣ ଏବଂ ଏଥିରେ କୌଣସି ଅବହେଳା କିମ୍ବା ଅନ୍ୟ କୌଣସି କାରଣ ରହିଛି କି ନାହିଁ ସେ ଦିଗରେ ପୁଲିସ୍ ତଦନ୍ତ କରୁଛି। ତଦନ୍ତ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ କାରଣ ସହ କ୍ଷୟକ୍ଷତିର ସଠିକ୍ ପରିମାଣ ସାମ୍ନାକୁ ଆସିବ ବୋଲି ଜଣାପଡ଼ିଛି।

### ନୂତନ ଶିକ୍ଷା ନୀତି ଓ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ

## କେନ୍ଦ୍ର ସରକାରଙ୍କ ବିରୋଧରେ କଂଗ୍ରେସର ରଣହୁଙ୍କାର

**ରାୟଗଡ଼ା,୨୬।୬/ଏନ୍‌ଏନ୍‌ଏସ୍:** ନୂତନ ଶିକ୍ଷା ନୀତି, ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ଓ ଶିକ୍ଷା ବ୍ୟବସ୍ଥାକୁ ନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ବିରୋଧରେ ରାୟଗଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ତୀବ୍ର ସ୍ୱର ଉଠିଛି। ପ୍ରଦେଶ

**ଦାବିପୂରଣ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ**



କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତୃବୃନ୍ଦ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଶିକ୍ଷା ନୀତିକୁ କଡ଼ା ଭାଷାରେ ସମାଲୋଚନା କରିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ଦାବି କରିଛନ୍ତି। ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ମୀନାକ୍ଷୀ ବାହିନୀପତି ଯୋଗଦେଇ ଦେଶର ଭବିଷ୍ୟତ ଭାବେ ପରିଚିତ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ସହ ବର୍ତ୍ତମାନର ଶିକ୍ଷା ନୀତି ଖେଳ ଖେଳୁଛି। ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ବିଭିନ୍ନ ଅନିୟମିତତା ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି। ଶିକ୍ଷାମନ୍ତ୍ରୀ ପରିସ୍ଥିତିର ଗୁରୁତ୍ୱ ବୁଝିବା ପରିବର୍ତ୍ତେ ଅଦାୟିତ୍ୱପୂର୍ଣ୍ଣ ମନ୍ତବ୍ୟ ରଖୁଥିବା ଅଭିଯୋଗ କରିଥିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ଅନେକ ଛାତ୍ରଛାତ୍ରୀ ଚରମ ମାନସିକ ଚାପର ସମ୍ମୁଖୀନ ହୋଇଥିଲେ ଏବଂ କେତେକ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ମଧ୍ୟ ନେଇଥିବା ଖବର ସାମ୍ନାକୁ ଆସିଥିଲା। ଏପରି ସମୟରେ ସରକାର ସମବେଦନା ପ୍ରକାଶ କରିବା ପରିବର୍ତ୍ତେ ସମ୍ବେଦନହୀନ ଆଭିମୁଖ୍ୟ ଆପଣାଇଥିବା ଶ୍ରୀମତୀ ବାହିନୀପତି ଅଭିଯୋଗ କରିଥିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ରିପୋର୍ଟ ତୁରନ୍ତ ସାର୍ବଜନୀନ କରାଯାଉ ବୋଲି ପ୍ରଦେଶ ଅଳ୍ପସଂଖ୍ୟକ ବିଭାଗ ସଭାପତି ମହମ୍ମଦ ଜଇନୁଲ୍ ହକ୍ କହିଥିଲେ। ତେବେ ସରକାର ଏହାକୁ ଗୁରୁତ୍ୱର ସହ ନେଇ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କଂଗ୍ରେସ୍ ନେତୃବୃନ୍ଦ ଦାବି କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ନିଖିଲ ପଟ୍ଟନାୟକ, ଯୁବନେତା ହରିଶ ପଟ୍ଟନାୟକ, ଅସଲାମ୍ ଖାନ୍, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ନନ୍ଦୀ ଗୌରୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଶେଷରେ ଶ୍ରୀମତୀ ବାହିନୀପତି ଚେତାବନୀ ଦେଇ ଶିକ୍ଷା ନୀତିରେ ସଂଶୋଧନ, ନିଟ୍ ଦୁର୍ନୀତିର ସ୍ୱଚ୍ଛ ତଦନ୍ତ ଓ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷା ଦିଗରେ ସରକାର ଶୀଘ୍ର ପଦକ୍ଷେପ ନନେଲେ କଂଗ୍ରେସ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଆହୁରି ଜୋରଦାର୍ କରିବ ବୋଲି କହିଥିଲେ। ଅନ୍ୟପଟେ ଗୁଣପୁର ପୁଲିସ୍ ମଧ୍ୟ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପରିଗଣନା ଫର୍ମ ଡିଜିଟାଲାଇଜେସନ୍‌ରେ ମାଲକାନଗିରି ପ୍ରଥମ

**ମାଲକାନଗିରି,୨୬।୬/ଏନ୍‌ଏନ୍‌ଏସ୍:** ପରିଗଣନା ଫର୍ମ ଡିଜିଟାଲାଇଜେସନ୍ କାର୍ଯ୍ୟକୁ ସଫଳତାର ସହ ଶେଷକରି ରାଜ୍ୟରେ ମାଲକାନଗିରି ଜିଲ୍ଲା ପ୍ରଥମ ସ୍ଥାନ ହାସଲ କରିଛି। ଏହି ଅଭୂତପୂର୍ବ ସଫଳତା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିଛନ୍ତି। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇ ନିଜର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରେଷ୍ଠ ଇଆର୍‌ଓ ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ ଏବଂ ଶ୍ରେଷ୍ଠ ସ୍ୱିପ୍ ନୋଡାଲ୍ ଅଧିକାରୀ ଭାବେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ଖଇରପୁଟ ବିଡିଓ ଅର୍ପିତା ମହାନ୍ତି ଓ ପୋଡ଼ିଆ ବିଡିଓ ଅଶ୍ୱିନ କୁମାର ମହାପାତ୍ରଙ୍କୁ ଶ୍ରେଷ୍ଠ ଏଇଆର୍‌ଓ ସମ୍ମାନ ମିଳିଛି। ପୋଡ଼ିଆ ବ୍ଲକ୍‌ର ଅଶୋକ କୁମାର ମହାନ୍ତି ଏବଂ ଖଇରପୁଟ ବ୍ଲକ୍‌ର ଜ୍ୟୋତି ରଞ୍ଜନ ସେଠୀଙ୍କୁ ଶ୍ରେଷ୍ଠ ଜିପିଡିଓ ଭାବେ ସମ୍ମାନିତ କରାଯାଇଛି। ମିନିଷ୍ଟ୍ରିଆଲ୍ ଷ୍ଟାଫ୍ ବର୍ଗରେ ଜ୍ଞାନରଞ୍ଜନ ସ୍ୱାଇଁ ଓ ରବି ଶଙ୍କର ମାର୍ଣ୍ଡିଙ୍କୁ ପୁରସ୍କାର ମିଳିଥିବାବେଳେ ୧୪୬-ମାଲକାନଗିରିରୁ ମୁକା ମାଡ଼କାମୀ ଏବଂ ୧୪୬-ଚିତ୍ରକୋଣ୍ଡାରୁ ଲକ୍ଷ୍ମଣ ଖରା ଶ୍ରେଷ୍ଠ ବିଏଲ୍‌ଓ ଭାବେ ପୁରସ୍କୃତ ହୋଇଛନ୍ତି। ଏହାସହ ସମଗ୍ର ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିଥିବାରୁ ସହାୟକ ଜିଲ୍ଲାପାଳ (ନିର୍ବାଚନ) ଅଶୋକ ଚକ୍ରବର୍ତ୍ତୀଙ୍କୁ ବିଶେଷଭାବେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ୍ ଏଚ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତଙ୍କ ଦଳଗତ ପ୍ରୟାସକୁ ପ୍ରଶଂସା କରିଥିଲେ।

### ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ

## 'ନିଶାଠୁ ଦୂରରେ ରୁହନ୍ତୁ, ନିଶା ମଣିଷକୁ ନଷ୍ଟ କରେ'

**ନବରଙ୍ଗପୁର,୨୬।୬/ଏନ୍‌ଏନ୍‌ଏସ୍:** ନବରଙ୍ଗପୁର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ନିଶା ନିବାରଣ ଓ ଅନୈତିକ ଚାଲାଣ ନିବାରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନେତୃତ୍ୱରେ ଏକ ରାଲି ଅନୁଷ୍ଠିତ ହୋଇଥିଲା। ନିଶା ନୁହେଁ, ଜୀବନକୁ ବାଛିବା ଓ ନିଶାଠୁ ଦୂରରେ ରୁହନ୍ତୁ କାରଣ ନିଶା ମଣିଷକୁ ନଷ୍ଟ କରେ ଏହି ବାର୍ତ୍ତା ଜିଲ୍ଲା ଅବକାରୀ ଅଧୀକ୍ଷକ ଜିଲ୍ଲାବାସୀଙ୍କୁ ଦେଇଛନ୍ତି। ସମସ୍ତ ଅତିଥି ନିଶାମୁକ୍ତ ନବରଙ୍ଗପୁର କରିବାକୁ ପରାମର୍ଶ ଦେଇଥିଲେ ଏବଂ ନିଶାଠୁ ଦୂରରେ ରହିବାକୁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର କିନ୍ନର ସଂଘର ସେକ୍ରେଟାରୀ ଚୁମକି ଯୋଗଦେଇ ନିଶାକୁ ଯେଉଁମାନେ ଆଦରି ନେଇଛନ୍ତି ସେମାନେ ତାକୁ ଛାଡ଼ି ସୁସମାଜ ଗଠନ କରିବାରେ ସାହାଯ୍ୟ କରିବା ଦରକାର ବୋଲି କହିଥିଲେ। ବିଭିନ୍ନ ମାଦକ ଦ୍ରବ୍ୟ ସେବନର କୁପରିଣାମ ବାବଦରେ ଲୋକଙ୍କୁ ଅବଗତ କରିବା, ଅପମିଶ୍ରିତ, ବିଷାକ୍ତ ଓ ଚୋରାମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ କହିଥିଲେ। ଏହି କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟି ଅଧ୍ୟକ୍ଷ କୁନୁ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଶିଶୁ ବିକାଶ ଅଧିକାରୀ ଦ୍ରୌପଦୀ କହଁର, ଅଙ୍ଗନବାଡ଼ି କର୍ମୀ ଓ ଅବକାରୀ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




**● ଜୟପୁର:** ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି। ବର୍ତ୍ତମାନ ଯୁବ ସମାଜ ଦିନକୁଦିନ ନିଶାଗ୍ରସ୍ତ ହୋଇ ନିଜ ଜୀବନକୁ ଛାରଖାର୍ କରୁଛନ୍ତି। ଏଥିରୁ ଯୁବକମାନେ କିପରି ମୁକ୍ତି ପାଇବେ, ନିଜ ଜୀବନକୁ ଶାନ୍ତିପୂର୍ଣ୍ଣ ଭାବେ ଅତିବାହିତ କରିପାରିବେ ଓ ସୁନ୍ଦର ଜୀବନ ଜୀବିକା ମଧ୍ୟରେ ରହିବେ ସେନେଇ ସଚେତନ କରାଯାଇଥିଲା। ନିଶାକୁ ନାଁ, ନିଶାଦ୍ରବ୍ୟ ସ୍ୱାସ୍ଥ୍ୟପକ୍ଷେ ହାନିକାରକ ଓ ନିଶା ଛାଡ଼ନ୍ତୁ ଜୀବନ ବାଛନ୍ତୁ ଆଦି ସ୍ଲୋଗାନ୍ ଦେଇ ସଚେତନତା ସୃଷ୍ଟି କରାଯାଇଥିଲା। ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ସଚେତନ କରିବା ସହିତ ଅପମିଶ୍ରିତ ବିଷାକ୍ତ ଏବଂ ଚୋରାମଦ କାରବାର ସମ୍ପୂର୍ଣ୍ଣ ରୋକିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ଆୟୋଜିତ ଏହି ଶୋଭାଯାତ୍ରା ଜୟପୁରସ୍ଥିତ ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟରୁ ବାହାରି ଲକ୍ଷ୍ମୀ ପଣ୍ଡା ଛକ ଓ ଖ୍ରୀଷ୍ଟିଆନ୍‌ପେଟା ଦେଇ କୋର୍ଟ ଛକରେ ଶେଷ ହୋଇଥିଲା। ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ଡିଏସ୍‌ଇ ଜୟନ୍ତି ଲାଲ ପାଣ୍ଡେ, ଅବକାରୀ ନିରୀକ୍ଷକ ଅଜୟ ନାୟକ, ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରି ହିରନ, ବୋରିଗୁମ୍ମା ଓଆଇସି ନିଳାଦ୍ରି ବିହାରି ମିଶ୍ର, କୋଟପାଡ଼ ଓଆଇସି ବଳରାମ ଦାସ ଓ ଏସ୍‌ଆଇ ସୋନୁ ସେଠିଆ ପ୍ରମୁଖ ଉପସ୍ଥିତ ଥିଲେ।



### ପ୍ରଥମ ଥର ୬ ସହିଦଙ୍କ...

୨୦୨୫ ମସିହାରେ ବିଭିନ୍ନ ସାମରିକ ଅପରେସନ୍ ସମୟରେ ସର୍ବୋଚ୍ଚ ବଳିଦାନ ଦେଇଥିବା ସମସ୍ତ ସୈନ୍ୟଙ୍କ ତାଲିକା ସହିତ 'ଅପରେସନ୍ ସିନ୍ଦୂର'ର ଏହି ବୀରମାନଙ୍କ ନାମ ମଧ୍ୟ ପ୍ରକାଶ କରାଯାଇଛି। ଏହି ୬ ସହିଦଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ପୂର୍ବରୁ ବୀରତା ସମ୍ମାନ ମିଳିସାରିଛି। ରାଇଫଲମ୍ୟାନ୍ ସୁନୀଲ କୁମାରଙ୍କୁ ମରଣୋପରାନ୍ତ 'ବୀର ଚକ୍ର' ପ୍ରଦାନ କରାଯାଇଥିବା ବେଳେ, ସର୍ଜେଣ୍ଟ ସୁରେନ୍ଦ୍ର କୁମାରଙ୍କୁ ତାଙ୍କ ସାହସିକତା ପାଇଁ ମରଣୋପରାନ୍ତ 'ବାୟୁ ସେନା ମେଡାଲ' ମିଳିଥିଲା। 'ଅପରେସନ୍ ସିନ୍ଦୂର' ଅଧୀନରେ ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ରେ ଜୈଶ-ଏ-ମହମ୍ମଦ ଏବଂ ଲସ୍କର-ଏ-ତୋଇବା ସହ ଜଡ଼ିତ ୯ଟି ଆତଙ୍କବାଦୀ ଶିବିର ଉପରେ ସଠିକ୍ ଓ ଜୋରଦାର ଆକ୍ରମଣ କରିଥିଲେ। ଭାରତ ସରକାର ଦାବି କରିଆସୁଛନ୍ତି ଯେ, ଏହି ଆକ୍ରମଣରେ ୧୦୦ ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା। ଏହାପରେ, ୧୦ ମେ'ରେ ଭାରତ ଏବଂ ପାକିସ୍ତାନର ସାମରିକ ଅପରେସନ୍ ମହାନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ହେବା ପରେ ଦୁଇ ଦେଶ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ସହମତି ପ୍ରକାଶ କରିଥିଲେ। ଭାରତୀୟ ସେନା ପାକିସ୍ତାନରେ କରିଥିବା ଧ୍ୱଂସଲୀଳାର ଅନେକ ଫଟୋ ସମୟେ ସମୟେ ଜାରି କରି ବାସ୍ତବିକତାର ପ୍ରମାଣ ଦେଇସାରିଥିବା ବେଳେ ପାକିସ୍ତାନ ପଟୁ ଆଜି ପର୍ଯ୍ୟନ୍ତ ଭାରତରେ କ୍ଷତି ଘଟାଇଥିବାର ଗୋଟିଏ ବି ପ୍ରମାଣ ଦିଆଯାଇନାହିଁ।

### ଦୁର୍ଘଟଣାରେ ୭ ମୃତ...

ହିଁ ୭ ଜଣ ପ୍ରାଣ ହରାଇଥିଲେ। ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଦୁର୍ଘଟଣା ଗ୍ରସ୍ତ ଗାଡ଼ିରୁ ବାହାର କରି ରାଞ୍ଚି ହସ୍ପିଟାଲକୁ ପଠାଯାଇଛି।ମୃତାହତମାନେ ଗୋଟିଏ ବ୍ୟାଣ୍ଡ ପାର୍ଟିରେ କାମ କରୁଥିଲେ। ସେମାନଙ୍କ ଘର ମାରାଙ୍ଗମାର୍ଚ୍ଚା ଓ ବାଲସାଗର ଅଞ୍ଚଳରେ। ଗୋଟିଏ କାର୍ଯ୍ୟକ୍ରମରେ ସାମିଲ ହେବା ପରେ ସମସ୍ତେ ଗୋଟିଏ ଭ୍ୟାନରେ ଗୁରୁବାର ବିଳମ୍ବିତ ରାତିରେ ବାହାରିଥିଲେ। ହେଲେ ଅଧା ବାଟରେ ସେମାନେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।

## ଶ୍ରୀଜଗନ୍ନାଥ ଭକ୍ତ ସମାଜର ବାର୍ଷିକ ଉତ୍ସବ

# ଶାସ୍ତ୍ରୀୟ ପରମ୍ପରାରେ ହେଉ ରଥଯାତ୍ରା



**ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:** ଶ୍ରୀଜଗନ୍ନାଥ ଭକ୍ତ ସମାଜର ତୃତୀୟ ବାର୍ଷିକ ଉତ୍ସବ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ରକ୍ଷଣାବେକ୍ଷଣ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବରିଷ୍ଠ ଦଇତାପତି ଦୁର୍ଗା ପ୍ରସାଦ ଦାସ ମହାପାତ୍ର ନିଜର ଅଭିଭାଷଣରେ କହିଥିଲେ ଯେ ଶ୍ରୀଜୀଉମାନଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସର୍ବଦା ଶାସ୍ତ୍ରୀୟ ପରମ୍ପରା ଅନୁଯାୟୀ ହିଁ ଅନୁଷ୍ଠିତ ହେବା ଉଚିତ। ପରମ୍ପରାରେ କୌଣସି ପ୍ରକାର ସାଲିସ୍ ଗ୍ରହଣୀୟ ନୁହେଁ ବୋଲି ସେ ମତବ୍ୟକ୍ତ କରିଥିଲେ।

ଏହି ଭବ୍ୟ ସମାରୋହରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ (ଇଣ୍ଡିଆ) ର ପ୍ରତିନିଧିମାନେ ମଧ୍ୟ ପ୍ରମୁଖ ଭାବେ ଯୋଗଦେଇଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଅବସରରେ କିଛି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଆନୁଷ୍ଠାନିକ ଭାବେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବହୁ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଏବଂ ସାଧୁସନ୍ଥ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀ ରାମ ଚରଣ ଦାସ ଜୀ ମହାରାଜ, ଭବାନୀ ସୁଆର, ଓଡ଼ିଆ ମଠର ମହନ୍ତ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟ ନାରାୟଣ ଆଚାର୍ଯ୍ୟ, ଡ଼. ଶଶିକାନ୍ତ ରଥ, ଡ. ପ୍ରଦୀପ ଆଚାର୍ଯ୍ୟ ଏବଂ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ନିଜର ମୂଲ୍ୟବାନ ସୁଚିନ୍ତିତ ମତ ରଖିଥିଲେ। ଉତ୍ସବକୁ ସଫଳ କରିବାରେ ଡ଼. ନାରାୟଣ ମହାପାତ୍ର, ସୁରେଶ ମିଶ୍ର, ତ୍ରିଲୋଚନ ନାୟକ, ଭାରତୀ ଭୂଷଣ ପଟ୍ଟନାୟକ, ବିଜୟ ମୋହନ ପଣ୍ଡା, ମୃତ୍ୟୁଞ୍ଜୟ ମାହାନ୍ତି, ପ୍ରଫୁଲ୍ଲ ଦାସ, ଆନାମିକ ସ୍ୱାଇଁ ପଟ୍ଟନାୟକ, ଅନୁପମା ମିଶ୍ର, ଶ୍ରୀନିବାସ ରାଓ ଏବଂ ଚକ୍ରଧର ମାଝି ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ। ଶେଷରେ ସମସ୍ତ ଭକ୍ତ ଓ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଶ୍ରୀରାମକୃଷ୍ଣ ଆଶ୍ରମ ସମେତ ଦୁଇ ପାଇବେ 'ଗାନ୍ଧୀ ଗୌରବ ସମ୍ମାନ'

**ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀବାଦୀ ନେତା ତଥା ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଅବସରରେ ଚଳିତ ବର୍ଷର ପ୍ରତିଷ୍ଠିତ 'ଗାନ୍ଧୀ ଗୌରବ ସମ୍ମାନ-୨୦୨୬' ଘୋଷଣା କରାଯାଇଛି। ଚଳିତ ବର୍ଷ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସୁଆର ଏବଂ କଳାହାଣ୍ଡିର ଶ୍ରୀରାମକୃଷ୍ଣ ଆଶ୍ରମକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ ବୋଲି ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ଆସନ୍ତା ୨୮ ତାରିଖ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନ ସଭାଗୃହରେ ଆୟୋଜିତ ଏକ ଭବ୍ୟ ସମାରୋହରେ ବରିଷ୍ଠ ସନ୍ଥ ପୂଜ୍ୟ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିବେ। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ମହାନଗର ନିଗମର ମେୟର ସୁବାସ ସିଂହ, ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ଏବଂ ମୁଖ୍ୟ ବକ୍ତା ଭାବେ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମ୍ୟାନେଜିଂ ଟ୍ରଷ୍ଟି ଡକ୍ଟର ବୁଦ୍ଧଦେବ ମିଶ୍ର ଜଣାଇଛନ୍ତି। ଏହି ସମାରୋହ ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱର୍ଗତ ପ୍ରଧାନଙ୍କ ସହଯୋଗୀ ମିର୍ଜା ଜାହାଦିନ ବେଗ୍, କଟକ ଦଣ୍ଡୁଆସୀପଡ଼ାର ହୃଷିକେଶ ଜେନା, କଟକ ଚାଉଳିଆଗଞ୍ଜ ପୂଜା କମିଟିର ସଭାପତି ଶିବ ପ୍ରସାଦ ସାହୁ, କଟକ ମହାନଗର ନିଗମର କର୍ପୋରେଟର ସନ୍ତୋଷ କୁମାର ଭୋଳ, କଟକ ନୂଆଗଡ଼ର ପୀତାବାସ ମହାପାତ୍ର, କଟକ ବ୍ରାହ୍ମଣଝରିଲୋର ବିଜୟ କୁମାର ମହାନ୍ତି, କଟକ ଜିଲ୍ଲା ପରିଷଦ ଉପସଭାନେତ୍ରୀ ସୁଭଦ୍ରା ଦାସ, କଟକ ନିମେଇଶାପୁର ସରପଞ୍ଚ ଜ୍ୟୋତ୍ସ୍ନାଗିରି ରାଉତରାୟ, କଟକ ଚୌଦ୍ୱାର ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବମହନ୍ତ ସୁରେନ୍ଦ୍ର କୁମାର ପଣ୍ଡା, କଟକ ବୟାଳିଶି ମୌଜାର ରାମଚନ୍ଦ୍ର ଗୋଛାୟତ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଡକ୍ଟର ସଞ୍ଜୟ ବେହୁରା ପ୍ରମୁଖଙ୍କୁ ସ୍ୱାମୀଜୀ ସମ୍ବର୍ଦ୍ଧିତ କରିବେ। ପୁରସ୍କାର ଚୟନ ତଥା ପ୍ରସ୍ତୁତି ନେଇ ଅନୁଷ୍ଠିତ ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଟ୍ରଷ୍ଟର ସଦସ୍ୟ ପ୍ରଫୁଲ୍ଲ ସିଂହ, ପୁଷ୍ପରାଜ ପ୍ରଧାନ, ପୃଥ୍ୱୀରାଜ ପ୍ରଧାନ ଏବଂ ପ୍ରଜ୍ଞାରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ।

# ଆଇଏସ୍‌ଟିଡି ବାର୍ଷିକ ସାଧାରଣ ସଭା

## ନୂତନ ସଦସ୍ୟ ମନୋନୀତ

**ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:** ଆଇଏସ୍‌ଟିଡିର ବାର୍ଷିକ ସାଧାରଣ ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଚାପ୍ଟରର ସଦସ୍ୟ ଏବଂ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ। ସଭାରେ ଚାପ୍ଟରର କାର୍ଯ୍ୟକଳାପ ସମୀକ୍ଷା କରାଯାଇଥିଲା, ବୃତ୍ତିଗତ ଉନ୍ନତି ଏବଂ ପ୍ରଶିକ୍ଷଣ ସମ୍ବନ୍ଧୀୟ ଭବିଷ୍ୟତ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା ଏବଂ ଏହି ଅଞ୍ଚଳରେ ମାନବ ସମ୍ବଳ ବିକାଶ ଓ ଶିକ୍ଷାର ପ୍ରସାର ପାଇଁ ଚାପ୍ଟରର ଭୂମିକାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଆଜି ଚାପ୍ଟରର ୨୦୨୬–୨୦୨୮ କାର୍ଯ୍ୟକାଳ ପାଇଁ ନିର୍ବାଚନ ଫଳାଫଳର ଘୋଷଣା କରାଯାଇଥିଲା। ତେବେ ନବନିର୍ବାଚିତ ପଦାଧିକାରୀ ଏବଂ ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ଅଧ୍ୟକ୍ଷା: ଡ଼ଃ ପଦ୍ମାଳିତା ରାଉତରାୟ ମନୋନୀତ ହୋଇଛନ୍ତି। ସେହିପରି ଉପାଧ୍ୟକ୍ଷ ଭାବେ ଇଂ. ସରୋଜ କୁମାର ସାହୁ, ମାନଦ ସମ୍ପାଦକ: ଡ଼ଃ ଦେବଦତ୍ତ ନାୟକ ଏବଂ ମାନଦ କୋଷାଧ୍ୟକ୍ଷ ଭାବେ ଅମ୍ବୁଜ ଲୋଚନ ଦାଶ ମନୋନୀତ ହୋଇଛନ୍ତି। ଏହାସହ ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ଡଃ ଦେବଦତ୍ତ ଦାସ, ଡ଼ଃ ସୁହାସିନୀ ଚୌଧୁରୀ, ଡ଼ଃ ସୁବର୍ଣ୍ଣ କେଶରୀ ସାମଲ, ସବ୍ୟସାଚୀ ଶତପଥୀ, ଡ଼ଃ ଅଶୋକ କୁମାର ଦାଶ ରହିଛନ୍ତି। ନବନିର୍ବାଚିତ ସଦସ୍ୟମାନେ ୨୦୨୬–୨୦୨୮ କାର୍ଯ୍ୟକାଳ ମଧ୍ୟରେ ଚାପ୍ଟରର ଉନ୍ନତି ଓ ଅଗ୍ରଗତି ପାଇଁ ସମସ୍ତଙ୍କ ସହ ମିଳିତ ଭାବରେ କାର୍ଯ୍ୟ କରିବେ ବୋଲି କହିଥିଲେ।

# ପ୍ରମିଳା ଓଝାଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:** କର୍ତ୍ତବ୍ୟ ପ୍ରତି ଅନନ୍ୟ ନିଷ୍ଠା ଓ ଦାୟିତ୍ୱବୋଧର ଏକ ଅସାଧାରଣ ଉଦାହରଣ ସୃଷ୍ଟି କରିଛନ୍ତି କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ବୁଥ୍ ନମ୍ବର ୧୮୭ର ବୁଥ ସ୍ତରୀୟ ଅଧିକାରୀ ପ୍ରମିଳା ଓଝା। ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ସମୟରେ ସେ ନିଜର ଦେଶଭକ୍ତି ଓ ସେବା ମନୋଭାବର ପରିଚୟ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧୀୟ କ୍ଷେତ୍ର ପରିଦର୍ଶନ (ଫିଲ୍ଡ ଭିଜିଟ୍) ସମୟରେ ହଠାତ ତାଙ୍କ ଉପରେ ଏକ ଭୟଙ୍କର ବଜ୍ରପାତ ହୋଇଥିଲା। ଏହି ବଜ୍ରପାତରେ ପ୍ରମିଳା ଓଝା ଏବଂ ତାଙ୍କ ଝିଅ ଗୁରୁତର ଭାବେ ଆହତ ହୋଇଥିଲେ। ଏଥିସହିତ ତାଙ୍କର ମୋବାଇଲ୍ ଫୋନ୍‌ଟି ମଧ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଏଭଳି ଏକ ଭୟଙ୍କର ଦୁର୍ଘଟଣାର ଶିକାର ହେବା ପରେ ତାଙ୍କୁ ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ପଡ଼ିଥିଲା। ଆଶ୍ଚର୍ଯ୍ୟର କଥା ଏହା ଯେ, ସେ ମେଡିକାଲ୍‌ରୁ ସୁସ୍ଥ ହୋଇ ଫେରିବା ମାତ୍ରେ ନିଜ ଶରୀରର କଷ୍ଟକୁ ଭୁଲି ପୁଣି କାମରେ ଲାଗିପଡ଼ିଥିଲେ। ସେ ନିଜ ଦାୟିତ୍ୱରେ ଥିବା ସମସ୍ତ ପରିଗଣନା ଫର୍ମର ୧୦୦% ଡିଜିଟାଇଜେସନ କାର୍ଯ୍ୟକୁ ସଫଳତାର ସହ ସମୟ ଅବଧି ପୂର୍ବରୁ ଶେଷ କରିଛନ୍ତି। ତାଙ୍କର ଏହି ଅତୁଳନୀୟ ତ୍ୟାଗ ଓ ଦାୟିତ୍ୱବୋଧକୁ ସମ୍ମାନ ଜଣାଇ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ୍ ଗୋପଲନ ତାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। କେନ୍ଦ୍ରାପଡ଼ା ଉପ-ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜିକରଣ ଅଧିକାରୀ ଅରୁଣ କୁମାର ନାଏକ ପ୍ରଶାସନ ତରଫରୁ ତାଙ୍କୁ ପ୍ରଶଂସା କରିବା ସହିତ ସହାୟତା ଓ ପ୍ରୋତ୍ସାହନ ସ୍ୱରୂପ ଏକ ନୂଆ ମୋବାଇଲ୍ ଫୋନ୍ ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରମିଳା ଓଝାଙ୍କର ଏହି ନିଷ୍ଠା ଆଜିର ସମାଜରେ ଜନସେବାର ପ୍ରକୃତ ମନୋଭାବ ବା ଆଦର୍ଶକୁ ପ୍ରତିଫଳିତ କରୁଛି, ଯାହା ଅନ୍ୟ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ। ଏହି ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ପ୍ରମିଳାଙ୍କ ଅସୀମ ଧୈର୍ଯ୍ୟ ଓ କର୍ତ୍ତବ୍ୟପରାୟଣତାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ବଜ୍ରପାତ ଭଳି ଏକ ଜୀବନହନ୍ତା ବିପଦରୁ ଅଳ୍ପକେ ବର୍ତ୍ତିବା ପରେ ସାଧାରଣରେ ଲୋକେ ମାନସିକ ଓ ଶାରୀରିକ ଭାବେ ଭାଙ୍ଗି ପଡୁଥିବା ବେଳେ, ପ୍ରମିଳା ଯେଭଳି ଦେଶଭକ୍ତି ଓ ଜନସେବାକୁ ଆଗରେ ରଖି ପୁଣି କାର୍ଯ୍ୟକ୍ଷେତ୍ରକୁ ଫେରିଲେ ତାହା ସମସ୍ତଙ୍କୁ ଚକିତ କରିଛି। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ମଧ୍ୟ ତାଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କ କନ୍ୟାର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସରକାରୀ କାର୍ଯ୍ୟକୁ କେବଳ ଏକ ବୃତ୍ତି ନୁହେଁ, ବରଂ ଏକ ପବିତ୍ର ଦାୟିତ୍ୱ ଭାବେ ଗ୍ରହଣ କରିବାର ଜ୍ୱଳନ୍ତ ଉଦାହରଣ ସେ ସାଜିଛନ୍ତି। ଏହି ସଫଳତା ଓ ଦୃଢ଼ ଇଚ୍ଛାଶକ୍ତି ପାଇଁ ବିଭିନ୍ନ ମହଲରୁ ସେ ପ୍ରଶଂସାର ପାତ୍ର ହୋଇଛନ୍ତି।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଜନ୍ମଦିନ

# ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଦାନ ଶିବିର



**ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମଦିବସ ଅବସରରେ ପ୍ରତିଷେଧାତ୍ମକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱଇଚ୍ଛାକୃତ ରକ୍ତଦାନକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ବୃହତ୍ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟିର ଯୁବ ନେତା ତଥା ଭୁବନେଶ୍ୱର ବିକାଶ ପରିଷଦର ଅଧ୍ୟକ୍ଷ ରାଣାପ୍ରତାପ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଭୁବନେଶ୍ୱର ୟୁନିଟ୍ - ୯ ସ୍ଥିତ ରେଡ୍ କ୍ରସ୍ ଭବନରେ ବ୍ୟାପକ ଜନସମାଗମ ଦେଖିବାକୁ ମିଳିଥିଲା। ଏହି ଅବସରରେ ଭୁବନେଶ୍ୱର ବିକାଶ ପରିଷଦର ଅଧ୍ୟକ୍ଷ ରାଣାପ୍ରତାପ ପାତ୍ର କହିଥିଲେ ଯେ ସମାଜସେବାର ଉଦ୍ଦେଶ୍ୟ ଏବଂ ସମସ୍ତ ବର୍ଗର ଲୋକଙ୍କ ନିକଟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ଏହି ପଦକ୍ଷେପର ଆୟୋଜନ କରାଯାଇଥିଲା। ୧,୦୦୦ରୁ ଅଧିକ ହିତାଧିକାରୀ ଓ ୧୦୦ରୁ ଅଧିକ ସ୍ୱଇଚ୍ଛାକୃତ ରକ୍ତଦାତାଙ୍କ ଉତ୍ସାହଜନକ ଯୋଗଦାନ ଆମ ସମାଜରେ ସେବା, ସହଯୋଗ ଓ ମାନବିକତାର ଭାବନାକୁ ପ୍ରତିଫଳିତ କରୁଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ମଣିପାଲ ହସ୍ପିଟାଲ, ଭାରତୀୟ ରେଡ୍ କ୍ରସ୍ ସୋସାଇଟି, ପ୍ରୋସେସିଓ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଫେଡେରେସନ୍, ସ୍ୱେଚ୍ଛାସେବୀ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛି। ଓଡ଼ିଶା ବିଜେପିର ପୂର୍ବତନ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ବିଜେପିର ପୂର୍ବତନ ସଭାପତି ହରେକୃଷ୍ଣ ଖୁଣ୍ଟିଆ ଏବଂ ଭୁବନେଶ୍ୱର ବିଜେପିର ପୂର୍ବତନ ସଭାପତି ରତୀକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଆୟୋଜକମାନଙ୍କର ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ସୁସ୍ଥ ସମାଜ ଗଠନ ପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ୱେଚ୍ଛାକୃତ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ଭାରତୀୟ ରେଡ୍ କ୍ରସ୍ ସୋସାଇଟି ଏବଂ ପ୍ରୋସେସିଓ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଫେଡେରେସନ୍ ସହଯୋଗରେ ଆୟୋଜିତ ଏହି ପଦକ୍ଷେପ ମାଧ୍ୟମରେ ୧,୦୦୦ରୁ ଅଧିକ ଲୋକ ନିଶୁଳ୍କ ଡାକ୍ତରୀ ପରାମର୍ଶ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତା ସେବାର ସୁବିଧା ପାଇଥିଲେ। ରକ୍ତଦାନ ଶିବିର ପରିଚାଳନାରେ ରଶ୍ମି ରଞ୍ଜନ ମୁଦୁଲି, ପ୍ରମୋଦ ପାତ୍ର, ରଜତ ଚୌଧୁରୀ, ସନ୍ଦୀପ ବାରିକ, ଶୁଭକାନ୍ତ ସାହୁ, ସଞ୍ଜୟ ବିଶୋୟୀ, ସୁବାଶ ଦାସ, ଗୌତମ ବେହେରା, ବି. ଶିବା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସେହିପରି ସ୍ୱାସ୍ଥ୍ୟ ଶିବିରର ସୁପରିଚାଳନାରେ ଜ୍ୟୋତ୍ସ୍ନା ନାୟକ, ଭୀମସେନ ନାୟକ, ଆକାଶ ପଟ୍ଟନାୟକ, ଅମଲେଶ ଦାସ, ରାହୁଲ ଗିରି, ଚନ୍ଦନ ବେହେରା, ସୁଦୀପ ବାରିକ, ରାକେଶ ପତି ପ୍ରମୁଖ ନିଜର ସକ୍ରିୟ ସହଯୋଗ କରିଥିଲେ।

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ସଚିବଙ୍କ ପାରାଦୀପ ଗସ୍ତ

# ପୌରାଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

**ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଆଜି ପାରାଦ୍ୱୀପ ପୌରପାଳିକା ଗସ୍ତ କରି ସହରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଭିତ୍ତିଭୂମି ବିକାଶ ଓ ଜନକଲ୍ୟାଣମୂଳକ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଛନ୍ତି। ସହରର ବିକାଶ ଗତିକୁ ଆହୁରି ତ୍ୱରାନ୍ୱିତ କରିବା ସହ ନାଗରିକ ସେବାର ମାନ ବୃଦ୍ଧି କରିବା ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଗସ୍ତ ଅବସରରେ ଶ୍ରୀମତୀ ପାଢ଼ୀ ସହରର ବର୍ଜ୍ୟବସ୍ତୁ ବ୍ୟବସ୍ଥାପନ କେନ୍ଦ୍ର ପରିଦର୍ଶନ କରି କଠିନ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା, ଆବର୍ଜନା ପ୍ରକ୍ରିୟାକରଣ ଏବଂ ପରିବେଶ ଅନୁକୂଳ ପରିଚାଳନା ପଦ୍ଧତିର ସମୀକ୍ଷା କରିଥିଲେ। ସହରକୁ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ପରିବେଶ ସମ୍ପନ୍ନ କରିବା ଲକ୍ଷ୍ୟରେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ସର୍ବାଧିକ ଉପଯୋଗ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ସେ ପାରାଦ୍ୱୀପରେ ପ୍ରସ୍ତାବିତ କନଭେନସନ ସେଣ୍ଟରର ସ୍ଥଳ ପରିଦର୍ଶନ କରି ପ୍ରକଳ୍ପର ରୂପରେଖ, ଭିତ୍ତିଭୂମି ସୁବିଧା ଏବଂ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ସମୀକ୍ଷା କରିଥିଲେ। ପ୍ରକଳ୍ପଟିକୁ ଗୁଣାତ୍ମକ ମାନ ବଜାୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଗସ୍ତର ଏକ ବିଶେଷ ଦିଗ ଥିଲା ଶ୍ରୀମତୀ ପାଢ଼ୀଙ୍କ ଆହାର କେନ୍ଦ୍ର ପରିଦର୍ଶନ। ସେ କେନ୍ଦ୍ରରେ ସାଧାରଣ ଲୋକଙ୍କ ସହ ମଧ୍ୟାହ୍ନ ଭୋଜନ କରି ଖାଦ୍ୟର ଗୁଣବତ୍ତା, ପରିବେଷଣ ବ୍ୟବସ୍ଥା, ପରିମଳ ଓ ସ୍ୱଚ୍ଛତାକୁ ନିଜେ ଅନୁଧ୍ୟାନ କରିଥିଲେ। ଆହାର ଯୋଜନା ମାଧ୍ୟମରେ ସୁଲଭ ମୂଲ୍ୟରେ ଗୁଣାତ୍ମକ ଖାଦ୍ୟ ଯୋଗାଇ ଦିଆଯାଉଥିବାରୁ ସେ ସନ୍ତୋଷ ପ୍ରକାଶ କରିବା ସହ ଏହାର ମାନ ସର୍ବଦା ବଜାୟ ରଖିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାରାଦ୍ୱୀପ ପୌରାଞ୍ଚଳରେ ଚାଲିଥିବା ସମସ୍ତ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିବା ସହ ନାଗରିକଙ୍କୁ ଦକ୍ଷ, ସ୍ୱଚ୍ଛ ଓ ସମୟୋପଯୋଗୀ ସେବା ପ୍ରଦାନକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ପ୍ରକଳ୍ପକୁ ଗୁଣାତ୍ମକ ମାନ ବଜାୟ ରଖି ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।ଏହି ଗସ୍ତ ସମୟରେ ପାରାଦ୍ୱୀପ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ସମେତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ, ଯନ୍ତ୍ରୀ ଏବଂ ପୌରପାଳିକାର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି କ୍ଷେତ୍ରସ୍ତରୀୟ ସମୀକ୍ଷା ସମୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପୌରାଞ୍ଚଳ ମଧ୍ୟରେ ଥିବା ବିଭିନ୍ନ ପ୍ରମୁଖ ରାସ୍ତାଘାଟର ନବୀକରଣ, ଆଲୋକୀକରଣ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାର ମଧ୍ୟ ତଦାରଖ କରିଥିଲେ। ସହରର କେତେକ ପ୍ରମୁଖ ଛକଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ସେ ସନ୍ତୋଷ ପ୍ରକାଶ କରିବା ସହ ବର୍ଷା ଦିନ ପୂର୍ବରୁ ସମସ୍ତ ନାଳ ଓ ନର୍ଦ୍ଦମା ସଫେଇ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପାରାଦ୍ୱୀପକୁ ଏକ ଆଦର୍ଶ ଓ ସବୁଜ ସହର ଭାବେ ଗଢ଼ିତୋଳିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ନାଗରିକମାନଙ୍କ ସହଯୋଗ ଲୋଡ଼ିବା ସହ ଜନସାଧାରଣଙ୍କ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ସେ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ବିଶେଷ କରି ସହରର ବିଭିନ୍ନ ୱାର୍ଡରେ ଚାଲିଥିବା କଲ୍ୟାଣମୂଳକ କାର୍ଯ୍ୟଗୁଡ଼ିକରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ (ଏସଏଚଜି) ଅଧିକ ସାମିଲ କରି ସେମାନଙ୍କ ଜୀବିକା ବିକାଶ ଦିଗରେ ପଦକ୍ଷେପ ନେବାକୁ ସେ ଗୁରୁତ୍ୱ ଦେଇଥିଲେ। ଟେକ୍ନୋଲୋଜି ବା ଆଧୁନିକ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ପୌର ସେବାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ଡିଜିଟାଲାଇଜ୍ କରିବା ଉପରେ ସେ ଅଧିକ ଜୋର୍ ଦେଇଥିଲେ। ବୈଠକରେ ଉପସ୍ଥିତ ଥିବା ପାରାଦ୍ୱୀପ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରକଳ୍ପଗୁଡ଼ିକର ସଦ୍ୟତମ ସ୍ଥିତି ଏବଂ ଆଗାମୀ ଯୋଜନାର ଏକ ସଂକ୍ଷିପ୍ତ ସୂଚନା ଉପସ୍ଥାପନ କରିଥିଲେ। ଶେଷରେ, ସରକାରଙ୍କ ବିକାଶମୂଳକ ଏଜେଣ୍ଡାକୁ ସଫଳ କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଶ୍ରୀମତୀ ପାଢ଼ୀ ଆହ୍ୱାନ ଦେଇଥିଲେ ଏବଂ ବିଭାଗୀୟ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ସଫଳ ଗସ୍ତ ଏବଂ ସମୀକ୍ଷା ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କ ପରଲୋକ



**ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:** ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କର ୮୩ ବର୍ଷ ବୟସରେ ଶୁକ୍ରବାର ଅପରାହ୍ଣରେ ପରଲୋକ ହୋଇଛି। ଶାରୀରିକ ଅସୁସ୍ଥତା ଲାଗି ଗୁରୁବାରଠାରୁ ସେ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହୃଦଘାତରେ ତାଙ୍କର ପରଲୋକ ଘଟିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଶ୍ରୀ ଦାଶ ଦୀର୍ଘ ୩୭ ବର୍ଷ କାଳ ସାମ୍ବାଦିକତାରେ ରହିଥିଲେ। ସେ ପ୍ରେସ ଟ୍ରଷ୍ଟ ଅଫ ଇଣ୍ଡିଆ (ପିଟିଆଇ)ର ସମ୍ବାଦଦାତା ଭାବରେ ଦିଲ୍ଲୀ, ମୁମ୍ବାଇ ଓ କୋଲକାତାରେ ଦୀର୍ଘବର୍ଷ କାର୍ଯ୍ୟ କରି ପରେ କଟକ ଓ ଭୁବନେଶ୍ୱରରେ ପିଟିଆଇର ପ୍ରମୁଖ ସମ୍ବାଦଦାତା ତଥା ମ୍ୟାନେଜର ଭାବରେ କାର୍ଯ୍ୟ କରି ଅବସର ନେଇଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ଅଜିତ କୁମାର ଦାଶ ମୁଖାଗ୍ନି ଦେଇଥିଲେ।

# ଏକାମ୍ର କ୍ଷେତ୍ର ଚନ୍ଦନ ଉତ୍ସବ

**ଭୁବନେଶ୍ୱର,୨୬।୬/ଏନ୍‌ଏନ୍‌ଏସ୍:** ଶ୍ରୀ ଶ୍ରୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ମାଉସୀମା ଛକଠାରେ ଦ୍ୱୈୟୁଗ ପରିବାର ପକ୍ଷରୁ ସଂସ୍ଥାପକ ଓ ଅଧ୍ୟକ୍ଷ ଦେବବ୍ରତ ନାୟକଙ୍କ ନେତୃତ୍ୱରେ ଏକାମ୍ର କ୍ଷେତ୍ର ଚନ୍ଦନ ଉତ୍ସବ ଆଧ୍ୟାତ୍ମିକ ପରିବେଶ, ଭକ୍ତିଭାବ ଓ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ଅପୂର୍ବ ସମନ୍ୱୟରେ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଅବସରରେ ପ୍ରଭୁ ଶ୍ରୀ ଶ୍ରୀ ରାମେଶ୍ୱରଙ୍କ ଚନ୍ଦନ ସେବା, ପୁଷ୍ପ ସେବା, ମହାପ୍ରସାଦ ସେବନ ଓ ବିଭିନ୍ନ ଧାର୍ମିକ ଆଚାର-ଅନୁଷ୍ଠାନ ଭକ୍ତିଭାବର ସହ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ଭଜନ ଗାୟକ ଓ ପ୍ରଖ୍ୟାତ କଳାକାରମାନଙ୍କ ସୁମଧୁର ପରିବେଷଣ ଉପସ୍ଥିତ ଭକ୍ତବୃନ୍ଦଙ୍କୁ ଭକ୍ତିରସରେ ବିଭୋର କରିଥିଲା। ସମଗ୍ର ମନ୍ଦିର ପ୍ରାଙ୍ଗଣ ଚନ୍ଦନର ସୁଗନ୍ଧ, ଭକ୍ତିମୟ ସଙ୍ଗୀତ ଓ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଉଠିଥିଲା। ଏହି ମହୋତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ବ୍ରହ୍ମପୁର ଲୋକସଭା ସାଂସଦ ପ୍ରଦୀପ ପାଣିଗ୍ରାହୀ, ଏକାମ୍ର ବିଧାୟକ ବାବୁ ସିଂହ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ତଥା ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ଜୟଦେବ ଢାଲି, ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଜେପି ନେତା ଗୋଲକ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ତଥା ବିଶିଷ୍ଟ ସମାଜସେବୀ ଲୁଲୁ ବଡଜେନା, ବିଜେପି ନେତ୍ରୀ ତଥା ସମାଜସେବୀ ରଶ୍ମି ମହାପାତ୍ର, ପୂର୍ବତନ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମେତ ବହୁ କର୍ପୋରେଟର, ଜନପ୍ରତିନିଧି, ବିଶିଷ୍ଟ ଅଧିକାରୀ, ସମାଜସେବୀ ଓ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଆୟୋଜନର ଭୂୟସୀ ପ୍ରଶଂସା କରିଥିଲେ। ଅତିଥିମାନେ ଦ୍ୱୈୟୁଗ ପରିବାର ପକ୍ଷରୁ ଓଡ଼ିଶାର ଆଧ୍ୟାତ୍ମିକ ପରମ୍ପରା, ସାଂସ୍କୃତିକ ଐତିହ୍ୟ ଓ ସାମାଜିକ ଏକତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନିଆଯାଉଥିବା ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଦ୍ୱୈୟୁଗ ପରିବାରର ସଂସ୍ଥାପକ ଓ ଅଧ୍ୟକ୍ଷ ଦେବବ୍ରତ ନାୟକ କହିଥିଲେ ଯେ, ଦ୍ୱୈୟୁଗ ପରିବାର ଆଗାମୀ ଦିନରେ ମଧ୍ୟ ମାନବସେବା, ଆଧ୍ୟାତ୍ମିକତା, ସଂସ୍କୃତି ଓ ସମାଜ କଲ୍ୟାଣ କ୍ଷେତ୍ରରେ ଏଭଳି ଜନମୁଖୀ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରତିବଦ୍ଧ ରହିବ। ଏହି ଭବ୍ୟ ଚନ୍ଦନ ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଓ ଜନସାଧାରଣ ଉପସ୍ଥିତ ରହି ଶେଷ ପର୍ଯ୍ୟନ୍ତ କାର୍ଯ୍ୟକ୍ରମର ଆନନ୍ଦ ନେବା ସହ ମହାପ୍ରଭୁଙ୍କ ଜଳଲାଗି ଓ ଚନ୍ଦନ ବେଶ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଉତ୍ସବକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଏବଂ ମନ୍ଦିର ପରିସରକୁ ଆସୁଥିବା ଭକ୍ତମାନଙ୍କ ସୁବିଧା ପାଇଁ ଦ୍ୱୈୟୁଗ ପରିବାର ପକ୍ଷରୁ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ଦଳ ମୁତୟନ କରାଯାଇଥିଲା। ଭକ୍ତମାନଙ୍କ ପାଇଁ ଶୀତଳ ପାନୀୟ ଜଳ ଏବଂ ସୁଆଦୁ ମହାପ୍ରସାଦ ସେବନର ସୁନ୍ଦର ବ୍ୟବସ୍ଥା କରାଯାଇଥିବାରୁ ଉପସ୍ଥିତ ଜନସାଧାରଣ ଅନୁଷ୍ଠାନର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ରାଜ୍ୟର କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ସହ ଯୁବପିଢ଼ିଙ୍କୁ ଆଧ୍ୟାତ୍ମିକତା ଆଡ଼କୁ ଆକର୍ଷିତ କରିବା ପାଇଁ ଏଭଳି ଆୟୋଜନ ବେଶ୍ ସହାୟକ ହେବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।



# ରଥଯାତ୍ରା ନିମନ୍ତେ ପୁଲିସ ଓ ଏନ୍‌ଜିଓଙ୍କ ସମନ୍ୱୟ ବୈଠକ

**ପୁରୀ,୨୬।୬/ଏନ୍‌ଏନ୍‌ଏସ୍:** ଆଗାମୀ ଶ୍ରୀଗୁଣ୍ଡିଚା ରଥଯାତ୍ରା ୨୦୨୬ ଅବସରରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି, ସେମାନଙ୍କ ସୁରକ୍ଷା, ସୁବିଧା ଓ ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ କରିବା ପାଇଁ ଆଜି ପୁରୀ ପୋଲିସ କାର୍ଯ୍ୟାଳୟ କନଫରେନ୍ସ ହଲ୍ ?ରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକଟି ପୁରୀ ଏସ୍ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ପୋଲିସ ଅଧୀକ୍ଷକ ପୁରୀ ସୁଶିଲ କୁମାର ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ ଏବଂ କୌଶିକ ନାୟକ ଉପସ୍ଥିତ ଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ମଧ୍ୟ ଯୋଗଦେଇଥିଲେ। ବୈଠକରେ ପ୍ରଧାନତଃ ରଥଯାତ୍ରା ସମୟରେ ଭକ୍ତମାନଙ୍କ ପାଇଁ ଆମ୍ବୁଲାନ୍ସ ସେବା, ପ୍ରାଥମିକ ଚିକିତ୍ସା ସୁବିଧା ଓ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ କିପରି ଆହୁରି ସୁଚାରୁ ଭାବେ ପରିଚାଳନା କରାଯିବ ସେ ବିଷୟରେ




ବିସ୍ତୃତ ଆଲୋଚନା ହୋଇଥିଲା। ରଥଯାତ୍ରା ସମୟରେ ବଡ଼ଦାଣ୍ଡ, ଶରଧାବାଲି, ସମୁଦ୍ରକୂଳ ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଭକ୍ତମାନଙ୍କ ପାଇଁ ଯଥେଷ୍ଟ ଆମ୍ବୁଲାନ୍ସ ମୁତୟନ, ଆପାତକାଳୀନ ଚିକିତ୍ସା ଦଳ ଓ ସ୍ୱେଚ୍ଛାସେବକମାନଙ୍କ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏସ୍ପି ପୁରୀ ଶ୍ରୀ ସିଂ ସମସ୍ତ ଏନଜିଓ ପ୍ରତିନିଧିଙ୍କୁ ରଥଯାତ୍ରା ଭଳି ବିଶାଳ ଆଧ୍ୟାତ୍ମିକ ମହୋତ୍ସବରେ ଭକ୍ତମାନଙ୍କ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଆହ୍ୱାନ କରିଥିଲେ। ବୈଠକରେ ବିଭିନ୍ନ ଏନଜିଓ ପକ୍ଷରୁ ମଧ୍ୟ ମୂଲ୍ୟବାନ ପରାମର୍ଶ ରଖାଯାଇଥିଲା। ସେମାନେ ଆମ୍ବୁଲାନ୍ସ ସେବା, ପ୍ରାଥମିକ ଚିକିତ୍ସା କେନ୍ଦ୍ର ସ୍ଥାପନା ଏବଂ ହଜିଯାଇଥିବା ବ୍ୟକ୍ତିଙ୍କ ସହାୟତା ପାଇଁ ନିଜର ସକ୍ରିୟ ସହଯୋଗ ଦେବାକୁ ଆଶ୍ୱାସନା ଦେଇଥିଲେ। ପୁରୀ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ରଥଯାତ୍ରା ୨୦୨୬କୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ଆୟୋଜନ କରିବା ପାଇଁ ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ପୁରୀ ପୋଲିସର ପ୍ରଥମ ପ୍ରାଥମିକତା ରହିବ। ପୁରୀ ପୋଲିସ ସମସ୍ତ ଭକ୍ତ, ସ୍ଥାନୀୟ ବାସିନ୍ଦା ଓ ସେବାଦାତା ସଂଗଠନମାନଙ୍କୁ ସମନ୍ୱୟ ଓ ସହଯୋଗ ରଖି ଏହି ପବିତ୍ର ଯାତ୍ରାକୁ ସଫଳ କରିବା ପାଇଁ ଆହ୍ୱାନ ଜଣାଇଛି।

# ବୃଷବନ୍ଧ ପାହାଡ଼ ବ୍ଲାଷ୍ଟିଂକୁ ଗ୍ରାମବାସୀଙ୍କ ବିରୋଧ

**ଖୋର୍ଦ୍ଧା,୨୬।୬/ଏନ୍‌ଏନ୍‌ଏସ୍:** ଆତିଆପଡା ଗ୍ରାମବାସୀ ବୃନ୍ଦ ଜିଲ୍ଲା ପାଳଙ୍କୁ ବୃଷବନ୍ଧ ପାହାଡ ବ୍ଲାଷ୍ଟିଙ୍ଗ ନ କରିବାକୁ ଦାବି ଜଣାଇଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗ୍ରାମଠାରୁ ୧୫୦ ମିଟର ଦୂରରେ ବୃଷବନ୍ଧ ପାହାଡ ଅବସ୍ଥିତ। ଏହି ପାହାଡ ପାଦଦେଶରେ ପୋଖରୀ, ନଈ, ଗ୍ରାମ ଓ ଯାତାୟତ ରୋଡ୍ ଥାଇ ମଧ୍ୟ ବେଆଇନ ବ୍ଲାଷ୍ଟିଂ କରାଯାଉଛି। ବ୍ଲାଷ୍ଟିଂରେ ବ୍ୟବହାର କରାଯାଉଥିବା ଉପାଦନ ଗୁଡିକରେ ପାନୀୟଜଳ ଓ ରାସ୍ତା ଓ ବାୟୁ ମଣ୍ଡଳ କ୍ଷୟକ୍ଷତି ହେଉଛି। ପିଲାମାନେ କଲେଜକୁ ଗଲାବେଳେ ଓ ଜରୁରୀ କାଳିନ ପରିସ୍ଥିତିରେ ମେଡିକାଲ ଗଲାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲାଷ୍ଟିଂ ଦ୍ୱାରା ପଥର ପଡି ଗାଇ, ଗୋରୁ ଓ ଛେଳି, ମେଣ୍ଢା, ମୃତ୍ୟୁ ବରଣ କରୁଛନ୍ତି। ପଥର ପଡି ଘର ଦ୍ୱାର ନଷ୍ଟ ହେଉଛି। ଆମ୍ଭେମାନେ ମଧ୍ୟ ହୃଦ ରୋଗ ଯନ୍ତ୍ରଣା ଅନୁଭବ କରିବା ସହିତ ଭୂମି କମ୍ପର ଝଟକା ଅନୁଭବ କରୁଛୁ । ୨୦୨୧ ମସିହା ପରଠାରୁ ଟାଙ୍ଗି ଆଇଆଇସିଙ୍କ ତତ୍ତ୍ୱାବଧାନରେ ଏସବୁ କ୍ଷୟକ୍ଷତିକୁ ଆଖି ଆଗରେ ରଖି ତାକୁ ବନ୍ଦ କରାଯାଇଥିଲା। କିନ୍ତୁ ୨୦୨୫ ମସିହାରେ କିଛି ଖଣି ମାଫିଆ ଓ ଗୁଣ୍ଡା ଶ୍ରେଣୀର ଲୋକ ପାହାଡ଼ ଚଳେଇବା ପାଇଁ ଚେଷ୍ଟା କରିଥିଲେ। ସେଥିରେ ଗ୍ରାମବାସୀ ଓ ଖଣି ମାଫିଆଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଟାଙ୍ଗୀ ଆଇଆଇସିଙ୍କ ମଧ୍ୟସ୍ଥିରେ ଏହାକୁ ସ୍ଥଗିତ ରଖାଯାଇଥିଲା। ଏବେ ଖଣି ମାଫିଆମାନେ ପୁନର୍ବାର ଖଣି ଚଲାଇବାକୁ ଚେଷ୍ଟା କରୁଛନ୍ତି। ଏସବୁ ପରେ ମଧ୍ୟ ଗ୍ରାମବାସୀ ହାଇକୋର୍ଟରେ ପାହାଡ଼ ବ୍ଲାଷ୍ଟିଂ ବନ୍ଦ କରିବା ପାଇଁ ମଧ୍ୟ ଅପିଲ କରିଥିବା ଜଣାପଡ଼ିଛି।

# ପୁରୀରେ ପହଞ୍ଚିଲା ୩୮୦କିଲୋ ବାସୁଙ୍ଗା ପାଟ

**ପୁରୀ,୨୬।୬/ଏନ୍‌ଏନ୍‌ଏସ୍:** ପୁରୀରେ ପହଞ୍ଚିଛି ୩୮୦ କିଲୋ ବାସୁଙ୍ଗା ପାଟ। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପୂଜାର୍ଚ୍ଚନା ଏହି ବାସୁଙ୍ଗା ପାଟ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ପହଞ୍ଚିଛି। ବାସୁଙ୍ଗା ପାଟ ହେଉଛି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଗୁରୁତ୍ୱପୂର୍ଣ୍ଣ ରିତିନୀତିରେ ବ୍ୟବହୃତ ଏକ ଅତ୍ୟନ୍ତ ପବିତ୍ର ଓ ବିଶେଷ ପ୍ରକାରର ରେଶମ ଡୋରୀ। ବାସୁଙ୍ଗା ପାଟ ହେଉଛି ଶ୍ରୀ ଜଗନ୍ନାଥ ସଂସ୍କୃତି ସହ ଜଡିତ ଏକ ପାରମ୍ପରିକ ରେଶମୀ ପଟ୍ଟବସ୍ତ୍ର, ଯାହା ଓଡ଼ିଶାର ରେଶମ ଓ ହସ୍ତତନ୍ତ ଐତିହ୍ୟର ପ୍ରତୀକ। ଏହା ଆଧ୍ୟାତ୍ମିକ ଶିଷ୍ଟାଚାର, ପାରମ୍ପରିକ କାରୁକୃତି ଓ ଦେଶଜ ପ୍ରଯୁକ୍ତି ଜ୍ଞାନର ଏକ ଦୁର୍ଲଭ ସମନ୍ୱୟ। ବାସୁଙ୍ଗା ପାଟ ପ୍ରାକୃତିକ ମଲବେରୀ ରେଶମ ସୂତାରୁ ପ୍ରସ୍ତୁତ କରାଯାଏ ଓ କଇଁଥ ଫଳର ଅଠାରେ ରଙ୍ଗ ଦିଆଯାଇଥାଏ। ବାସୁଙ୍ଗା କେବଳ ଏକ ଧାର୍ମିକ ସାମଗ୍ରୀ ନୁହେଁ ବରଂ ଏହା ଶ୍ରଦ୍ଧା, କାରୁକୃତି ଓ ପାରମ୍ପରିକତାର ଏକ ପବିତ୍ର ପ୍ରତୀକ। ଏହି ବାସୁଙ୍ଗା ତିଆରି ନିମନ୍ତେ କରୁଣା ସିଲ୍କ ଭଳି ପଦ୍ଧତିର ବ୍ୟବସ୍ଥା କରାଯାଇଛି। କରୁଣା ସିଲ୍କ ହେଉଛି ପାରମ୍ପରିକ ରେଶମର ଏକ ଅହିଂସାମୂଳକ ଓ ସୁସ୍ଥାୟୀ ବିକଳ୍ପ, ଯାହା ରେଶମ କୀଟମାନଙ୍କୁ କୌଣସି କ୍ଷତି ନକରି ପ୍ରସ୍ତୁତ କରାଯାଏ। ଏହି ପ୍ରକ୍ରିୟାରେ ସମସ୍ତ ରେଶମ କୀଟମାନଙ୍କୁ ସମ୍ପୂର୍ଣ୍ଣ ପ୍ରଜାପତି ହେବା ପର୍ଯ୍ୟନ୍ତ ବଞ୍ଚିବାକୁ ଦିଆଯାଏ, ସେମାନେ ନିଜ ସ୍ୱାଭାବିକ ଜୀବନଚକ୍ର ସମ୍ପୂର୍ଣ୍ଣ କରି ପ୍ରାକୃତିକ ଭାବେ ରେଶମ କୋଷରୁ ବାହାରିଆସନ୍ତି। ପୁରାତନ ସ୍ପିନିଂ ପ୍ରକ୍ରିୟା ମାଧ୍ୟମରେ ପୁପାକୁ ହତ୍ୟା କରି ସୂତା ରିଲିଂ କରିବା ପାରମ୍ପରିକ ପଦ୍ଧତିକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଯାଏ। ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ୧୯୮୧ମସିହାରୁ ଶ୍ରୀଜଗନ୍ନାଥ ମନ୍ଦିର, ପୁରୀର ପ୍ରଶାସକଙ୍କ ନିକଟକୁ ବାସୁଙ୍ଗା ପାଟ ଯୋଗାଇ ଦିଆଯାଉଛି। ବାସୁଙ୍ଗା ପାଟ ସହ ବିଜେ ଡୋରି ମଧ୍ୟ ଆସି ପହଞ୍ଚିଛି। ଏହା ମହାପ୍ରଭୁଙ୍କ ଅଣସର ଓ ପହଣ୍ଡି ସମୟରେ ବ୍ୟବହୃତ ହେବ।

# ଦୁର୍ଦ୍ଧାନ୍ତ ଅପରାଧୀକୁ ବାରିପଦା ଜେଲ୍ ସ୍ଥାନାନ୍ତର

**କୋଣାର୍କ,୨୬।୬/ଏନ୍‌ଏନ୍‌ଏସ୍:** ଆଗାମୀ ରଥଯାତ୍ରାକୁ ନଜରରେ ରଖି ପୁରୀରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜେଲ ଅଧିକ୍ଷକ ସଞ୍ଜୟ କୁମାର ବର୍ମାଙ୍କ ନେତୃତ୍ୱରେ ଦୁର୍ଦ୍ଧାନ୍ତ ଅପରାଧୀ ପପୁ ବରାଳକୁ ଗତ ଗୁରୁବାର ୧୦ଘଟିକାରେ ଏକ କଡ଼ା ସୁରକ୍ଷାବଳୟ ମଧ୍ୟରେ ପୁରୀ-କୋଣାର୍କ ବେଳାମାର୍ଗ ପାର୍ଶ୍ୱ ବାଙ୍ଗରସ୍ଥିତ ପୁରୀ ଜିଲ୍ଲା ମୁଖ୍ୟ କାରାଗାରରୁ ଜେଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କୁ ବାରିପଦା ସର୍କଲ୍ ଜେଲ୍‌କୁ ନିଆଯାଇଛି। ସେଠାରେ ତାକୁ ଏକ ସ୍ୱତନ୍ତ୍ର ସେଲ୍‌ରେ ରଖାଯାଇଥିବା ସୂଚନା ମିଳିଛି। ସୂଚନାଥାଉ କି ଗତ ଫେବ୍ରୁଆରୀ ୨୭ ତାରିଖରେ ପୁରୀ ବଳିଆପଣ୍ଡା ଥାନା ଅଞ୍ଚଳର ଏକ ହୋଟେଲ୍ ସାମନାରେ ଜଣକ ଉପରକୁ ବୋମା ପକାଇ ହତ୍ୟା ଉଦ୍ୟମ ଘଟଣାରେ ଧୀରେନ୍ଦ୍ର ନାଥ ବରାଳ ଓରଫ ପପୁ ସହ ତାଙ୍କ ସହଯୋଗୀକୁ ପୋଲିସ ଗିରଫ କରି ଜେଲ୍ ପଠାଇଥିଲା। ଦୁର୍ଦ୍ଧାନ୍ତ ଅପରାଧୀ ପପୁ ନାମରେ ପୁରୀ ଜିଲ୍ଲାର ବିଭିନ୍ନ ଥାନାରେ ୩୦ରୁ ଅଧିକ ଜଘନ୍ୟ ଅପରାଧିକ ମାମଲା ରହିଛି। ପୁରୀ ଜିଲ୍ଲା ମୁଖ୍ୟ କାରାଗାରରେ ପୁରୀ ଜିଲ୍ଲାର ଅନେକ ମୋଷ୍ଟ ୱାଣ୍ଟେଡ୍ ଅପରାଧୀମାନେ ଏଠାରେ ରହୁଥିବାରୁ ରଥଯାତ୍ରାର ବ୍ୟସ୍ତବହୁଳ ସମୟରେ କୌଣସି ଅଘଟଣ ଆଶଙ୍କାକୁ ଦୂରେଇବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ଜେଲର୍ ଶୁଭସ୍ମିତା ବିଶ୍ୱାଳ ପ୍ରକାଶ କରିଛନ୍ତି।

# ଘର ପୋଡ଼ିରେ ବୃଦ୍ଧା ଗୁରୁତର

**ସାଲେପୁର,୨୬।୬/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ମିର୍ଜାପୁର ପଞ୍ଚାୟତର ଶାନ୍ତିଲତା ଗୋଛାୟତ(୮୦) ଗୁରୁବାର ସକାଳୁ ଚାହା କରୁଥିବା ସମୟରେ ଚୁଲିରୁ ନିଆଁ ହଠାତ ଘରେ ଲାଗିଯାଇଥିଲା। ତତ୍‌କ୍ଷଣାତ ନିଆଁ ସମ୍ପୂର୍ଣ୍ଣ ଘରକୁ ଗ୍ରାସ କରିଯାଇଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଘର ଭିତରେ ଏକାକୀ ରହୁଥିବା ବୃଦ୍ଧା ଶାନ୍ତିଲତା ବାହାରକୁ ଆସିପାରି ନଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କଲାବେଳକୁ ଶାନ୍ତିଲତାଙ୍କ ଶରୀରରେ ପାଖାପାଖି ୫୦ ପ୍ରତିଶତ ନିଆଁ ଲାଗିଯାଇଥିଲା। ସଂଗେ ସଂଗେ ସ୍ଥାନୀୟ ବ୍ୟକ୍ତି ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବୃଦ୍ଧା ଶାନ୍ତିଲତା ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

# ମୋରମ୍ ଟ୍ରକ୍ ଜବତ, ଚାଳକ ଗିରଫ

**ମୁଣ୍ଡମୁହାଣ,୨୬।୬/ଏନ୍‌ଏନ୍‌ଏସ୍:** ଗତକାଲି ବିଳମ୍ବିତ ରାତିରେ ଇନଫୋସିଭ୍ୟାଲି ଥାନା ପୁଲିସ ଗଙ୍ଗପଡା ଠାରେ ରାତ୍ରି କାଳିନ ପାଟ୍ରୋଲିଂ ଓ ଯାଞ୍ଚ କରୁଥିବା ବେଳେ ଏକ ମୋରମ ବୋଝେଇ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଟ୍ରକ ଚାଳକ ଜଣକ ଗାଡି ମଡାଇ ପୁଲିସ କର୍ମଚାରିଙ୍କୁ ମାରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଅଭିଯୁକ୍ତ ଚାଳକକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଇନ୍‌ଫୋଭ୍ୟାଲି ଥାନା ଓଗାଳପଡାର ନିରଞ୍ଜନ ତ୍ରିପାଠୀ। ମିଳିଥିବା ସୂଚନା ଅନୁସାରେ ଇନ୍‌ଫୋଭ୍ୟାଲି ଥାନାର ଏଏସଆଇ ସି. ନାରାୟଣ ରାଓ ଗତକାଲି ରାତ୍ରି ପ୍ରାୟ ୧ଟା ୪୫ ମିନିଟ୍ ସମୟରେ ପାଟ୍ରୋଲିଂ ଟିମ୍ ସହ ଗଙ୍ଗାପଡ଼ା ଛକ ନିକଟରେ ବେଆଇନ ଭାବେ ସରକାରୀ କ୍ଷୁଦ୍ର ଖଣିଜ ପଦାର୍ଥ ଖନନ ଓ ପରିବହନ ରୋକିବା ପାଇଁ ଗାଡ଼ି ଯାଞ୍ଚ କରୁଥିଲେ। ସେହି ସମୟରେ ଖୋର୍ଦ୍ଧା ପଟୁ ଏକ ହାଇୱା ମୋରମ ବୋଝେଇ କରି ଆସୁଥିବା ଦେଖିଥିଲେ। ପୁଲିସ ଯାଞ୍ଚ ପାଇଁ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବା ବେଳେ ଚାଳକ ଗାଡ଼ିକୁ ଦ୍ରୁତଗତିରେ ପୁଲିସ କର୍ମଚାରୀଙ୍କ ଆଡ଼କୁ ଚଳାଇଥିଲେ। ଫଳରେ ପୁଲିସ କର୍ମଚାରୀମାନେ ନିଜ ଜୀବନ ରକ୍ଷା ପାଇଁ ରାସ୍ତାରୁ ସାଇଡ୍ ହୋଇଯିବାରୁ ଚାଳକ ଗାଡ଼ି ନେଇ ଫେରାର୍ ହେବାକୁ ଉଦ୍ୟମ କରିଥିଲା। ପୁଲିସ ପକ୍ଷରୁ ଗାଡ଼ିକୁ ପିଛା କରାଯାଇ ଯାଁଲା ଛକ ନିକଟରେ ଅଟକାଯାଇଥିଲା। ସେଠାରେ ଚାଳକ ଗାଡ଼ି ଛାଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ କାବୁ କରାଯାଇଥିଲା। ତଦନ୍ତ ସମୟରେ ଜବତ ହୋଇଥିବା ହାଇୱା ଓ ମୋରମ ଯାଞ୍ଚ କରାଯାଇଥିଲା। ତଦନ୍ତରୁ ଅଭିଯୁକ୍ତଙ୍କ ପାଖରେ ମୋରମ ପରିବହନ ପାଇଁ କୌଣସି ବୈଧ ଟ୍ରାନ୍‌ଜିଟ୍ ପାସ୍, ଖଣି ଅନୁମତିପତ୍ର, ରୟାଲଟି ରସିଦ, ଇ ଚାଲାଣ କିମ୍ବା ଅନ୍ୟ କୌଣସି ଆଇନ ସମ୍ମତ ଦସ୍ତାବିଜ ନଥିଲା। ଅଭିଯୁକ୍ତ ଜାଣିଶୁଣି ଭାରୀ ମୋରମ ବୋଝେଇ ହାଇୱାକୁ କର୍ତ୍ତବ୍ୟରତ ପୁଲିସ କର୍ମଚାରୀଙ୍କ ଆଡ଼କୁ ଚଳାଇ ସେମାନଙ୍କ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଏଭଳି କାଣ୍ଡ କରିଥିଲେ ବୋଲି ଜଣାପଡ଼ିଛି।

# ଶିଶୁ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା

**ଖୋର୍ଦ୍ଧା,୨୬।୬/ଏନ୍‌ଏନ୍‌ଏସ୍:** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ପ୍ଲାନ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଶିଶୁମାନଙ୍କର ସୁରକ୍ଷା, ଯତ୍ନ, ବିକାଶ ଓ ଅଧିକାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାରେ ମିଶନ ବାତ୍ସଲ୍ୟ ଅଧୀନରେ 'ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା' ଶୀର୍ଷକ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ କଲ୍ୟାଣ ସମିତି, ଜୁଭେନାଇଲ ଜଷ୍ଟିସ ବୋର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ, ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ପ୍ଲାନ୍ ଇଣ୍ଡିଆର ରାଜ୍ୟ ସଂଯୋଜକ ପ୍ରଦ୍ୟୁତ ରଞ୍ଜନ ରାଉତ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ ଓ ସମନ୍ୱିତ କରିବା, ଶିଶୁ ନିର୍ଯାତନା, ଶିଶୁ ବିବାହ, ଶିଶୁ ଶ୍ରମ ଓ ଅନ୍ୟାନ୍ୟ ବିପଦରୁ ଶିଶୁମାନଙ୍କୁ ସୁରକ୍ଷା ଦେବା ନେଇ ବିସ୍ତୃତ ଆଲୋଚନା କରିଥିଲେ। ଖୋର୍ଦ୍ଧା ଶିଶୁ ଅଂଶଗ୍ରହଣକାରୀମାନେ ଜିଲ୍ଲାରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଚ୍ୟାଲେଞ୍ଜ ଓ ସମାଧାନ ଉପରେ ମତବିନିମୟ କରିଥିଲେ। ମିଶନ ବାତ୍ସଲ୍ୟର ମୂଳ ଲକ୍ଷ୍ୟ ହେଉଛି ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ, ସହାୟକ ଓ ଶିଶୁ-ବନ୍ଧବ ପରିବେଶ ସୃଷ୍ଟି କରିବା ବୋଲି ମତପ୍ରକାଶ କରିଥିଲେ ଓ ଏହି ଯୋଜନା ଶିଶୁ ଅଧିକାର, ପରିବାରଭିତ୍ତିକ ଯତ୍ନ, ପୁନର୍ବାସନ ଓ ଶିଶୁ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଅନ୍ୟତମ ବକ୍ତା ତଥା ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା କାନ୍ତା ମହାନ୍ତି, ଅତିରିକ୍ତ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ମମତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ ପ୍ରହରାଜ, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ ଜବାହାର ପ୍ରସାଦ ତ୍ରିପାଠୀ, ସଦସ୍ୟା ଅଞ୍ଜୁରାମ ଏବଂ ଜିଲ୍ଲା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ(ଆନୁଷ୍ଠାନିକ ଯତ୍ନ) ସଚିନ୍ଦ୍ର ନାଥ ସାହୁ ପ୍ରମୁଖ ଗୁରୁତ୍ୱ ଦେଇଥିଲେ। କର୍ମଶାଳାର ଶେଷରେ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଅନୁଷ୍ଠାନ ଓ ବିଭାଗ ମଧ୍ୟରେ ଅଧିକ ସମନ୍ୱୟ, ତଥ୍ୟ ବିନିମୟ ଏବଂ ସମୁଦାୟର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ଖୋର୍ଦ୍ଧା ଜିଲ୍ଲାରେ ଏକ ଦୃଢ଼ ଶିଶୁ ସୁରକ୍ଷା ପରିବେଶ ଗଠନ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲା ଓ କର୍ମଶାଳକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମଚାରୀଙ୍କ ସହିତ ପ୍ଲାନ ଇଣ୍ଡିଆର ଜିଲ୍ଲା ସଂଯୋଜକ ଅମିତା ସିଂହ ପ୍ରମୁଖ ପରିଚାଳନା କରିଥିଲେ।

# ନୟାଗଡ଼ ମହାବିଦ୍ୟାଳୟର ଛାତ୍ର ସର୍ବଭାରତୀୟସ୍ତରରେ ଦ୍ୱିତୀୟ



**ନୟାଗଡ଼,୨୬।୬/ଏନ୍‌ଏନ୍‌ଏସ୍:** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଆନୁକୂଲ୍ୟରେ ପରିଚାଳିତ ସର୍ବଭାରତୀୟ ସାଧାରଣ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନ ବିଭାଗର ଛାତ୍ର ରୁଦ୍ର ପ୍ରସାଦ ନାୟକ ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରି ଓଡ଼ିଶା ତଥା ନୟାଗଡ଼ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପରୀକ୍ଷାରେ ସେ ମୋଟ ୨୫୧ ମାର୍କ ରଖିବା ସହ ଏହି ଫଳାଫଳ ଆଧାରରେ ଦେଶର ପ୍ରତିଷ୍ଠିତ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀରେ ପ୍ରଥମ ରାଙ୍କ ସହ ଅଧ୍ୟୟନ କରିବାର ସୁଯୋଗ ପାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରୁଦ୍ର ପ୍ରସାଦ ୨୦୨୫-୨୬ ଶିକ୍ଷାବର୍ଷରେ ନିଜ ବିଭାଗରେ ଶ୍ରେଷ୍ଠ ହେବା ସହ ମହାବିଦ୍ୟାଳୟର ସମଗ୍ର କଳା ସ୍ରୋତରେ ଶ୍ରେଷ୍ଠ ସ୍ନାତକ ବିବେଚିତ ହୋଇଥିଲେ। ରୁଦ୍ରଙ୍କର ଏହି ଅସାଧାରଣ ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ କୁମାର ରାଉତ, ଦର୍ଶନ ବିଭାଗର ମୁଖ୍ୟ ଡ. ପ୍ରମୋଦ କୁମାର ଦାଶ, ଅଧ୍ୟାପିକା ମହାଶ୍ୱେତା ମହାନ୍ତି, ଅଧ୍ୟାପକ ପ୍ରଦୀପ ଆଚାର୍ଯ୍ୟ, ଅଧ୍ୟାପକ ଗଣେଶ ମିଶ୍ର, ଅଧ୍ୟାପକ ଜଗନ୍ନାଥ ମହାରଣାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷାକର୍ମୀ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇଛନ୍ତି। ରୁଦ୍ରଙ୍କର ଏହି ସଫଳତା ସମଗ୍ର ଅଞ୍ଚଳକୁ ଗୌରବାନ୍ୱିତ କରିଛି।

**ବାଣ୍ଟପୁର ପଞ୍ଚାୟତକୁ ଭଗବାନ ଭରସା: ବର୍ଷା ହେଲେ ଭିଜୁଛି ଚାଉଳ**

# ନୂତନ ଗୋଦାମଗୃହ ନିର୍ମାଣ ପାଇଁ ଦାବି

**ଓଡ଼ଗାଁ,୨୬।୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ବାଣ୍ଟପୁର ପଞ୍ଚାୟତକୁ କେବଳ ଭଗବାନ ଭରଷା। ପଞ୍ଚାୟତରେ ନେଟ୍‌ୱର୍କ ନଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଇଛି। ଗୋଟିଏ ଜାଗାରେ ବାଲି ଓଜନ କରିବାପରେ ଆଉ ଗୋଟିଏ ଜାଗାରେ ହିତାଧିକାରୀଙ୍କୁ ଚାଉଳ ଦିଆଯାଉଛି। ଏହାସହିତ ବର୍ଷାହେଲେ ଗୋଦାମଘରେ ଚାଉଳ ଭିଜି ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ବର୍ଷ ବର୍ଷ ଧରି ଏଭଳି ସମସ୍ୟା ଦେଖାଦେଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଦିବାସୀ ଅଧ୍ୟୁଷିତ ବାଣ୍ଟପୁର ପଞ୍ଚାୟତ କାର୍ଯ୍ୟାଳୟକୁ ନେଟ୍‌ୱର୍କ ସମସ୍ୟା ବର୍ଷ ବର୍ଷ ଧରି ଦେଖାଦେଇଛି। ଅଧିକାଂଶ ସମୟରେ ହିତାଧିକାରୀ ଆସି ସରକାରଙ୍କ ମୌଳିକ ସୁବିଧା ନପାଇ ଫେରୁଛନ୍ତି। କେତେବେଳେ ଭଡା ମିଳୁନଥିବା ବେଳେ ଆଉ କେତେବେଳେ ରାସନ ପାଇବାରୁ ବଞ୍ଚିତ ହେଉଛନ୍ତି। ଏବେ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ରାସନ ଯାଞ୍ଚକରି କାହାର କେତେ କିଲୋ ଚାଉଳ ନେବାକୁ ଅଛି ତାହା ବାଲି ବସ୍ତାପକାଇ ଓଜନ କରାଯାଉଛି। ଏହାପରେ ଖାତାରେ ତାହା



ଲେଖି ପଠାଇଲେ ଗୋଦାମ ଘରୁ ଚାଉଳ ମିଳୁଛି। କେବଳ ନେଟ୍‌ୱର୍କ ସମସ୍ୟା ଅଛି ତାହା ନୁହଁ ଗୋଦାମ ଘରକୁ ଦେଖିଲେ ବସ୍ତା ବସ୍ତା ଚାଉଳ ନଷ୍ଟ ହୋଇ ଖତ ଖାଉଥିବା ଦେଖିବାକୁ ମିଳିଛି। ବର୍ଷାଦିନେ ଗୋଦାମ ଘରେ ପାଣିପଶି ଲୋକଙ୍କ ଚାଉଳ ଭିଜୁଛି। ପଞ୍ଚାୟତ ପିଇଓ ତଳେ ଜରିପାଲ ପକାଇ ଚାଉଳକୁ ରଖିଥିଲେ ମଧ୍ୟ ତଳୁ ପାଣି ଆସି ଚାଉଳ ଭିଜିଯାଉଛି। ଗୋଦାମ ଘରକୁ ମରାମତି କରିବା ନଚେତ ନୂତନ ଗୋଦାମ ଘର ନିର୍ମାଣ କରିବାକୁ ଦାବିହୋଇଛି। ଯଦି ବର୍ଷାପାଣିରେ ୧୦ରୁ ୧୨ବସ୍ତା ଚାଉଳ ନଷ୍ଟ ହୁଏ ତେବେ ଏଥିପାଇଁ ଦାୟି କିଏ ରହିବେ ଓ ସେହି ଚାଉଳ ଲୋକେ କେଉଁଠୁ ପାଇବେ ବୋଲି ପ୍ରଶ୍ନ ଛିଡ଼ା ହୋଇଛି। ପଞ୍ଚାୟତ ପିଇଓ ଦ୍ୱାରିକାନାଥ ପ୍ରହରାଜଙ୍କୁ ପଚାରିବାରେ ବିଡ଼ିଓଙ୍କୁ ଏସଂପର୍କରେ ଅବଗତ କରାଯାଇଥିବା ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ପଞ୍ଚାୟତର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନେଟ୍‌ୱର୍କ ସମସ୍ୟା ଦୂର କରିବା ସହିତ ନୂତନ ଚାଉଳ ଗୋଦାମଘର ତିଆରି କରିବା ଉପରେ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଦାବି ହୋଇଛି।

# ବିକାଶ ପରିଷଦ ପକ୍ଷରୁ ଅନାଥ ପିଲାଙ୍କୁ ସହାୟତା ପ୍ରଦାନ

**ବୟାଳିଶମୌଜା,୨୬।୬/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ ବୟାଳିଶମୌଜା ଅନ୍ତର୍ଗତ ଝାରକଟା ଗ୍ରାମର ବାସିନ୍ଦା ସ୍ୱର୍ଗତ ଇନ୍ଦ୍ରମଣି ସାହୁଙ୍କ ପରିବାରରେ ଦେଖିବାକୁ ମିଳିଛି ଏକ ହୃଦୟ ବିଦାରକ ଘଟଣା। ଦୁଇ ବର୍ଷ ପୂର୍ବେ ଇନ୍ଦ୍ରମଣି ସାହୁଙ୍କ ଦେହାନ୍ତ ହୋଇଯିବାରୁ ପତ୍ନୀ ମୀନତି ସାହୁ ତାଙ୍କର ୧୫ବର୍ଷର କନ୍ୟା ଓ ୮ବର୍ଷର ପୁତ୍ରଙ୍କୁ ନେଇ ଦୁଃଖକଷ୍ଟରେ ଜୀବନଯାପନ କରିଆସୁଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଇତିମଧ୍ୟରେ ମୀନତି ସାହୁଙ୍କର ମଧ୍ୟ ବିୟୋଗ ହୋଇଯିବାରୁ ତାଙ୍କର ସନ୍ତାନ ଦ୍ୱୟ ସମ୍ପୂର୍ଣ୍ଣ ରୂପେ ଅନାଥ ତଥା ବେସାହାରା ହୋଇଯାଇଛନ୍ତି। କନ୍ୟା ବୈଶାଖୀ, ସୁଦର୍ଶନ ମହାବିଦ୍ୟାଳୟର +୨ ପ୍ରଥମ ବର୍ଷର ଛାତ୍ରୀ ଓ ପୁତ୍ର, ବେଣ୍ଟକାର ପିଏମ୍‌ଶ୍ରୀ ନୋଡାଲ ବିଦ୍ୟାଳୟର ଛାତ୍ର। ଏଭଳି ଏକ ଦୁଃଖ ଦାୟକ ଅବସ୍ଥାରେ ବୈଶାଖୀ ନିଜର ସାନଭାଇଙ୍କୁ ନେଇ କିଭଳି ଭାବେ କାଳାତିପାତ କରିବେ ଏକଥା ଚିନ୍ତା କରି ସେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଖବର ପାଇ ବୟାଳିଶମୌଜା ବିକାଶ ପରିଷଦର ସଦସ୍ୟମାନେ ତାଙ୍କ ଝାରକଟା ସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ସମଦୁଃଖରେ ଭାଗୀଦାର ହୋଇ ଅନାଥ ପିଲା ଦୁଇଟିଙ୍କୁ ସାନ୍ତ୍ୱନା ଦେଇଥିଲେ ଓ ଆବଶ୍ୟକ ସମୟରେ ବିକାଶ ପରିଷଦ ତାଙ୍କ ସହିତ ରହିଛି ବୋଲି ସାହସ ଦେଇଥିଲେ। ଏଥିସହିତ ପରିଷଦର ସଭାପତି ଆଇନଜୀବୀ କେଶବ ଚନ୍ଦ୍ର କରଙ୍କ ତତ୍ତ୍ୱାବଧାନରେ, ସମ୍ପାଦକ ସନ୍ତୋଷ ପତି, ଉପସଭାପତି ଗୌତମ ପରିଡା, ସହସମ୍ପାଦକ ସୁରେଶ ଦେବତା, ସୁବାସ ଚନ୍ଦ୍ର ସାହୁ, ଜ୍ୟୋତିରଞ୍ଜନ ଭୋଳ, ପରେଶ ମହାନ୍ତି, ସୁଧାକର ଦେବତା, ରବିନ୍ଦ୍ର ଦେବତା, ବିଜୟ କୁମାର ଦାସ, ସଂଯୋଜକ ନିକୁଞ୍ଜ ସ୍ୱାଇଁ, ସନ୍ତୋଷ ସାହୁ, ବସନ୍ତ ଦେବତା, ଅଶୋକ କୁମାର ମୁଦୁଲି, ସଞ୍ଜୟ ବେହେରା, ଜରୁରୀ କଲ୍ୟାଣ ପାଣ୍ଠିକୁ ଦାନ କରିଥିବା ହିମାଂଶୁ ଶେଖର ପାଣି, ନାରାୟଣ ଭୋଇ, ସତ୍ୟଜିତ ପ୍ରଧାନ, ସ୍ମୃତିରଞ୍ଜନ ଜେନା, ବିକାଶ ପରିଷଦର ସମସ୍ତ ଉପଦେଷ୍ଟା ମାନଙ୍କ ଉପସ୍ଥିତିରେ ଦୁଇ ନିରାଶ୍ରୟ ପିଲାଙ୍କୁ, ପରିଷଦର ଜରୁରୀ କଲ୍ୟାଣ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅନାଥ ପିଲା ଦୁଇଟି, ଆଗାମୀ ଦିନରେ ଯେଭଳି ଭାବରେ ନିଜକୁ ଅସହାୟ ମନେ ନ କରନ୍ତି ସେଥିପାଇଁ ସମସ୍ତ ସହାୟତାର ବ୍ୟବସ୍ଥା ବିକାଶ ପରିଷଦ ତରଫରୁ କରାଯିବ ବୋଲି ସମ୍ପାଦକ ସନ୍ତୋଷ କୁମାର ପତି ପ୍ରକାଶ କରିଛନ୍ତି।

# ୧୦୦ ଗରିବ, ଭିନ୍ନକ୍ଷମ ପରିବାରକୁ ସହାୟତା ପ୍ରଦାନ

**ଖୋର୍ଦ୍ଧା,୨୬।୬/ଏନ୍‌ଏନ୍‌ଏସ୍:** ଆଜି ଖୋର୍ଦ୍ଧା ଜିଲ୍ଲା ଶରଧାରପୁର ଗ୍ରାମରେ ଅକିକ ୱେଲ୍‌ଫେୟାର୍ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମୋହରମ ପର୍ବର ଏକ ଅଭିନବ ପ୍ରୟାସ ଯେଉଁଥିରେ ହିନ୍ଦୁ, ମୁସଲମାନ ସମସ୍ତେ ଅସହାୟ ଓ ଗରିବ ଶ୍ରେଣୀର ପରିବାରକୁ ୧୦କିଲୋ ଅଟା ପ୍ୟାକେଟ ପ୍ରାୟ ୧୦୦ଜଣ ପରିବାରକୁ ମାଗଣା ବଣ୍ଟନ କରାଯାଇଛି। ସ୍ଥାନୀୟ ବେଣାପଞ୍ଜୁରି, ବିଶିଆପଡା ସରଧାପୁର, ତରତୁଆ ଗ୍ରାମର ଅସହାୟ ଭିନ୍ନକ୍ଷମ, ବିଧବା ମହିଳା, ବୃଦ୍ଧା ଏବଂ ଅନାଥମାନଙ୍କୁ ମାଗଣା ରାସନ ପ୍ରଦାନ କରାଯାଇଛି। କାର୍ଯ୍ୟଟି ୨୪ ତାରିଖ ବେଣାପାଞ୍ଜରୀ ପୁରୁଣା ମଦରସା ଏବଂ ଆଜି ସରଧାପୁର ମହମ୍ମଦ ରଫିକଙ୍କ ନିଜ ବାସସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଏହି ମହତ୍ କାର୍ଯ୍ୟ ଅକିକ୍ ୱେଲ୍‌ଫେୟାର୍ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ମହମ୍ମଦ ରଫିକଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଫାଓଉଣ୍ଡେସନର ମୂଳ ଲକ୍ଷ୍ୟ ଅତି ଗରିବ ଲୋକ ଯାହାର କେହି ସାହା ଭରସା ନଥିବେ, ଯିଏ ଶାରୀରିକ ଅକ୍ଷମ, ଅନାଥ, ବିଧବା ମହିଳା, ବୃଦ୍ଧା କିମ୍ବା ଅନ୍ୟ କୌଣସି କାରଣରୁ ଅଭାବ ଅନାଟନରେ ଜୀବନଜୀବିକା କରୁଥିବା ସେହିଭଳି ବ୍ୟକ୍ତିବିଶେଷଙ୍କୁ ସାହାଯ୍ୟ ହାତଦେଇ ଆଶୀର୍ବାଦର କାମନା କରେ ବୋଲି ଅକିକ ୱେଲ୍‌ଫେୟାର ଫାଉଣ୍ଡେସନ ଅଧ୍ୟକ୍ଷ ମହମ୍ମଦ ରଫିକ କହିଛନ୍ତି। ବିଶେଷ କରି ଲୋକମାନଙ୍କର ଜରୁରୀ ଆବଶ୍ୟକ ହେଉଛି ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ଏହି ସମସ୍ତ ଉଦେଶ୍ୟକୁ ନଜର ରଖି ପୂର୍ବ ବର୍ଷ ୨୦୨୫ ଜୁନ ମାସରେ ଆରମ୍ଭ କରିଥିଲେ ଏହି ଅକିକ ୱେଲ୍‌ଫେୟାର ଫାଉଣ୍ଡେସନଟିକୁ। ଆରମ୍ଭର ପରଠାରୁ ବହୁ ସମାଜ ସେବି ମହମ୍ମଦ ରଫିକ ସହ ମିଶି ସହଯୋଗ କରୁଛନ୍ତି। ଏହି ସଂସ୍ଥାନ ବହୁ ଗୁଡିଏ ମହତ୍ୱପୂର୍ଣ୍ଣ କାର୍ଯ୍ୟ କରିଆସିଛି ଯାହାକି ଗରିବ ଝିଅକୁ ସମଗ୍ର ଆବଶ୍ୟକ ସାମଗ୍ରୀ ଦେଇ ବିଭାହ କରିବା, ରମଜାନ ମାସରେ ଅତ୍ୟାବଶକ ରାସନ ବଣ୍ଟନ କରିବା, ଲୁଗା ବିତରଣ କରିବା ଆଦି କାର୍ଯ୍ୟ କରାଯାଇଛି। ଆଗକୁ




ଫାଉଣ୍ଡେସନ ପାକ୍ଷରୁ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି ଯେଉଁଥିରେ ଅତି ଗରିବ ଶ୍ରେଣୀର ପୁଅ ଝିଅ ଯିଏ ଭଲ ପାଠ ପଢିବାକୁ ଚାହିଁବେ ସେମାନଙ୍କୁ ସାହାଯ୍ୟ କରାଯିବ ବୋଲି ଫାଉଣ୍ଡେସନ ଅଧ୍ୟକ୍ଷ ମହମ୍ମଦ ରଫିକ୍ କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଅନେକ ସମାଜସେବୀ ତଥା ତରତୁଆ ଗ୍ରାମର ମହମ୍ମଦ ୱାହିଦ, ସରଧାପୁର ଗ୍ରାମର ହାଜି ଇସ୍ମାଇଲ, ମହମ୍ମଦ ସାଦାତ ଅଲି, ମହମ୍ମଦ ଫକୁରୁଦ୍ଦିନ ଓ ମହମ୍ମଦ ଯାଇମୁଲ ହକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ମହତ୍ କାର୍ଯ୍ୟକ୍ରମର ଅଧକ୍ଷ ମହମ୍ମଦ ରଫିକଙ୍କ ଭଳି ଧାର୍ମିକ ବ୍ୟକ୍ତିଙ୍କ ମଙ୍ଗଳ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।

